

ଭୁଲଭୁଲେୟା ୪ରେ ଅନନ୍ୟା

▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-130 ♦THURSDAY ♦6 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୦ ♦ଗୁରୁବାର ♦୬ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଜୋହରନ୍ ମମ୍‌ଦାନୀ ନ୍ୟୁୟର୍କର ମେୟର ନିର୍ବାଚିତ

■ **ଭୁବନେଶ୍ୱର/ନ୍ୟୁୟର୍କ, ୫ ।୧୧ (ସମିସ):** ଭାରତୀୟ ବଂଶୋଦ୍ଭବ ଜୋହରନ୍ ମମ୍‌ଦାନୀ ଆମେରିକାରେ ଇତିହାସ ରଚିଛନ୍ତି । ଗତକାଲି ଅନୁଷ୍ଠିତ ମେୟର ନିର୍ବାଚନରେ ସେ ଡେମୋକ୍ରାଟିକ୍ ପାର୍ଟିରୁ ଲଢ଼ି ନ୍ୟୁୟର୍କର ପୂର୍ବତନ ଗଭର୍ଣ୍ଣର ତଥା ନିର୍ଦ୍ଦଳୀୟ ପ୍ରାର୍ଥୀ ଆଣ୍ଡ୍ର୍ୟୁ କୁଓମୋ ହରାଇ ଇତିହାସ ରଚନା କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ କର୍ଟିସ୍ ସ୍ଲିୱା ତୃତୀୟ ସ୍ଥାନରେ ରହିଛନ୍ତି । ଏହି ବିଜୟ ସହିତ ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ମୁସଲିମ ମେୟର ହେବାର ସୌଭାଗ୍ୟ ପାଇଛନ୍ତି । ତାଙ୍କୁ ୫୦.୪ ପ୍ରତିଶତ ମତଦାନ ମିଳିଥିଲା ବେଳେ ଆଣ୍ଡ୍ର୍ୟୁ କୁଓମୋ ୪୧ ପ୍ରତିଶତ ମତଦାନ (୮.୫ ଲକ୍ଷ ଭୋଟ୍) ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଅନ୍ୟପଟେ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ପ୍ରାର୍ଥୀ କର୍ଟିସ ସିଲୱା ମାତ୍ର ୭.୧ ପ୍ରତିଶତ ଭୋଟ (୧.୪୫ ଲକ୍ଷ) ପାଇ ତୃତୀୟ ସ୍ଥାନରେ ରହିଛନ୍ତି ।

୩୪ବର୍ଷୀୟ ଜୋହରାନ୍ ହେଉଛନ୍ତି ସୁନ୍ଦରଗଡ଼ର ପୂର୍ବତନ ଜିଲ୍ଲାପାଳ ଅମୃତଲାଲ ନାୟାରଙ୍କ ନାତି । ୧୯୫୮ରେ ଅମୃତଲାଲ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ । ଜଣେ ବିଚାରବନ୍ତ, ଦୂରଦୃଷ୍ଟିସମ୍ପର୍ଣ୍ଣ ଜିଲ୍ଲାପାଳ ଭାବେ ସୁନ୍ଦରଗଡ଼ର ବିକାଶ ପାଇଁ ଅନେକ ଲୋକପ୍ରିୟ କାର୍ଯ୍ୟ କରିଛନ୍ତି । ତାଙ୍କ ଉଦ୍ୟମରେ ସୁନ୍ଦରଗଡ଼ରେ ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟ ▶ପୃଷ୍ଠା-୭

**ରାଉରକେଲା ଜନ୍ମିତ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ମୀରା ନାୟାରଙ୍କ ପୁଅ ମମ୍‌ଦାନୀ**

**ସୁନ୍ଦରଗଡ଼ର ପୂର୍ବତନ ଜିଲ୍ଲାପାଳ ଅମୃତଲାଲ ନାୟାରଙ୍କ ନାତି**

**ଶୁଭେଚ୍ଛା ଜଣାଇଲେ ନବୀନ**



# ମହାକାଶରେ ଡାଟା ସେଣ୍ଟର ନିର୍ମାଣ କରିବ ଗୁଗଲ୍

■ **ୱାଶିଂଟନ୍, ୫।୧୧(ଏଜେନ୍ସି):** ଟେକ୍ ଜାଏଣ୍ଟ ଗୁଗଲ୍ ଏବେ ମହାକାଶରେ ଏକ ଡାଟା ସେଣ୍ଟର ନିର୍ମାଣ କରିବାକୁ ଯୋଜନା କରୁଛି । ଏହି ପ୍ରୋଜେକ୍ଟକୁ 'ସନ୍ କ୍ୟାଚର୍' ' ନାମ ଦିଆଯାଇଛି । ଗୁଗଲ୍ ସିଇଓ ସୁନ୍ଦର ପିଚାଇ ଏକ୍ସ' ରେ ଏକ ପୋଷ୍ଟରେ ଏହି ସୂଚନା ସେୟାର କରିଛନ୍ତି । ଏହି ପ୍ରୋଜେକ୍ଟ ଅନ୍ତର୍ଗତ, ଗୁଗଲ୍ ସୌର ପ୍ୟାନେଲ୍ ସହିତ ସଜ୍ଜିତ ସାଟେଲାଇଟ୍ ମହାକାଶକୁ ପଠାଇବ । ଏହାର ଅର୍ଥ ହେଉଛି ସେମାନେ ଶକ୍ତି ପାଇଁ ସୂର୍ଯ୍ୟକିରଣ ବ୍ୟବହାର କରିବେ । କାରଣ ପୃଥିବୀରେ ଥିବା ଡାଟା ସେଣ୍ଟରଗୁଡ଼ିକ ବିଦ୍ୟୁତ୍, ପାଣି ଏବଂ ସ୍ଥାନ ସହିତ ବଢ଼ୁଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସାଟେଲାଇଟ୍‌ଗୁଡିକ ଏଆଇ କାର୍ଯ୍ୟ ପାଇଁ ଡିଜାଇନ୍ ହୋଇଥିବା ଗୁଗଲ୍‌ର ସର୍ବଶେଷ ଏଆଇ ଚିପ୍ସ, ଟ୍ରିଲିୟମ୍‌ଟିପିୟୁଏସ୍ ସହିତ ସଜ୍ଜିତ ହେବ । ଏହି ସାଟେଲାଇଟ୍ ଗୁଡିକ ଫ୍ରି-ସ୍ପେସ୍ ଅପ୍ଟିକାଲ୍ ଲିଙ୍କ୍ ନାମକ ଏକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପରସ୍ପର ସହିତ ସଂଯୋଗ ହେବେ । ଗୁଗୁଲ୍ କହିଛି ଯେ ୮୧ ଟି ଉପଗ୍ରହର କ୍ଲଷ୍ଟର ମାତ୍ର ୧ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଉଡ଼ିବ, ଯାହା ଡାଟା ସ୍ଥାନାନ୍ତରକୁ ସହଜ କରିବ । ଏହାର ଅର୍ଥ ହେଉଛି ସେମାନେ ଲେଜର ଆଲୋକ ବ୍ୟବହାର କରି କୌଣସି ଓ୍ୱାୟାର ବିନା ହାଇ-ସ୍ପିଡ୍ ଡାଟା ସେୟାର କରିବେ । ସରଳ ଭାଷାରେ, ପୃଥିବୀରେ ବିଦ୍ୟୁତ୍ ଅଭାବ ଏବଂ ଅନ୍ୟାନ୍ୟ ସମସ୍ୟାକୁ ଏଡାଇବା ପାଇଁ ଗୁଗଲ୍ ମହାକାଶରେ ସୂର୍ଯ୍ୟର ମୁକ୍ତ ଶକ୍ତିକୁ ବ୍ୟବହାର କରି ଏଆଇକୁ ସୁପରଫାଷ୍ଟ କରିବାକୁ ଚାହୁଁଛି ।

ଏ ସମ୍ପର୍କରେ ଗୁଗଲ୍ ର ବରିଷ୍ଠ ନିର୍ଦ୍ଦେଶକ ଟ୍ରାଭିସ୍ ବିଲ୍ସ କହିଛନ୍ତି ଯେ ସୂର୍ଯ୍ୟ ହେଉଛି ଆମର ସୌରମଣ୍ଡଳ ପାଇଁ ସର୍ବୋତ୍ତମ ଶକ୍ତି ଉତ୍ସ, ଯାହା ବିଶ୍ୱର ମୋଟ ▶ପୃଷ୍ଠା-୭



**ପ୍ରୋଜେକ୍ଟ 'ସନ୍ କ୍ୟାଚର୍' ଘୋଷଣା**

**୨୦୨୭ରେ ଲଞ୍ଚ୍ ହେବ ୨ ପ୍ରୋଟୋଟାଇପ୍ ସାଟେଲାଇଟ୍**

# 'ବ୍ଲାକ୍‌ଲିଷ୍ଟ' ସଂସ୍ଥାକୁ ଆଦର

## ଗାଡ଼ିରେ ଭିଏଲ୍‌ଟିଡି ଲଗାଇବ ସିଡିଏସି



**ନିର୍ଦ୍ଦିଷ୍ଟ ସଂସ୍ଥା ପାଇଁ କୋହଳ ହୋଇଛି ସବୁ ସରକାରୀ ନିୟମ**

**ବିଏସ୍ଏନ୍ଏଲ୍‌କୁ ଛାଡ଼ି ଘରୋଇ ସଂସ୍ଥା ସହ ଚୁକ୍ତି ଯୋଜନାକୁ ନେଇ ଉଠିଲା ପ୍ରଶ୍ନ**

■ **ଭୁବନେଶ୍ୱର, ୫।୧୧ (ସମିସ):** ଦେଶକୁ ଦୋହଲାଇ ଦେଇଥିବା ନିର୍ଭୟା ଘଟଣା ପରେ ସୁପ୍ରିମକୋର୍ଟ ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ 'ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍' (ଭିଏଲ୍‌ଟିଡି) ବ୍ୟବସ୍ଥା ଆପଣାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବିଭିନ୍ନ ରାଜ୍ୟ ସରକାର ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ ଭିଏଲ୍‌ଟିଡି ଲଗାଉଛନ୍ତି । ଓଡ଼ିଶାରେ ଏଯାଏ ୫୨ ହଜାର ଗାଡ଼ିରେ ଏହି ବ୍ୟବସ୍ଥା ହୋଇ ସାରିଛି ଓ ଆହୁରି ୨ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ିରେ ଏହି ଯନ୍ତ୍ରାଂଶ ଲଗାଯିବା ବାକିଅଛି । ସମ୍ପ୍ରତି ଏହି ଯନ୍ତ୍ରାଂଶ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ସିଡ଼ିଏସି ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି ଓ ଦିନେ ଦୁଇଦିନ ମଧ୍ୟରେ ଏଥିନେଇ ଚୁକ୍ତିନାମା ସ୍ୱାକ୍ଷର ହେବ ବୋଲି ସୂଚନା ମିଳିଛି । ମାତ୍ର ପଞ୍ଜାବରେ କଳାତାଲିକାଭୁକ୍ତ ହୋଇଥିବା ଓ କାର୍ଯ୍ୟରେ ବିଳମ୍ବ ଯୋଗୁଁ ପଶ୍ଚିମବଙ୍ଗରେ ଜୋରିମାନା ଦେଇଥିବା ଏହି ସଂସ୍ଥାପ୍ରତି ରାଜ୍ୟ ପରିବହନ ବିଭାଗର ଅହେତୁକ ଆଦର ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ରାଜ୍ୟରେ ଭିଏଲ୍‌ଟିଡ଼ି ବ୍ୟବସ୍ଥାରେ ସହଭାଗୀ ହେବା ନିମନ୍ତେ ଭାରତୀୟ ସଂଚାର ନିଗମ (ବିଏସ୍ଏନ୍ଏଲ୍) ଏବଂ ଟିସିଆଇଏଲ୍ ଭଳି ଦୁଇଟି ରାଷ୍ଟ୍ରାୟତ୍ତ ସଂସ୍ଥା ଆଗ୍ରହ ପ୍ରକାଶ କରିଥିଲେ । ରାଜ୍ୟ ସରକାର ଟେଣ୍ଡର ବିଧିବ୍ୟବସ୍ଥା ଅନୁଯାୟୀ ଆବେଦନ କରିଥିଲେ । ଟେଣ୍ଡର ନିୟମ ଅନୁଯାୟୀ କେବଳ ସୋସାଇଟି ଆକ୍ଟରେ ପଞ୍ଜିକରଣ ସଂସ୍ଥା ଓ ରାଜ୍ୟରେ ଜିଏସ୍‌ଟି କରିଥିବା ସଂସ୍ଥାକୁ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ହେଲେ ସିଡିଏସି ପକ୍ଷରେ ଏହାକୁ ବ୍ୟତିକ୍ରମ ହୋଇଛି । କାରଣ 'ସିଡିଏସି' ଟ୍ରଷ୍ଟ ଆଇନ୍ ଅନୁସାରେ ଓ ଅଲଗା ରାଜ୍ୟର ପଞ୍ଜିକୃତ ଏକ ସଂସ୍ଥା । ଅତୀତରେ ପଶ୍ଚିମବଙ୍ଗ ସରକାର ଏହି ସଂସ୍ଥା ଉପରେ ଜୋରିମାନା ଲାଗୁ କରିବା ସହ ଏହି ସଂସ୍ଥାର କାର୍ଯ୍ୟାଦେଶ ବାତିଲ କରିଛନ୍ତି । ସେହିପରି ପଞ୍ଜାବ ସରକାର ମଧ ଏହି ସଂସ୍ଥାକୁ ପ୍ରଶ୍ନପତ୍ର ଲିକ୍ ମାମଲାରେ କଳାତାଲିକା ଭୁକ୍ତ କରିଛନ୍ତି । ସେହିପରି ରାଷ୍ଟ୍ରାୟତ୍ତ ସଂସ୍ଥା ପକ୍ଷରୁ ଦିଆଯାଇଥିବା କୋଟେସନ ତୁଳନାରେ ଏହି ସଂସ୍ଥା ୨ ଗୁଣା ଅଧିକ ଦର ଧାର୍ଯ୍ୟ କରିଥିବା ସତ୍ତ୍ୱେ ଏହି ସଂସ୍ଥା ସହିତ ଚୁକ୍ତି କରିବା ପାଇଁ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଏହି ସଂସ୍ଥା ଆଗାମୀ ୩ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିମାନା କରିବ । ସମସ୍ତ ଯୋଗ୍ୟତା ସତ୍ତ୍ୱେ ଏହି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦିଆଯାଇ ସିଡିଏସି କାର୍ଯ୍ୟଭାର ▶ପୃଷ୍ଠା-୭




# ୭ରେ ପୁଣି ନୂଆପଡ଼ା ଯିବେ ନବୀନ

■ **ଭୁବନେଶ୍ୱର, ୫।୧୧ (ସମିସ):** ଆସନ୍ତା ୭ ତାରିଖରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦ୍ୱିତୀୟଥର ପାଇଁ ନୂଆପଡ଼ା ଗସ୍ତରେ ଯିବେ । ବୁଧବାର ନବୀନ ଏ ନେଇ ନିଜେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି । ନୂଆପଡ଼ାବାସୀଙ୍କୁ ଜୁହାର ଜଣାଇ ନବୀନ କହିଛନ୍ତି ଯେ କୋମନାର ସଭା ଲାଗି ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ । ମୁଁ ପୁଣିଥରେ ୭ ତାରିଖ ନୂଆପଡ଼ା ଆସୁଛି । ନୂଆପଡ଼ା ଆଉ ଖରିଆର ରୋଡ ଯିବି । ଆପଣମାନଙ୍କ ସହ ଦୁଇପଦ କଥା ହେବି । ଆଉ ଆଶୀର୍ବାଦ ମାଗିବି ବୋଲି ନବୀନ କହିଛନ୍ତି । ସୂଚନା ଅନୁଯାୟୀ ନବୀନ ୭ ତାରିଖରେ ଖରିଆର ରୋଡଠାରୁ ନୂଆପଡା ଯାଏଁ ବିଶାଳ ରୋଡ ଶୋ କରିବାର କାର୍ଯ୍ୟକ୍ରମ ରହିଛି ।

**ଆଜି ପ୍ରଚାର କରିବେ ମୋହନ-ବିଷ୍ଣୁଦେବ**

ଗତ ୩ ତାରିଖରେ ନବୀନ ନୂଆପଡ଼ା କୋମନା ବ୍ଲକ ଅନ୍ତର୍ଗତ ଧାନମଣ୍ଡି ପଡ଼ିଆଠାରେ ଆୟୋଜିତ ବିଶାଳ ସମାବେଶରେ ଯୋଗ ଦେଇଥିଲେ । ସମାବେଶ ସ୍ଥଳରୁ ନବୀନ ▶ପୃଷ୍ଠା-୭

## ୭ରେ ଆସିବେନି ରେବନ୍ତ!

**ସନ୍ଦେହରେ ସଚିନ ପାଇଲଟ୍ ଓ କହ୍ନେୟାଙ୍କ ଗସ୍ତ**

■ **ଭୁବନେଶ୍ୱର, ୫।୧୧ (ସମିସ):** ଆସନ୍ତା ୭ ତାରିଖରେ ନୂଆପଡ଼ା ଗସ୍ତରେ ଆସି ନ ପାରନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ । ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ଭୋଟ୍ ଭିକ୍ଷା କରାବା ନେଇ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା; ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଗସ୍ତ ସମ୍ପର୍କରେ ତେଲେଙ୍ଗାନା ▶ପୃଷ୍ଠା-୭

# ରାଜ୍ୟରେ ପହିଲି ଶୀତ

■ **ଭୁବନେଶ୍ୱର, ୫।୧୧ (ସମିସ):** ରାଜ୍ୟରେ ଆରମ୍ଭ ହୋଇଛି ଶୀତର ପ୍ରଭାବ । ଗତ ୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ହ୍ରାସ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ କମିଛି । ଏହାଦ୍ୱାରା ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି । ଗତ ୨୪ ଘଣ୍ଟାରେ ଫୁଲବାଣୀ ୧୨.୫ ଡିଗ୍ରୀ ସହ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେହିପରି ଏଠାରେ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ପ୍ରାୟ ୨.୫ ଡିଗ୍ରୀ ଖସିଛି । ସେହିପରି ଦାରିଙ୍ଗବାଡ଼ିରେ ତାମାତ୍ରା ୧୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୩.୩ ଡିଗ୍ରୀ ତାପମାତ୍ରା କମି ୧୪.୫ ଡିଗ୍ରୀ ରେକର୍ଡ ହୋଇଛି । ଏହା ବ୍ୟତତୀ ଅନୁଗୁଳ, ରାଉରକେଲା, କେନ୍ଦୁଝର ଓ ଢେଙ୍କାନାଳରେ ତାପମାତ୍ରା ୧୫ ଡିଗ୍ରୀକୁ ଖସିଛି । ବଡ଼ କଥା ହେଉଛି ଯେ ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳରେ ୬.୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି । ଏହା ବ୍ୟତୀତ ଦେଶର ରାଜଧାନୀ ନୂଆଦିଲ୍ଲୀଠାରୁ ରାଜ୍ୟର ରାଜଧାନୀରେ ଅଧିକ ଥଣ୍ଡା ଅନୁଭୂତ ହୋଇଛି । ଆଜି ରାଜଧାନୀ ▶ପୃଷ୍ଠା-୭

**୧୨ ଡିଗ୍ରୀକୁ ଖସିଲା ତାପମାତ୍ରା**

# ଆଜି ବିହାରରେ ଭୋଟ୍

## ପ୍ରଥମ ପର୍ଯ୍ୟାୟରେ ୧୨୧ ଆସନରେ ହେବ ମତଦାନ

■ **ପାଟନା, ୫ ।୧୧ (ଏଜେନ୍ସି):** ବିହାର ବିଧାନସଭା ପାଇଁ ଆସନ୍ତାକାଲି ଗୁରୁବାର ଦିନ ହେବାକୁ ଯାଉଛି ପ୍ରଥମ ପର୍ଯ୍ୟାୟ ମତଦାନ । ରାଜ୍ୟର ୧୮ଟି ଜିଲ୍ଲାର ୧୨୧ଟି ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ୧୧ତାରିଖରେ ଅବଶିଷ୍ଟ ଆସନରେ ଭୋଟ ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ୧୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ଆସନ୍ତାକାଲି ଯେଉଁ ନେତାମାନଙ୍କର ଭାଗ୍ୟ ନିର୍ଦ୍ଧାରିତ ହେବ ସେମାନଙ୍କ ମଧ୍ୟରେ ଅଛନ୍ତି ଆରଜେଡି ନେତା ତେଜସ୍ୱୀ ଯାଦବ, ତାଙ୍କ ଭାଇ ତେଜପ୍ରତାପ ଯାଦବ, ବିଜେପି ନେତା ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନା ଓ ଅନନ୍ତ ସିଂହ । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ସାମିଲ ଥିବା ୧୮ଟି ଜିଲ୍ଲା ହେଲା ପାଟନା, ଭୋଜପୁର, ବକ୍ସର, ଗୋପାଳଗଞ୍ଜ, ସିବାନ, ସାରନ, ମୁଜାଫରପୁର, ବୈଶାଳୀ, ସମଷ୍ଟିପୁର, ମାଧେପୁରା, ସହର୍ଶା, ଖାଗାରିଆ, ବେଗୁସରାଇ, ମୁଙ୍ଗେର, ଲକ୍ଷିସରାଇ, ଶେଖପୁରା ଓ ନାଳନ୍ଦା । ଏହି ନିର୍ବାଚନରେ ଦରଭଙ୍ଗା, ମୁଙ୍ଗେର ଓ ପାଟନା ଡିଭିଜନ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି ।

ଶାସକ ଏନ୍‌ଡିଏରୁ ଜେଡିୟୁ ୫୭, ବିଜେପି ୪୮, ଏଜେପି (ରାମ ବିଳାଶ) ୧୩, ଆରଏଲ୍ଏମ୍ ୨, ହାମ୍ ଗୋଟିଏ ଆସନରେ ପ୍ରାର୍ଥୀ ଦେଇଛନ୍ତି । ସେହିପରି ଇଣ୍ଡିଆ ମହାମେଣ୍ଟ ପକ୍ଷରୁ ଆରଜେଡି ୭୨, କଂଗ୍ରେସ ୨୪, ସପିଆଇ(ଏମ୍ଏଲ) ୧୪ ଓ ଭିଆଇପି ଏବଂ ସିପିଆଇ ୬ଟି ଲେଖାଏ ଆସନରେ ପ୍ରାର୍ଥୀ ଦେଇଛନ୍ତି ।



**ତେଜସ୍ୱୀ, ତେଜପ୍ରତାପଙ୍କ ସମେତ ୧, ୩୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ**

## ଓପିଏସ୍ ନିଯୁକ୍ତି ଆଶାୟୀ ନିରାଶ

# କେବଳ ପଦୋନ୍ନତିରେ ୮୯% ପଦ ପୂରଣ

■ **ଭୁବନେଶ୍ୱର, ୫।୧୧ (ସମିସ):** ରାଜ୍ୟରେ ଖାଲି ପଡ଼ିଛି ଶତାଧିକ ଓଡ଼ିଶା ପୁଲିସ ସେବା (ଓପିଏସ୍) ପଦ । ହେଲେ ନୂତନ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ । କେବଳ ପଦୋନ୍ନତି ମାଧ୍ୟମରେ ଓପିଏସ୍ ଅର୍ଦ୍ଧାଧିକ ପଦ ପୂରଣ କରାଯାଉଛି । ଯାହାକୁ ଆଶାୟୀମାନେ ଦୃଢ଼ ବିରୋଧ କରିଛନ୍ତି । ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷା ସମୟରେ ପର୍ଯ୍ୟାପ୍ତ ଓପିଏସ୍ ପଦ ବାହାର କରିବା ପାଇଁ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନା ଆଇନ୍‌ରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୧ରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାଜ୍ୟରେ ମୋଟ୍ ୯୦୮ ଜଣ ଓପିଏସ୍ ଅଧିକାରୀ ପଦ ପୂରଣ କରାଯାଇଛି । ହେଲେ ତନ୍ମଧ୍ୟରୁ ୮୦୬ଟି ପଦରେ ଇନ୍ସପେକ୍ଟରଙ୍କୁ ପଦୋନ୍ନତି ଦିଆଯାଇ ଓପିଏସ୍ ପଦ ପୂରଣ କରାଯାଇଛି । ସେମାନଙ୍କୁ ଡିଏସ୍‌ପି ଭାବେ ଅବସ୍ଥାପିତ କରାଯାଉଛି । ଅନୁରୂପ ଭାବେ ଠିକ୍ ଏହି ସମୟ ଅବଧି ମଧ୍ୟରେ ମାତ୍ର ୧୦୨ ଜଣ ପ୍ରାର୍ଥୀଙ୍କୁ ନୂତନ ଭାବେ ନିଯୁକ୍ତି ଦିଆଯାଇଛି । ଅର୍ଥାତ୍ ମାତ୍ର ୧୧ ପ୍ରତିଶତ ପଦରେ ଛାତ୍ରଛାତ୍ରୀଙ୍କୁ ସିଧାସଳଖ ଭାବେ ନିଯୁକ୍ତି ▶ପୃଷ୍ଠା-୭

**ମାତ୍ର ୧୧ ପ୍ରତିଶତ ନୂତନ ପିଲାଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି**

**ନିଯୁକ୍ତି ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

## ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ

# ସରିଲା ରିମାଣ୍ଡ ଅବଧି, ଜେଲ୍ ଗଲେ ମୁନା ସମେତ ୩ ଦଲାଲ

■ **ବ୍ରହ୍ମପୁର, ୫।୧୧(ସମିସ):** ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଗିରଫ ମୁନା ମହାନ୍ତି, ପ୍ରିୟଦର୍ଶନୀ ସାମଲ ଓ ଲୋକନାଥ ସାହୁଙ୍କ ୫ଦିନିଆ ରିମାଣ୍ଡ ଶେଷ ପରେ ବୁଧବାର କ୍ରାଇମବ୍ରାଞ୍ଚ ସ୍ଥାନୀୟ କୋର୍ଟରେ ହାଜର କରି ବ୍ରହ୍ମପୁର ଜେଲ୍‌କୁ ପଠାଇଦେଇଛି ।

ଏମାନଙ୍କୁ କଟକରେ ଜେରା ପରେ ବୁଧବାର ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଥିଲା । ସେହିପରି ମଙ୍ଗଳବାର ସନ୍ଧ୍ୟା ୫ଟା ୨୦ରେ କ୍ରାଇମବ୍ରାଞ୍ଚ ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପ୍ରୁଷ୍ଟି ଓ ବାଲେଶ୍ୱରର ଦଲାଲ ଅରବିନ୍ଦ ଦାଶଙ୍କୁ ୫ଦିନିଆ ରିମାଣ୍ଡରେ ନେଇଛି । ଉଭୟ ଶଙ୍କର ଓ ଅରବିନ୍ଦଙ୍କୁ ଅଧିକ ପଚରାଉଚରା ପାଇଁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମ୍ଏଫ୍‌ସି ରୁରାଲ କୋର୍ଟରେ ୭ଦିନିଆ ରିମାଣ୍ଡ ଆବେଦନ କରିଥିଲା । ତେବେ ପିଟିସନର ଶୁଣାଣି କରି କୋର୍ଟ ▶ପୃଷ୍ଠା-୭

**ଶଙ୍କର ଓ ଅରବିନ୍ଦଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା**

# ଓସିଏର ଖର୍ଚ୍ଚ ଅପର୍ଯ୍ୟାପ୍ତ; ଫଳ ଅପଯଶ

## ଜାତୀୟ କ୍ରିକେଟରେ ପରିଚୟ ଖୋଜୁଛି ଓଡ଼ିଶା


■ **ଭୁବନେଶ୍ୱର, ୫।୧୧ (ସମିସ):** କ୍ରିକେଟ ଏବେ ଦେଶର ସବୁଠାରୁ ଲୋକପ୍ରିୟ ଖେଳ । ଏହି ଖେଳରେ ରହିଛି ଅର୍ଥ, ସମ୍ମାନ ଓ ପ୍ରତିଷ୍ଠିତ ହେବାର ସୁଯୋଗ । ଏଥିଲାଗି ଯୁବପିଢ଼ି ଏହି ଖେଳ ପଛରେ ପଡ଼ିଛନ୍ତି । ଏଥିରୁ ବାଦ୍ ପଡ଼ିନାହାନ୍ତି ଓଡ଼ିଶାର ଯୁବ ପିଢ଼ି ଓ କର୍ମକର୍ତ୍ତା । ଭିତ୍ତିଭୂମି, ପ୍ରତିଭା, ସୁବିଧା ସୁଯୋଗ ସବୁକିଛି ଓଡ଼ିଶାରେ ଉପଲବ୍ଧ ବୋଲି ରାଜ୍ୟ କ୍ରିକେଟ ପରିଚାଳନାର ଭାର ବହନ କରିଥିବା ଓଡ଼ିଶା କ୍ରିକେଟ ସଂଘ ବା ଓସିଏ ସର୍ବଦା ଦାବି କରୁଆସୁଛି । ଏହି ଦାବି କିନ୍ତୁ ପ୍ରଦର୍ଶନରେ ରୂପାନ୍ତରିତ ହୋଇ ପାରୁନାହିଁ । ଓସିଏ କିନ୍ତୁ କୌଣସି ସମୟରେ ଦଳର ଏହି ବିଫଳତା ଲାଗି ନିଜକୁ ଦୋଷୀ କରିନାହିଁ । କିନ୍ତୁ ଭିଜନ-୨୦୨୪ ଅନୁଯାୟୀ ସମଗ୍ର ରାଜ୍ୟରେ ଭିତ୍ତିଭୂମି ସଜାଡିବା, ପ୍ରତିଭା ଚିହ୍ନଟ କରି ଅତ୍ୟାଧୁନିକ ଓ ଉନ୍ନତ ପ୍ରଶିକ୍ଷଣ ଦେଇ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳି ସୃଷ୍ଟି କରିବାରେ ଓସିଏ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏହି ଘୋଷଣା ଏଯାଏ କାର୍ଯ୍ୟକାରୀ ହୋଇପାରିନି; କିନ୍ତୁ କୋଟି କୋଟି ଟଙ୍କା ବ୍ୟୟ ହୋଇଛି । ଏହି ଘଟଣା ଓସିଏର ପାରିବା ପଣିଆକୁ ପଦାରେ ପକାଇ ଦେଇଛି । ଏଭଳି ଅନେକ ପ୍ରସଙ୍ଗ ଏବେ କ୍ରିକେଟପ୍ରେମୀଙ୍କୁ ବ୍ୟଥିତ କରିଛି । ସବୁଠୁ ଅଧିକ ବ୍ୟଥିତ କରିଛି ଚଳିତବର୍ଷ ରଣଜୀ ଟ୍ରଫିର ପ୍ରଥମ ୩ଟି ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ । କ୍ରିକେଟରେ ୩ଟି ଫର୍ମାଟ ଖେଳାଯାଉଥିଲାବେଳେ ୪ ଦିନରେ ଖେଳାଯାଉଥିବା ରଣଜୀ ଟ୍ରଫିକୁ ଦେଶର ସର୍ବଶ୍ରେଷ୍ଠ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୋଲି ବିବେଚନା କରାଯାଏ । ଏହି ଟୁର୍ଣ୍ଣାମେଣ୍ଟରୁ ଖେଳାଳି ଚୟନ କରାଯାଏ ଓ ଦଳର ଶକ୍ତି ଆକଳନ ହୁଏ । ଗତ କିଛି ବର୍ଷର ପ୍ରଦର୍ଶନକୁ ଦେଖିଲେ ଓଡ଼ିଶା ଏହି ଦୌଡରୁ ସତେ ଯେପରି ଓହରି ଯାଇଛି । କେବଳ ଟୁର୍ଣ୍ଣାମେଣ୍ଟର ଅଂଶଗ୍ରହଣରେ ରହିଯାଇଛି ଦଳର ପ୍ରଦର୍ଶନ ଓ ସଫଳତା । ▶ପୃଷ୍ଠା-୭




**ଭୋଟ୍ ରାଜନୀତିରେ ଫସିଛି ଖେଳାଳିଙ୍କ ଭାଗ୍ୟ!**

**ଅଣଓଡ଼ିଆ ପ୍ରଶିକ୍ଷକଙ୍କୁ ନେଇ ବଢୁଛି ଅସନ୍ତୋଷ**

# ସୁନା ସହରର ଅନ୍ଧାରୀ ରୂପ



ସାରା ବିଶ୍ୱରେ ଏପରି କିଛି ସ୍ଥାନ ଅଛି ଯାହା ମଣିଷକୁ ବେଶ୍ ଆଚମ୍ବିତ କରିଥାଏ। ଦକ୍ଷିଣ ଆମେରିକାର ପେରୁରେ ଥିବା ଲା ରିନକୋନାଡା ବିଶ୍ୱର ସବୁଠୁ ଉଚ୍ଚ ଓ ବିପଦପୂର୍ଣ୍ଣ ସ୍ଥାନ ଭାବେ ଜଣାଯାଏ। ଏହି ସହର ସୁନାଖଣି ପାଇଁ ପ୍ରସିଦ୍ଧି ଲାଭ କରିଛି। ହେଲେ ଏଠାରେ ଜୀବନ ନର୍କଠାରୁ କମ୍ ନୁହେଁ। ଅପରାଧ, ପ୍ରଦୂଷଣ, ଦାରିଦ୍ର୍ୟ, ରୋଗରେ ଭରା ଏହି ସହରକୁ ଲୋକେ ନିୟମବିହୀନ ସହର ବୋଲି କୁହନ୍ତି। ନିକଟରେ ଇଟାଲୀୟ ଟ୍ରାଭେଲର 'ଜାଜା ଦି ଇଟାଲିୟାନ' ଏଠାକୁ ଯାତ୍ରା କରି ନିଜର ଅନୁଭୂତିକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ସେ ଏହାକୁ ମୃତ୍ୟୁର ନିକଟବର୍ତ୍ତୀ ସ୍ଥାନ ବୋଲି କହିଛନ୍ତି। ଏଠାରେ ସେ ଭୟାବହ ସ୍ଥିତି ଦେଖିଥିବା କଥା କହିଛନ୍ତି। ସେ ଆହୁରି ମଧ୍ୟ ଲେଖିଛନ୍ତି, ଏହି ଯାତ୍ରା ତାଙ୍କ ଜୀବନର ସବୁଠୁ କଠିନ ରେକର୍ଡିଂ ଥିଲା। ସେ ନିକଟ ସହର ଜୁଲିୟାକାରୁ ବସ୍ ଯୋଗେ ତିନିଘଣ୍ଟା ଯାତ୍ରା କରି ଲା ରିନକୋନାଡାରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବାପରେ ସେ ହାଡ଼ଭଙ୍ଗା ଶୀତ, ବରଫ ବର୍ଷା ଓ ଦୁର୍ଗନ୍ଧମୟ ପରିବଶର ସାମ୍ନା କରିଥିଲେ। ଏହି ସହରର ଦୃଶ୍ୟ ବସ୍ତି ଭଳି ଥିଲା। ରାସ୍ତାକଡ଼ରେ ପିଲାମାନେ ଖାଦ୍ୟ ରାନ୍ଧୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଲା ସ୍କୁଲ ଯାଉ ନ ଥିଲେ। କାରଣ ସେମାନଙ୍କୁ ପିଲାଦିନରୁ ଦେହ ବ୍ୟବସାୟରେ ସାମିଲ କରାଯାଉଥିଲା। ଏହି ସ୍ଥାନଟି ଅଧିକ ଉଚ୍ଚତାରେ ଥିବାରୁ ଏଠାରେ ଲୋକଙ୍କୁ ନିଃଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଏଠାକାର ଲୋକେ କ୍ରୋନିକ୍ ମାଉଣ୍ଟେନ୍ ସିକ୍‌ନେସ୍‌ରେ ପୀଡ଼ିତ। ଲା ରିନକୋନାଡାରେ ପ୍ରତି ଚାରିଜଣରେ ଜଣେ ବ୍ୟକ୍ତି ଏହି ରୋଗରେ ପୀଡ଼ିତ। ଜାଜା ଏକ ସ୍ଥାନୀୟ ହସ୍‌ପିଟାଲକୁ ଯାଇଥିଲେ। ସେଠାରେ ଜଣେ ଡାକ୍ତର ତାଙ୍କୁ କହିଥିଲେ, ଏଠାରେ ଲୋକେ ସବୁବେଳେ ନିଶାସକ୍ତ ରୁହନ୍ତି, ଅତି ମାମୁଲି କଥାରୁ ଗୁଳି ଚଳାଇ ଦିଅନ୍ତି। ସବୁଠୁ ବଡ଼ କଥା ହେଉଛି, ଜାଜା ଏହି ସହର ମଧ୍ୟକୁ ପ୍ରବେଶ କରିବାର ଘଣ୍ଟାଏ ମଧ୍ୟରେ ଗୁଳି ଶବ୍ଦ ଶୁଣିଥିଲେ। ଅବଶ୍ୟ ସେ ପୂର୍ବରୁ ଏବିଷୟରେ ଜାଣି ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ପିନ୍ଧି ସେଠାକୁ ଯାଇଥିଲେ। କିଛି ସ୍ଥାନୀୟ ଲୋକ ଜାଜାଙ୍କୁ କହିଥିଲେ, ଏଠାକାର ଲୋକେ ବାହାର ଲୋକଙ୍କ ସହ କଥାବାର୍ତ୍ତା କରନ୍ତି ନାହିଁ। ଅନେକ ଲୋକ ପରିବାର ପାଇଁ ଅଳିଆ ଆବର୍ଜନା ମଧ୍ୟରେ ସୁନା ଖୋଜୁଥିବାର ଦେଖାଯାଏ। ଏଠାରେ ଚାରିଆଡ଼େ କୁଢ଼ କୁଢ଼ ଅଳିଆ ଆବର୍ଜନା।' ସେହିଭଳି ସ୍ଥାନୀୟ ପୁଲିସ୍ ଜାଜାଙ୍କୁ କହିଥିଲେ ଯେ, 'ଏଠାରେ ସୁନା ଖଣିରେ କାମ କରୁଥିବା ଲୋକେ ଡକାୟତି, ଚୋରି, ହତ୍ୟା ଭଳି ଅପରାଧ କରିଥାନ୍ତି। ଏଠାରେ ପ୍ରଚଳିତ ଲୋକକଥା ମଧ୍ୟ ଏଠାକାର ସ୍ଥିତି ପାଇଁ ଦାୟୀ। ଲୋକକଥା ଅନୁସାରେ, ସୁନା ଖଣିରୁ ମିଳୁଥିବା ସୁନାକୁ ପରିବାର ପାଇଁ ଖର୍ଚ୍ଚ କରିବା ଅପେକ୍ଷା ମଦ, ସିଗାରେଟ୍ ଆଦିରେ ଖର୍ଚ୍ଚ କରିବା ଭଲ।'

# 'ଭୁଲଭୁଲୈୟା ୪'ରେ ଅନନ୍ୟା



ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନିକଟରେ ତାଙ୍କର ୨୭ତମ ଜନ୍ମଦିନକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଜନ୍ମଦିନ ପାଳନର କିଛି ଫଟୋ ସେୟାର୍ କରିଥିଲେ। ଅନନ୍ୟାଙ୍କ ଜନ୍ମଦିନରେ କାର୍ତ୍ତିକ୍ ଆର୍ୟନ୍ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। କାର୍ତ୍ତିକ୍ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମ ସେଟ୍‌ର ଏକ ଭିଡିଓ ସେୟାର୍ କରି ଅନନ୍ୟାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଭିଡିଓରେ ଅନନ୍ୟା ମଜାଳିଆ ଅନ୍ଦାଜରେ କହୁଛନ୍ତି- 'କାର୍ତ୍ତିକ୍, ଫିଲ୍ମରୁ ତାଙ୍କ ଗୀତ କାଟିବା ପାଇଁ ଚେଷ୍ଟା କରୁଛନ୍ତି।' ଏହାପରେ କାର୍ତ୍ତିକ୍ ହସି ହସି କହୁଛନ୍ତି- 'ତୁମ ଗୀତ, ସେଥିରେ ମୁଁ କ'ଣ ନାହିଁ।' ଏହାପରେ ଅନନ୍ୟା କହୁଛନ୍ତି – 'ଆମ ଗୀତ।' ଏହାପରେ ଅନନ୍ୟା 'ଭୁଲଭୁଲୈୟା ୪'ରେ ମଞ୍ଜୁଲିକା ହେବେ ବୋଲି କହୁଛନ୍ତି। ଯାହାକୁ ଶୁଣି କାର୍ତ୍ତିକ୍ ହସୁଛନ୍ତି। ଏଠାରେ ପ୍ରକାଶ ଥାଉ କି, 'ଭୁଲଭୁଲୈୟା' ସିରିଜ୍‌ର ଏଯାବତ୍ ତିନୋଟି ଫିଲ୍ମ ଆସିଛି। 'ଭୁଲଭୁଲୈୟା ୪'କୁ ନେଇ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇ ନାହିଁ।

## ଆଜିର ଇତିହାସ

- ୧୮୬୦- ଆବ୍ରାହମ୍ ଲିଙ୍କନ୍ ଆମେରିକାର ରାଷ୍ଟ୍ରପତି ହେଲେ।
- ୧୯୪୩- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଆଣ୍ଡାମାନ ନିକୋବର ଦ୍ୱୀପ ସମୂହ ସମର୍ପି ଦେଲା।
- ୧୯୬୨- ରାଷ୍ଟ୍ରୀୟ ରକ୍ଷା ପରିଷଦର ସ୍ଥାପନା।
- ୧୯୮୫- ହିନ୍ଦୀ ଫିଲ୍ମ ଅଭିନେତା ସଞ୍ଜୀବ କୁମାରଙ୍କ ମୃତ୍ୟୁ।
- ୧୯୯୦- ନୱାଜ୍ ସରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୨- ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।

# ସବୁଠୁ ବଡ଼ ମାଠିଆ
## ରହିପାରିବ ୨୦୦୦ ଲିଟର ପାଣି




ଆଗରୁ ମାଟି ଜିନିଷର ଚାହିଦା ଅଧିକ ଥିଲା। ଲୋକେ ମାଟି ତିଆରି ମାଠିଆ ବା ପାତ୍ରକୁ ବ୍ୟବହାର କରୁଥିଲେ। ଆଜି ବି ଗାଁ' ଗହଳିର ଲୋକ ପାଣି ରଖିବାକୁ ମାଠିଆ ବ୍ୟବହାର କରୁଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶର କନୌଜ ସଂଗ୍ରହାଳୟରେ ରହିଛି ବିଶ୍ୱର ସବୁଠୁ ବଡ଼ ମାଠିଆ। ଏହି ବିଶାଳକାୟ ମାଠିଆଟିକୁ କୁଶାଣ ରାଜବଂଶ ସମୟରେ ନିର୍ମାଣ କରାଯାଇଥିଲା ବୋଲି କୁହାଯାଏ। ସେତେବେଳେ ଏଭଳି ବଡ଼ ବଡ଼ ମାଠିଆରେ ପାଣି ରଖାଯାଉଥିଲା। ଏଥିରେ ୨ ହଜାର ଲିଟର ପାଣି ରହିପାରିବ। ୪୦ ବର୍ଷ ପୂର୍ବରୁ ଶେଖପୁରା ଅଞ୍ଚଳରେ ଖନନ ସମୟରେ ଏହି ମାଠିଆଟି ମିଳିଥିଲା। ୫.୪ ଫୁଟ ଉଚ୍ଚା ଓ ୪.୫ ଫୁଟ ଚଉଡ଼ାର ଏହି ମାଠିଆକୁ ଯୁଦ୍ଧ ସମୟରେ ସୈନିକମାନଙ୍କୁ ପାଣି ପିଆଇବା ପାଇଁ ବ୍ୟବହାର କରାଯାଉଥିଲା। ମାଟିରେ ତିଆରି ହୋଇଥିଲେ ବି ଏବେବି ଏହା ସୁରକ୍ଷିତ ଅବସ୍ଥାରେ ରହିଛି।


# ଭିନ୍ନ ଜଣେ ଯୁବକ
## ପିନ୍ଧନ୍ତି ପଣ ଅଜାଙ୍କ ପୋଷାକ

ବ୍ରିଟେନରେ ରହୁଥିବା ଜ୍ୟାକ୍ ପିନସେଣ୍ଟ ନାମକ ଯୁବକ ତାଙ୍କର ଅଜବ ଫେଶନ ପାଇଁ ଚର୍ଚ୍ଚାରେ ରହିଛନ୍ତି। ସେ ଭିଣ୍ଟେଜ୍ ଫ୍ୟାଶନକୁ ଆପଣାଇ ଶହେ ଦୁଇଶହ ବର୍ଷ ତଳର ପୋଷାକ ପିନ୍ଧନ୍ତି। ସେ ଭିକ୍ଟୋରିଆ ଅମଳର ୱେଷ୍ଟକୋଟ୍, କୋଟ୍ ଓ ବୁଟ୍ ପିନ୍ଧନ୍ତି। ଜିନ୍ସ, ଟିସାର୍ଟ ଆଦି ପୋଷାକ ପିନ୍ଧିବାକୁ ସେ ପସନ୍ଦ କରନ୍ତିନି। ତାଙ୍କ କହିବାନୁସାରେ, ଆଧୁନିକ ପୋଷାକ ପିନ୍ଧା ଶୈଳୀ କେବଳ ଅସୁବିଧାଜନକ ନୁହେଁ, ଆତ୍ମାକୁ ପ୍ରକାଶ କରିବାକୁ ସୁଯୋଗ ମିଳେନାହିଁ। ଜ୍ୟାକଙ୍କର ଏକ ସର୍ଟ ଫିଲ୍ମ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଜ୍ୟାକ୍ ତାଙ୍କର କାହାଣୀ କହୁଥିବାର ନଜର ଆସିଛନ୍ତି। ଜ୍ୟାକ୍ ଇନ୍‌ଷ୍ଟାଗ୍ରାମରେ ପିନ୍‌ସେଣ୍ଟ ଟେଲରିଂ ନାମରେ ପରିଚିତ। ସେ ନିଜର ପଣଅଜାଙ୍କ ଆଲମାରୀରୁ ମିଳିଥିବା ପୋଷାକଗୁଡ଼ିକୁ ସମ୍ଭାଳି ରଖିଛନ୍ତି। ତନ୍ମଧ୍ୟରୁ କିଛିକୁ ସାଇତି ରଖିଥିବାବେଳେ ଆଉ କିଛି ସିଲେଇ କରିଛନ୍ତି। ସେ ଆଧୁନିକ ପୋଷାକକୁ ବୋରିଂ ଓ ପରିବେଶ ପାଇଁ କ୍ଷତିକାରକ ବୋଲି ଭାବନ୍ତି। ଏହା ବଦଳରେ ସିଲ୍କ ଟାଇ, ଉଲ୍ କୋଟ, ଚମଡା ବେଲ୍ଟ ପସନ୍ଦ କରନ୍ତି। ସେ ଘରୁ ବାହାରକୁ ଗଲେ, ଲୋକେ ତାଙ୍କୁ ଘୂରି ଘୂରି ଦେଖନ୍ତି। ଏସବୁ ସତ୍ତ୍ୱେ ବି ସେ ପୁରୁଣା ପୋଷାକ ଛାଡ଼ିବେ ନାହିଁ ବୋଲି ଜ୍ୟାକ୍ କହିଛନ୍ତି।



# ଏସି ବଢ଼ାଏ ରକ୍ତ ଶର୍କରା!

ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଆଜିକାଲି ଲୋକେ ଘରେ ତଥା ଅଫିସ୍‌ରେ ଏସି ବ୍ୟବହାର କରୁଛନ୍ତି। ଏସିରେ ଘଣ୍ଟା ଘଣ୍ଟା ଧରି ବସିବାରୁ ଲୋକଙ୍କୁ ଆରାମ ଲାଗୁଛି। ହେଲେ ଏବେ ପ୍ରଶ୍ନ ଉଠୁଛି, ଏସିର ଅତ୍ୟଧିକ ବ୍ୟବହାର ରକ୍ତ ଶର୍କରା ଉପରେ କି ପ୍ରଭାବ ପକାଏ? ଏନେଇ ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ଦୀର୍ଘ ସମୟ ଧରି ଏସିର ବ୍ୟବହାର ମଧୁମେହ ରୋଗୀଙ୍କ ଲାଗି ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଥଣ୍ଡା ପବନରେ ବସିଲେ ଶରୀରକୁ ଆରାମ ଲାଗିଥାଏ ଏବଂ ଶକ୍ତି ସଞ୍ଚୟ ହୁଏ। ତେବେ ବାସ୍ତବରେ ଏନର୍ଜି ସେଭିଂ ମୋଡ ଶରୀରର ମେଟାବଲିଜମକୁ ଧୀମା କରେ। ଯେତେବେଳେ ମେଟାବଲିଜିମ୍ ଧୀମା ହୁଏ, ଶରୀରର ଗ୍ଲୁକୋଜକୁ ଏହା ଠିକ୍ ଭାବେ ବ୍ୟବହାର କରିପାରେ ନାହିଁ। ଏହାର ସିଧା ପ୍ରଭାବ ରକ୍ତ ଶର୍କରା ଉପରେ ପଡ଼ିଥାଏ। ଧୀରେ ଧୀରେ ରକ୍ତ ଶର୍କରା ସ୍ତର ବଢ଼ିଯାଏ। ଦୀର୍ଘ ସମୟ ଏସିରେ ବସିବା ଦ୍ୱାରା ଶାରୀରିକ ଗତିବିଧି ମଧ୍ୟ କମ୍ ହୋଇଯାଏ। ଗରମରେ ଝାଳ ବୋହିଲେ ଶରୀରର କ୍ୟାଲୋରି ହ୍ରାସ ପାଇଥାଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ। ହେଲେ ଏସିରେ ବସିବା ଦ୍ୱାରା ଶରୀରର ଏହି ପ୍ରାକୃତିକ ପ୍ରତିକ୍ରିୟାରୁ ବଞ୍ଚିତ ରହେ। ଏହାର ଅର୍ଥ ହେଉଛି ଯେତିକି କ୍ୟାଲୋରି ଏବଂ ଶର୍କରା ଗରମ ଏବଂ ଝାଳରୁ ବାହାରକୁ ବାହାରିବାର ଥାଏ, ତାହା ଶରୀରରେ ଜମା ହୋଇ ରୁହେ। ତେବେ ଜଣେ ମଧୁମେହ ରୋଗୀ ନିତିଦିନ ୮-୧୦ ଘଣ୍ଟା ଏସିରେ ବସୁଥିଲେ, ଶରୀରରେ ଶର୍କରା ନିୟନ୍ତ୍ରଣର ପ୍ରାକୃତିକ ପ୍ରକ୍ରିୟା ଧୀମା ହୋଇଥାଏ। ତେଣୁ ମଧୁମେହ ରୋଗୀ ଦୀର୍ଘ ସମୟ ଏସିରେ ରହିବା ବିପଜ୍ଜନକ ହୋଇପାରେ। ଏହାର ଅର୍ଥ ନୁହେଁ, ଏସିର ବ୍ୟବହାର ସେମାନେ ଆଦୌ କରିବେ ନାହିଁ। ପ୍ରତି ଦୁଇ ତିନି ଘଣ୍ଟାରେ ଏସି ରୁମ୍‌ରୁ ବାହାରି କିଛି ସମୟ ପାଇଁ ଚଲାବୁଲା କଲେ ଶରୀର ସକ୍ରିୟ ରହିଥାଏ। ହାଲକା ଷ୍ଟ୍ରେଚିଂ ଏବଂ ବ୍ୟାୟାମ କରିବା ଦ୍ୱାରା ମେଟାବଲିଜିମ୍ ସକ୍ରିୟ ରହେ। ତେବେ ଏସିକୁ ଆବଶ୍ୟକତାକୁ ଅଧିକ ଥଣ୍ଡା ନ କରି ୨୪-୨୬ ଡିଗ୍ରୀ ସେଲ୍‌ସିୟସ ରଖିବା ଦରକାର।



# ୪ କୋଟି ଥାଇ ବି ଦୁଃଖରେ କଟୁଛି ଜୀବନ

ଆଜିକାଲି ସମସ୍ତେ ଅର୍ଥ ପଛରେ ଦୌଡ଼ୁଛନ୍ତି। ଲୋକେ ଭାବୁଛନ୍ତି ଟଙ୍କାପଇସାରେ ହିଁ ଜୀବନର ସମସ୍ତ ଖୁସି ଯୋଡ଼ି ହୋଇ ରହିଛି। ହେଲେ ଜାପାନର ଜଣେ ବ୍ୟକ୍ତିଙ୍କ ପାଖରେ ୪ କୋଟି ଟଙ୍କା ଥାଇ ମଧ୍ୟ ସେ ଆଦୌ ଖୁସି ନ ଥିବା କହିଛନ୍ତି। ସୁଜୁକି ନାମକ ଏହି ବ୍ୟକ୍ତି ଜଣକ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ଛୋଟମୋଟ ଜିନିଷରେ ସଞ୍ଚୟ କଲେ। ଏମିତି ସଞ୍ଚୟରୁ ତାଙ୍କ ପାଖରେ ୪କୋଟି ଟଙ୍କା ହୋଇଗଲା। ଏବେ ୬୭ ବର୍ଷ ବୟସରେ ତାଙ୍କ ପାଖରେ ସବୁକିଛି କିଣିବା ଭଳି ଅର୍ଥ ଅଛି। ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସୁଜୁକି ପିଲାଦିନରୁ ହିଁ ବୁଝିଥିଲେ ଯେ, ଅର୍ଥ ସଞ୍ଚୟ କରିବା କେତେ ଜରୁରି। ସ୍କୁଲ ସମୟରୁ ସେ ପାର୍ଟ ଟାଇମ୍ କରୁଥିଲେ। ପ୍ରତ୍ୟେକ ଖର୍ଚ୍ଚ ସେ ଭାବିଚିନ୍ତି କରନ୍ତି। ତାଙ୍କ ଜୀବନର ମନ୍ତ୍ର ଥିଲା କମ୍ ଆୟ, ଅଧିକ ସଞ୍ଚୟ ଉପରେ ଧ୍ୟାନ ଦେବା। ଦାମୀ ପୋଷାକ, ବାହାର ଖାଦ୍ୟ ନ ଖାଇବା, କେଉଁଠି ବୁଲାବୁଲି କରିବାକୁ ନ ଯାଇ ସେ କେବଳ ଅର୍ଥ ସଞ୍ଚୟ କରୁଥିଲେ। ଏପରିକି ତାଙ୍କ ବ୍ୟାଙ୍କ ଖାତାରେ କିଭଳି ଅର୍ଥ ବୃଦ୍ଧି ହେବ, ସେ ଉପରେ ସୁଜୁକି ଗୁରୁତ୍ୱ ଦେଉଥିଲେ। ସେହିପରି ଚାକିରି କରିବା ପରେ ବି ସୁଜୁକି କେବେ ବାଜେ ଖର୍ଚ୍ଚ କରି ନାହାନ୍ତି। ଅଫିସ୍‌ଠୁ ଦୂରରେ ଶସ୍ତାରେ ଭଡ଼ାରେ ଘର ନେଲେ। ଗାଡ଼ି ନ କିଣି ବସ୍ ଏବଂ ସାଇକଲ୍‌ରେ ଯାତ୍ରା କଲେ। କେବଳ ସେତିକି ନୁହେଁ, ବିଜୁଳି ବିଲ୍ କମ୍ କରିବା ପାଇଁ ଘରେ ଏସି ବି ଲଗାଇଲେ ନାହିଁ। ଅନ୍ୟପଟେ ବିବାହ ପରେ ସୁଜୁକିଙ୍କ ସ୍ତ୍ରୀ ମଧ୍ୟ ଏହାକୁ ମାନି ଚଳିଲେ। ଦୁଇ ଜଣ ମିଶି ଏକ ସାଧାରଣ ଜୀବନ ବଞ୍ଚିଲେ। ହେଲେ ସେମାନେ ନିଜ ଜୀବନକୁ ସବୁବେଳେ ସଞ୍ଚୟରେ ହିଁ ସୀମିତ ରଖିଲେ। ଅବଶ୍ୟ ସେମାନଙ୍କର ବର୍ଷ ବର୍ଷର ପରିଶ୍ରମ ଓ କମ୍ ଖର୍ଚ୍ଚ ବି ଜୀବନରେ ନୂଆ ରଙ୍ଗ ଆଣିଛି। ଅବସର ହେବା ବେଳକୁ ସୁଜୁକି ପ୍ରାୟ ୪ କୋଟି ଟଙ୍କା ସଞ୍ଚୟ କରି ସାରିଥିଲେ। ସୁଜୁକି ଭାବିଲେ ବାର୍ଦ୍ଧକ୍ୟାବସ୍ଥାରେ ଶାନ୍ତିର ଜୀବନ ଜିଇଁବେ। ହେଲେ ତାଙ୍କର ଅବସର ହେବାର କିଛି ମାସ ପରେ ସୁଜୁକିଙ୍କ ସ୍ତ୍ରୀ ଗମ୍ଭୀର ରୋଗରେ ପୀଡ଼ିତ ହୋଇ ୬୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା। ସ୍ତ୍ରୀର ମୃତ୍ୟୁ ପରେ ସୁଜୁକି ବୁଝିଲେ ଟଙ୍କା ଜୀବନରେ ସବୁ କିଛି ନୁହେଁ। ଏବେ ତାଙ୍କ ପାଖରେ ଟଙ୍କା ଥିଲେ ବି ଯାହା ସହ ତାକୁ ଖର୍ଚ୍ଚ କରିଥାନ୍ତେ ପାଖରେ ସେ ମଣିଷ ନାହିଁ। ଯଦିଓ ଭାରତରେ ଅନେକ ଲୋକ ସଞ୍ଚୟକୁ ଗୁରୁତ୍ୱ ଦେଇଥାନ୍ତି, ତଥାପି ସୁଜୁକିଙ୍କ ଏହି କାହାଣୀ ଏକଥା ବୁଝାଇ ଦେଇଛି ଯେ, ଟଙ୍କାଠୁ ଅଧିକ ମୂଲ୍ୟବାନ ହେଉଛି ସମୟ, ସମ୍ପର୍କ ଓ ସ୍ମୃତି। ସାମାଜିକ ଗଣମାଧ୍ୟମରେ ସୁଜୁକିଙ୍କ କାହାଣୀ ସେୟାର୍ ହେବା ପରେ ସମୟ ଓ ସମ୍ପର୍କ ଅଧିକ ମୂଲ୍ୟବାନ ବୋଲି ଏହା ଲୋକଙ୍କୁ ମନେ ପକାଇ ଦେଇଛି।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପେଟଜନିତ ସମସ୍ୟା ଦେଖାଦେଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ବ୍ୟବସାୟରେ କ୍ଷତି ସହି ପାରନ୍ତି। ଭାଇ-ଭଉଣୀଙ୍କ ସହଯୋଗ ମିଳିବ।

**ବୃଷ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନିବେଶ କରିବାକୁ ଭଲ ସମୟ। ଚକ୍ଷୁ ସମସ୍ୟା ହୋଇପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମିଥୁନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବନି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିବେଶରୁ ଲାଭ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଖର୍ଚ୍ଚ ବଢ଼ିପାରେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେବେ।

**କର୍କଟ:** କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ପିତାମାତାଙ୍କ କଥାମାନି ଚଳନ୍ତୁ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଧାର୍ମିକସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଖର୍ଚ୍ଚ ବଢ଼ିବ। ଅଫିସ୍ କାମ ପାଇଁ ଦୂରସ୍ଥାନ ଯାତ୍ରା ଯୋଗ ରହିଛି। ଜୀବନସାଥୀଠାରୁ ଉପହାର ପାଇବେ। ଲୋକ ସମ୍ପର୍କ ବଢ଼ିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିବେଶରୁ କ୍ଷତି ସହି ପାରନ୍ତି। ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବ। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ। ଘର ପାଇଁ ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ଦୂର ସ୍ଥାନ ଯାତ୍ରା କରିପାରନ୍ତି।

**ତୁଳା:** ଅଚାନକ ଖୁସି ଖବର ପାଇବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ଯୋଜନା କରିବେ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ଦାନ ଧର୍ମ କରନ୍ତୁ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ରାଜନୀତିରେ ସକ୍ରିୟ ରହି ପାରନ୍ତି। ନୂଆ ଗାଡ଼ି କିଣିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହେବ। ଆୟ ଓ ବ୍ୟୟ ସମାନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ଧନୁ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପିଲାମାନେ ନାଚ ଗୀତରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପରିବାର ସହିତ ହସଖୁସିର ସମୟ ବିତାଇବେ।

**ମକର:** ଧାର୍ମିକ କାର୍ଯ୍ୟରେ ସମୟ ବିତିବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପୁରୁଣା ନିବେଶରୁ କ୍ଷତି ସହିବେ। ଚକ୍ଷୁ ସମସ୍ୟା ଦେଖାଦେବ।

**କୁମ୍ଭ:** ଅଫିସରେ କାର୍ଯ୍ୟ ଭାର ବଢ଼ିବ। ଜମି କ୍ରୟ କରିପାରନ୍ତି। ଉଧାର ଟଙ୍କା ଫେରି ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ମୀନ:** ଅଫିସ କାମକୁ ନେଇ ଚିନ୍ତା ବଢ଼ିବ। ଦିନଟି ମିଶ୍ରଫଳ ପ୍ରଦାନ କରିବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳମନସ୍କ ହେବେ। ଆୟ ଓ ବ୍ୟୟ ସମାନ ରହିବ।

# ସୁନାବେଶରେ ଝଟକିଲେ ମହାପ୍ରଭୁ

## ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ପୁରୀ,୫।୧୧(ସମିସ): ଶେଷ ହେଲା ଧର୍ମମାସ କାର୍ତ୍ତିକ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ବୁଧବାର ରତ୍ନସିଂହାସନରେ ବିରାଜିତ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହୋଇଛି। ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଭକ୍ତ।



ମଙ୍ଗଳବାର ସ୍ୱତନ୍ତ୍ର ନୀତି ଥିବାରୁ ଠାକୁରଙ୍କ ପହୁଡ଼ ହୋଇ ନ ଥିଲା। ତେଣୁ ବୁଧବାର ଭୋର୍ ୫ଟା ୪୦ରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଅବକାଶ ପୂଜା ପରେ ରୋଷହୋମ ସରି ଦାରୁଦିଅଁଙ୍କ ସୁନାବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହ ବହୁବିଧ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁବର୍ଣ୍ଣ ଶ୍ରୀଭୂଜ, ଶ୍ରୀପୟର, କାନ, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ବାଘ ନଖମାଳୀ, ସେବତୀ ମାଳି, ହଳମୂଷଳ, ଚକ୍ର, ତ୍ରିଶାଖା, ଅଳକା, ଶ୍ରୀମୁଖ ପଦ୍ମ, ରୁପା ଶଙ୍ଖ, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, ତିଳକ (ଚିତା), ଘାଗଡ଼ା ମାଳି, କୁଣ୍ଡଳ ଓ ତଡ଼ଗୀ ଲାଗି ହୋଇଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଉଥିଲା। ତେବେ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ଦିବ୍ୟ ସୁନାବେଶ ଦେଖିବାକୁ ପ୍ରତ୍ୟୁଷରୁ ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଭିଡ଼ ଆରମ୍ଭ ହୋଇଥିଲା। ପାହାନ୍ତାରେ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ଡଙ୍ଗା ଭସାଇବା ପରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଅଭିମୁଖେ ଆସିଥିଲେ। ଫଳରେ ବ୍ୟାରିକେଡ୍‌ରେ ଲମ୍ବା ଧାଡ଼ି ଲଗାଇଥିଲେ।

ସୂଚନାଥାଉ କି, ବର୍ଷକ ମଧ୍ୟରେ ମହାପ୍ରଭୁଙ୍କର ପାଞ୍ଚଥର ସୁନାବେଶ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ସୁନାବେଶ ଅନ୍ୟତମ। ସେହପରି ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ଦିନ ରଥ ଉପରେ ସୁନାବେଶ ହେଉଥିବାବେଳେ ଆଶ୍ୱିନ ଶୁକ୍ଳ ଦଶମୀ, ପୌଷ ପୂର୍ଣ୍ଣିମା ଏବଂ ଦୋଳ ପୂର୍ଣ୍ଣିମାରେ ଠାକୁର ରତ୍ନସିଂହାସନରେ ସୁନାବେଶ ହୋଇଥା'ନ୍ତି।

# ନୀଳଚକ୍ର ଉହାଡ଼ରେ 'ସୁପରମୁନ୍'



କାର୍ତ୍ତିକ ପୂର୍ଣ୍ଣିମାରେ ଦୃଶ୍ୟମାନ ବଡ଼ ଜହ୍ନ (ଫଟୋ-ଅନିଲ, ପୁରୀ)

# ସରିଲା ବ୍ରତ: ଘରକୁ ଫେରିଗଲେ ହବିଷ୍ୟାଳି

ପୁରୀ,୫।୧୧(ସମିସ): ସରିଯାଇଛି ଧର୍ମ ମାସ କାର୍ତ୍ତିକ। ଏହି ପୁଣ୍ୟ ମାସର ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ପବିତ୍ର ମହୋଦଧିରେ ଡଙ୍ଗା ଭସାଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ଏମାନଙ୍କ ମଧ୍ୟରେ ରହିଥିଲେ ହଜାର ହଜାର ହବିଷ୍ୟାଳି, ଯେଉଁମାନେ ମହାପ୍ରଭୁଙ୍କୁ ଦର୍ଶନ କରି ସେମାନଙ୍କ ବ୍ରତ ଶେଷ କରିଛନ୍ତି। ଏକମାସ ଧରି ପୁରୀର ବିଭିନ୍ନ ମଠ, ଧର୍ମଶାଳା ଏବଂ ସରକାରୀ ରହଣି କେନ୍ଦ୍ରରେ ରହିଥିବା ହବିଷ୍ୟାଳି ଏବେ ଘରକୁ ଫେରିଯାଇଛନ୍ତି। ଶ୍ରୀକ୍ଷେତ୍ରରେ ଏହି ମାସକ ରହଣି ମଧ୍ୟରେ ଅନେକ ଅଚିହ୍ନା ମୁହଁକୁ ଆପଣାଇ ନେଇଥିଲେ ବହୁ ହବିଷ୍ୟାଳି। ସଞ୍ଜ, ସକାଳେ ଯାହାଙ୍କ ସହ ମିଶି ଚଉରାମୂଳେ ରାଇଦାମୋଦର ପୂଜା କରୁଥିଲେ, ଏକାଠି ମହାପ୍ରସାଦ ସେବନ କରୁଥିଲେ ଆଉ ସୁଖଦୁଃଖ ବାଣ୍ଟୁଥିଲେ, ସେମାନଙ୍କଠାରୁ ବିଦାୟ ନେବାର ମୁହୂର୍ତ୍ତ ଥିଲା ବେଶ୍ କଷ୍ଟଦାୟକ। ଯାହାକି ରହଣି କେନ୍ଦ୍ରଗୁଡ଼ିକୁ ଦେଖିଲେ ଏହା ବାରି ହୋଇପଡୁଥିଲା। ଘରକୁ ଫେରୁଥିବାବେଳେ ଅନେକଙ୍କ ଆଖିରୁ ଝରିପଡୁଥିଲା ସ୍ନେହର ଲୁହ। କିଏ କାହାକୁ କୋଳେଇ ନେଇ ଗାଲ ଥାପୁଡ଼ାଇ ଦେଉଥିଲେ ତ ଆଉ କିଏ କାଳିଆ ଚାହିଁଲେ ପୁଣି ଆରବରଷକୁ ଦେଖାହେବ କହି କାନ୍ଦି ପକାଉଥିଲେ। ଏହି ସ୍ନେହ ଓ ଆଦର କେବଳ ହବିଷ୍ୟାଳିଙ୍କ ମଧ୍ୟରେ ସୀମିତ ନ ଥିଲା ରହଣି କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ବି ଛୁଇଁ ଯାଇଥିଲା। ଦିନତମାମ କେନ୍ଦ୍ରଗୁଡ଼ିକ ସମ୍ମୁଖରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା। ଘରକୁ ଯିବାବେଳେ ବ୍ରତଧାରୀମାନେ ଅଧିକାରୀ, ସ୍ୱେଚ୍ଛାସେବୀଙ୍କୁ ଆଶୀର୍ବାଦ ଦେଉଥିଲେ। ଯଦି ବଞ୍ଚିଥାଉ ଏବଂ କାଳିଆର ଡୋରି ଲାଗେ ପୁଣି ଆର ବରଷକୁ ଆସିବୁ ବୋଲି କହୁଥିଲେ ଅନେକ ହବିଷ୍ୟାଳି।



## ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଉଦ୍‌ଘାଟିତ

# ଓଡ଼ିଆ ଜାତିର ସାହସ, ସଂକଳ୍ପ ଓ ସାମୁଦ୍ରିକ ସଂସ୍କୃତିର ପ୍ରତୀକ ବାଲିଯାତ୍ରା: ମୁଖ୍ୟମନ୍ତ୍ରୀ

କଟକ,୫।୧୧(ସମିସ): ଶହ ଶହ ବର୍ଷ ତଳେ ଆଜିର ଦିନର କଳିଙ୍ଗର ସାଧବମାନେ ସମୁଦ୍ରରେ ବୋଇତ ନେଇ ସୁଦୂର ଦେଶକୁ ନୌବାଣିଜ୍ୟ ପାଇଁ ଯାଉଥିଲେ। ସେମାନଙ୍କ ଶୁଭ ମନାସୀ, ସୁରକ୍ଷିତ ଯାତ୍ରା ଉଦ୍ଦେଶ୍ୟରେ ଆମ ସାଧବ ବୋହୂମାନେ ପୂଜାର୍ଚ୍ଚନା କରି ମେଲାଣି ଦେଉଥିଲେ। ବାଲିଯାତ୍ରା ଆମ ଓଡ଼ିଶାର କଳା ସଂସ୍କୃତି ଏବଂ ଧାର୍ମିକ ଭାବନା ସହ ଜଡ଼ିତ। ଓଡ଼ିଶାର ଗୌରବମୟ ଇତିହାସର ସୁନ୍ଦର ପରିଚୟ ହେଉଛି ଐତିହାସିକ ବାଲିଯାତ୍ରା କଟକ। ଏହି ଦିବସର ଗୁରୁତ୍ୱକୁ ବାଦ୍ ଦେଇ ଓଡ଼ିଶାର ନୌବାଣିଜ୍ୟ ଇତିହାସ ସମ୍ପର୍କରେ ଚିନ୍ତା କରାଯାଇ ପାରିବ ନାହିଁ। ଧାର୍ମିକ, ସାଂସ୍କୃତିକ, ଅର୍ଥନୀତିକ, ପାରମ୍ପରିକ ସବୁ ଦୃଷ୍ଟିକୋଣରୁ ରହିଛି ବାଲିଯାତ୍ରାର ବୈଶିଷ୍ଟ୍ୟ ରହିଛି। ଓଡ଼ିଆ ଜାତିର ସାହସ, ସଂକଳ୍ପ ଏବଂ ସାମୁଦ୍ରିକ ସଂସ୍କୃତିର ପ୍ରତୀକ ହେଉଛି ଏହି କଟକର ବାଲିଯାତ୍ରା ବୋଲି ଐତିହାସିକ ବାଲିଯାତ୍ରା-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି କହିଛନ୍ତି।

ଗଣକବି ବୈଷ୍ଣବ ପାଣି ମଞ୍ଚରୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସମ୍ବୋଧନ କରି କହିଲେ ଯେ ପୃଥିବୀର ସବୁଠୁ ବିପଜ୍ଜନକ ସମୁଦ୍ର ହେଉଛି ବଙ୍ଗୋପସାଗର। ପ୍ରାୟ ଅକ୍ଟୋବର ମାସରେ ବଙ୍ଗୋପସାଗରରେ ଝଡ଼ ବା ବାତ୍ୟା ଆସେ। ସେତେବେଳେ ବି ଅକ୍ଟୋବରରେ ଝଡ଼ ଆସିଲା ବେଳେ ସାଧବ ପୁଅ ନୌକାରେ ପାଲ ଟାଣି ଆହୁଲା ମାରି ନୌବାଣିଜ୍ୟ ପାଇଁ ଯାଉଥିଲେ ଏବଂ ସେଥିରେ ସଫଳତା ପାଉଥିଲେ। ଈଶ୍ୱରଙ୍କ ଅପାର କରୁଣାରୁ ଓଡ଼ିଶାରେ ଖଣି ଅଛି, ଜମି ଅଛି, ପାଣି ଅଛି, ଜଙ୍ଗଲ ଅଛି, ମାନବ ସମ୍ବଳ ଅଛି। ୪୮୦ କିଲୋମିଟର ସାମୁଦ୍ରିକ ଉପକୂଳ ରହିଛି। ଏସବୁ ଓଡ଼ିଶାର ଅର୍ଥନୀତିର ଅଭିବୃଦ୍ଧିକୁ ଦୃଢ଼ କରିବ। ରାଜ୍ୟରେ ଏବେ ବନ୍ଦରଭିତ୍ତିକ ଅର୍ଥନୀତି ପାଇଁ ସଂକଳ୍ପବଦ୍ଧ ହୋଇ କାମ କରାଯାଉଛି। ହଜାରେ ବର୍ଷର ତାରକସୀ ସହର କଟକ। ସାରା ବିଶ୍ୱରେ ଏହା ରୌପ୍ୟନଗରୀ ବା ସିଲଭର ସିଟି ଭାବେ ପରିଚୟ ହାସଲ କରିଛି। ସହରର ପ୍ରାଣ ହେଉଛି ଏଠାକାର ମହାନଦୀ ଓ କାଠଯୋଡ଼ି। ଏହା ବିନା କଟକ ସହରର କଳ୍ପନା କରାଯାଇ ପାରି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ କହିଛନ୍ତି। ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଏଚ୍. କୃଷ୍ଣମୂର୍ତ୍ତି ଐତିହାସିକ ବାଲିଯାତ୍ରା କଟକ-୨୦୨୫ରେ ଇଣ୍ଡୋନେସିଆକୁ ସହଯୋଗୀ ରାଷ୍ଟ୍ର କରିଥିବାରୁ ଧନ୍ୟବାଦ ଦେଇଥିଲେ। ୨୦୦୦ରୁ ଅଧିକ ବର୍ଷ ତଳେ ଭାରତର ଲୋକ ସୁବର୍ଣ୍ଣ ଭୂମିକୁ ଯାଉଥିଲେ। ସମୁଦ୍ର ଓଡ଼ିଶା-ଇଣ୍ଡୋନେସିଆକୁ ଅଲଗା କରିପାରି ନାହିଁ ବୋଲି ସେ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ।

ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଉଚ୍ଚଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ବକ୍ତବ୍ୟ ରଖିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହାହେବ ଶିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ। ଉନ୍ନୟନ ସଚିବ ଅନୁ ଗର୍ଗ, ପୁଲିସ କମିସନର ଏସ୍.ଦେବଦତ୍ତ ସିଂ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ୍ ତାପସ କୁମାର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଲିଯାତ୍ରା ସ୍ମରଣିକା-୨୦୨୫ ଉନ୍ମୋଚନ କରାଯାଇଥିଲା। ବଡମ୍ବା କଲେଜର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ସହିତ ପ୍ରଶାସନ ପକ୍ଷରୁ ଆୟୋଜନ ହୋଇଥିବା ଶ୍ରେଷ୍ଠ ନାଟକ ପାଇଁ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅନ୍ୟପଟେ ୫ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁସ୍ତକ ଉପହାର ଦେଇଥିଲେ।

## 'ବନ୍ଦର ଅର୍ଥନୀତିର କୋଣାର୍କ ପାରାଦୀପ'

ପାରାଦୀପ,୫।୧୧(ସମିସ): ବୋଇତ ବନ୍ଦାଣ ଓ ବାଲିଯାତ୍ରା କେବଳ ଏକ ପର୍ବ ନୁହେଁ; ଏହା ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଐତିହ୍ୟ ଓ ସାଧବମାନଙ୍କ ଦୁଃସାହସିକ ମନୋବଳର ପ୍ରତୀକ। ଏହି ପରମ୍ପରା ଆଜି ବି ଓଡ଼ିଆ ଜାତିକୁ ପ୍ରେରଣା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ପାରାଦୀପ ବନ୍ଦରରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର



ପ୍ରଗତିରେ ଅଗ୍ରଣୀ ଭୂମିକା ନେଇଥିବା ପାରାଦୀପ ବନ୍ଦର ଆଜି ଭାରତର ସର୍ବଶ୍ରେଷ୍ଠ ବୃହତ୍ ବନ୍ଦର ଭାବେ ପରିଗଣିତ ହୋଇଛି। ୨୦୧୫ରେ ୭୧ ନିୟୁତ ଟନ୍ ପଣ୍ୟ ପରିବହନ କ୍ଷମତା ଥିବା ଏହି ବନ୍ଦର ୨୦୨୫ରେ ୧୫୦ ନିୟୁତ ଟନ୍ କ୍ଷମତାରେ ପହଞ୍ଚିଛି। ପାରାଦୀପ ବନ୍ଦର ଆଧୁନିକ ଓଡ଼ିଶାର ପ୍ରଗତିର ଦ୍ୱାର, ଅର୍ଥନୀତିର କୋଣାର୍କ। 'ମାରିଟାଇମ ଇଣ୍ଡିଆ ଭିଜନ ୨୦୩୦' ଅନୁସାରେ ବାର୍ଷିକ ୩୦୦ ନିୟୁତ ଟନ୍ ଓ 'ବିକଶିତ ଭାରତ ୨୦୪୭' ଯୋଜନା ଅନୁଯାୟୀ ୫୦୦ ନିୟୁତ ଟନ୍ ପର୍ଯ୍ୟନ୍ତ ପଣ୍ୟ ପରିବହନ କ୍ଷମତା ସହିତ ପାରାଦୀପ ବନ୍ଦରକୁ ଏକ ମେଗା ପୋର୍ଟ ଭାବେ ଗଢ଼ାଯିବ ବୋଲି ସେ ଘୋଷଣା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମିଳିତ ଭାବେ ଗଞ୍ଜାମ ଜିଲ୍ଲାର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ ବନ୍ଦର ଗଢ଼ିବା ପାଇଁ ଯୋଜନା କରୁଛନ୍ତି। ସେହିପରି, ମହାନଦୀ ମୁହାଣରେ ୨୪,୭୦୦ କୋଟି ଟଙ୍କା ବିନିଯୋଗରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ସ୍ଥାପନ ହେବ ଓ ପୁରୀରେ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ୍ ଗଢ଼ାଯିବ। ଏହାସହ ଭାରତ ସରକାରଙ୍କ 'ସାଗରମାଳା, ଗତିଶକ୍ତି ଓ ନ୍ୟାସନାଲ୍ ଲଜିଷ୍ଟିକ୍ ପଲିସି' ଯୋଜନା ସହ ସମନ୍ୱୟ କରି ଓଡ଼ିଶାରେ ବନ୍ଦର ଭିତ୍ତିକ ଅର୍ଥନୀତି ଗଢ଼ାଯାଇଛି। 'ମାରି-ଟାଇମ୍ ଅମୃତ୍‌କାଲ୍ ଭିଜନ୍ ୨୦୪୭' ଅନୁଯାୟୀ ଦେଶର ବନ୍ଦରଗୁଡ଼ିକୁ ବିଶ୍ୱସ୍ତରୀୟ କରାଯିବା ନେଇ ଯୋଜନା ବିଷୟରେ ସେ ଉଲ୍ଲେଖ କରିଥିଲେ।

କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ରାଜ୍ୟ ସରକାର ବନ୍ଦରକୁ କେନ୍ଦ୍ର କରି ଶିଳ୍ପଆଧାରରିତ ସଂରଚନା, ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶରେ ବିଶେଷ ଗୁରୁତ୍ୱ ଦେଉଛି। ପାରାଦୀପ ବନ୍ଦରର ବିକାଶ ମାତ୍ର ଓଡ଼ିଶାକୁ ନୁହେଁ; ସମଗ୍ର ଭାରତର ମାରିଟାଇମ୍ ଅର୍ଥନୀତିକୁ ଶକ୍ତିଶାଳୀ କରୁଛି। ପାରାଦୀପ ଆଜି କେବଳ ଏକ ବନ୍ଦର ନୁହେଁ; ଏହା ଓଡ଼ିଶାର ଅସୀମ ସମ୍ଭାବନା ଓ ନୂଆ ଭାରତ ଗଢ଼ିବାର ଶକ୍ତିର ପ୍ରତୀକ।

ଜଗତସିଂହପୁର ସାଂସଦ ଡ ବିଭୂପ୍ରସାଦ ତରାଇ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ୍.ହରନାଧ ସଭାରେ ବକ୍ତବ୍ୟ ରଖିଥିଲେ। ଜଗତସିଂପୁର ଜିଲ୍ଲାପାଳ ଜେ. ସୋନାଲ, କେନ୍ଦ୍ରାଞ୍ଚଳ ଡିଆଇଜି ଡ ସତ୍ୟଜିତ ନାଏକ ପ୍ରମୁଖ ମଞ୍ଚାସୀନ ଥିବା ବେଳେ, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଅଲେଖ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ଆଉ ନାହାନ୍ତି 'ଜେଲ୍ ଟାଇଗର୍'

## ଯାତ୍ରାଜଗତର ଭୀଷ୍ମ ପିତାମହ ଦେବୀ ରଥଙ୍କ ପରଲୋକ

ପାରାଦୀପ, ୫।୧୧ (ସମିସ): ଆଉ ନାହାନ୍ତି ଓଡ଼ିଆ ଯାତ୍ରାଜଗତର ପ୍ରଖ୍ୟାତ ଅଭିନେତା ଦେବୀପ୍ରସାଦ ରଥ (ବୁଟୁ ନାନା)। ବୁଧବାର ସକାଳ ୫.୧୫ ମିନିଟ ସମୟରେ ପାରାଦୀପଗଡ଼ସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ଗତକାଲି ରାତିରେ ବୋଇତ ବନ୍ଦାଣ ପାଇଁ ଅନୁଷ୍ଠିତ ଡିଜେ ସାଉଣ୍ଡ ପ୍ରତିଯୋଗିତାରେ ଅତ୍ୟଧିକ ସାଉଣ୍ଡ ଯୋଗୁଁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଓ ପଡ଼ୋଶୀ ଅଭିଯୋଗ କରିଛନ୍ତି।



୧୯୫୪ ମସିହାରେ ଜନ୍ମିତ ଦେବୀ ରଥ ସ୍ନାତକ ଶିକ୍ଷା ସହିତ ଅଭିନୟରେ ନିପୁଣ ଥିଲେ। ବାଲ୍ୟକାଳରୁ କଳା ପ୍ରତି ଆକୃଷ୍ଟ ହୋଇ ଗ୍ରାମରେ ଡ୍ରାମା ଓ ବିଭିନ୍ନ କଳା ଅନୁଷ୍ଠାନରେ ଅଂଶଗ୍ରହଣ କରିଥିଲେ। ୧୬ ବର୍ଷ ବୟସରେ "ବୀଣାପାଣି କଳା କୁଞ୍ଜ' (ତାରପୁର ଅପେରା)ରେ ଶିଶୁ କଳାକାର ଭାବେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପରେ ସେ ତାରପୁର ଅପେରା, ତୁଳସୀ ଗଣନାଟ୍ୟ, ଧଉଳି ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ ଭଳି ଖ୍ୟାତନାମା ଯାତ୍ରା ଅନୁଷ୍ଠାନରେ ଅଭିନୟ କରି ଦର୍ଶକଙ୍କ ପ୍ରିୟଭାଜନ ହୋଇଥିଲେ। ତାରପୁର ଅପେରା ଦ୍ୱାରା ମଞ୍ଚସ୍ଥ ନାଟକ "ଜେଲ୍ ଟାଇଗର' ତାଙ୍କ ଜୀବନର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଦେବୀ ରଥ ସମସ୍ତ ପ୍ରକାର ଅଭିନୟରେ ନିପୁଣ ଥିଲେ। ସେ କେବଳ ମୁଖ୍ୟ ଅଭିନେତା ଭାବେ ଅଭିନୟ କରୁ ନଥିଲେ; ଭାଇ, ବାପା, ଦାଦା ଆଦି ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ରଖୁଥିଲେ। ତାଙ୍କ ଜୀବନରେ ଅନେକ ଯାତ୍ରା ନାଟକ ମଧ୍ୟରେ 'ଷଣ୍ଢ ଆସୁଛି ବାଟ ଛାଡ଼, ସେହି ଦିନୁ ଜାଗା ଦାସ ଗାଁକୁ ଫେରିନି, ଡିମିରି ଫୁଲ, କାଗଜ ଗୁଡି, ଅକୁହା କଥା, ପ୍ରେମ ସମାଧିରେ ବିଦାୟ ନେବି' ଆଦି ନାଟକ ଦର୍ଶକଙ୍କ ମନକୁ ଆନ୍ଦୋଳିତ କରିଆସିଛି। ଏକାଧିକ ନାଟକରେ ଅଭିନୟ କରିବା ସହିତ ବହୁ ନାଟକର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି।

### ଜୀବନ ନେଲା ଅତ୍ୟଧିକ ଡିଜେ ସାଉଣ୍ଡ: ପରିବାର

ତାଙ୍କ ମୃତ୍ୟୁ ଖବର ପାଇ ଓଡ଼ିଶାର ପୁରପଲ୍ଲୀରୁ କଳାକାର ଓ ଯାତ୍ରାପ୍ରେମୀମାନେ ତାଙ୍କ ବାସଭବନକୁ ଶେଷ ଦର୍ଶନ ପାଇଁ ଛୁଟି ଆସିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଦେବଦୁର୍ଲଭ କର, ଅଭିନେତା ହୃଷୀକେଶ ଦାସ, ପ୍ରମୋଦ କର, ପ୍ରହଲ୍ଲାଦ ତରାଇ, ରମେଶଚନ୍ଦ୍ର ମହାନ୍ତି, ପ୍ରକାଶ ଦଳାଇ, ଗୋଲେଖ ନାୟକ, ଆଲୋକ କୁମାର ବେହେରା ତାଙ୍କ ବାସଭବନରେ ପହଞ୍ଚି ସଂସ୍କାର ପର୍ଯ୍ୟନ୍ତ ଗ୍ରାମ ଶ୍ମଶାନରେ ଉପସ୍ଥିତ ଥିଲେ।

# କାର୍-ପିକ୍‌ଅପ୍ ଧକ୍କା; ଫରେଷ୍ଟଗାର୍ଡ ମୃତ, ୩ ଗୁରୁତର

ପାପଡ଼ାହାଣ୍ଡି, ୫।୧୧ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ଛକ ନିକଟ ଭାରତମାଳା ରାସ୍ତାରେ କାର୍ ଓ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି।


ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ଝରିଗାଁ ରେଞ୍ଜ୍‌ର ଫରେଷ୍ଟଗାର୍ଡ ଗୁପ୍ତ ପ୍ରସାଦ ମହାନ୍ତି, ଉମରକୋଟ ଫରେଷ୍ଟର କାମାକ୍ଷା ପ୍ରସାଦ ସ୍ୱାଇଁ ଓ ଝରିଗାଁ ଫରେଷ୍ଟର ତନୁଜ କୁମାର ପରିଛା ତାଲିମ ନେବା ପାଇଁ ଅନ୍ୟ ୪ ଜଣଙ୍କ ସହ ଏକ କାର୍ ଯୋଗେ ଉମରକୋଟରୁ ଜି. ଉଦୟଗିରି ଯାଉଥିବାବେଳେ ଭାରତମାଳ ରାସ୍ତାର ଡେଙ୍ଗାଗୁଡ଼ା ନିକଟରେ ସାମ୍‌ନାପଟୁ ଆସୁଥିବା ପିକ୍‌ଅପ୍ ଏକ ଭ୍ୟାନ୍ ସହ ମୁହାଁମୁହାଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଫରେଷ୍ଟ ଗାର୍ଡ ଗୁପ୍ତ ପ୍ରସାଦ ମହାନ୍ତିଙ୍କର ମୃତ୍ୟୁ ହୋଇଯାଇଥିଲା। ଗ୍ରାମବାସୀ ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ। ଗୁରୁତର ଦୁଇ ଫରେଷ୍ଟର ବିଶାଖାପାଟଣା ମେଡିକାଲ ଏବଂ ପିକ୍‌ଅପ୍ ଡ୍ରାଇଭର ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

## ■ କଂଗ୍ରେସ ନେତାଙ୍କ ସାଂଘାତିକ ଅଭିଯୋଗ

# ବିଜେପି ପାଖରେ ଜୟ ବିକ୍ରି ହୋଇଛନ୍ତି

ନୂଆପଡ଼ା/ଭୁବନେଶ୍ୱର, ୫।୧୧(ସମିସ): ନୂଆପଡ଼ାର ଚାଷୀଙ୍କୁ ଠିକଣା ସମୟରେ ବିହନ, ସାର, କୀଟନାଶକ ମିଳୁନାହିଁ। ସରକାର ଚାଷୀଙ୍କ ପ୍ରତି ଘୋରଅବହେଳା କରୁଛନ୍ତି। ଉଚ୍ଚ ଶିକ୍ଷା ପାଇଁ କୌଣସି ଟେକ୍ନିକାଲ କଲେଜ ନାହିଁ। ପିଲା ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ବିଜେପି ନିର୍ବାଚନ ଘୋଷଣାର ଠିକ କିଛି ଘଣ୍ଟା ପୂର୍ବରୁ ପ୍ରଚାର କରି ନୂଆପଡାରେ ମେଡିକାଲ କଲେଜ ହେବ ବୋଲି କହିଛି। ମାତ୍ର ମେଡିକାଲ କଲେଜ ଘୋଷଣା ଡ୍ର' ରେ ରଖାଯାଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି।

ନୂଆପଡାର ଖୁଣ୍ଟିଆ ଭବନଠାରେ ଉପନିର୍ବାଚନକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ନିଶାଣ କରି ଶ୍ରୀ ରାଉତରାୟ କହିଛନ୍ତି ଯେ ଜୟଙ୍କ ବାପାଙ୍କୁ ଯିଏ ଟିକଟ ଦେଲା, ମନ୍ତ୍ରୀ କଲା, ସେଇ ଦଳ ତ୍ୟାଗକରି ସେ ବିଜେପି ପାଖରେ ବିକ୍ରୀ ହୋଇଗଲେ। ସେଇ ବିଜେଡି ଦଳ ବିରୋଧରେ ପ୍ରେସ ମିଟ କରି ତାଙ୍କୁ ବଦନାମ କରୁଛନ୍ତି। ଯେଉଁ ଭୋଟ ଚୋରି କଥାର ରାହୁଲ ଗାନ୍ଧୀ ପର୍ଦାଫାଶ କରି ସାରା ଦେଶକୁ ଅବଗତ କରିଥିଲେ, ନବୀନ ବାବୁ ମଧ୍ୟ ସେହି କଥା କହିଛନ୍ତି। ବିଜେପି ଭୋଟ ଚୋରି କରିବା ସାଥିରେ ବର୍ତ୍ତମାନ ପ୍ରାର୍ଥୀ ମଧ୍ୟ ଚୋରି କରୁଛି। ନୂଆପଡାରେ ପ୍ରକୃତ ବିକାଶ ଦରକାର, ସୁଭଦ୍ରା ଯୋଜନା କରି ଦିନକୁ ୨୭ ଟଙ୍କା ଦେଇ ମହିଳାଙ୍କ ଉନ୍ନତି କରିବା ଗାଲୁଆମୀ ଛାଡି ଯୁବକ ଯୁବତୀଙ୍କୁ




ରୋଜଗାର, କୃଷକଙ୍କୁ ଜଳସେଚନ ବ୍ୟବସ୍ଥା, ମହିଳାଙ୍କୁ ସ୍ୱରୋଜଗାର, ଛାତ୍ର ଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ, ଆଦିବାସୀଙ୍କୁ ଅଧିକାର ଲୋଡ଼ା ବୋଲି ଶ୍ରୀ ରାଉତରାୟ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, ଏସଟି ସେଲ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ସିଂ ଲାଗୁରି, ଏସସି ସେଲ ଅଧ୍ୟକ୍ଷ ମାନସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଧାନ ବିକ୍ରି ଅବ୍ୟବସ୍ଥାର ଗୁମର ଖୋଲିଲା ଦଳୀୟ ସାଂସଦଙ୍କ ଚିଠି

# ପଞ୍ଜୀକରଣ କରିପାରୁନାହାନ୍ତି ଚାଷୀ

ଭୁବନେଶ୍ୱର, ୫।୧୧ (ସମିସ): ପଞ୍ଜୀକରଣରେ ପେଞ୍ଚପାଞ୍ଚ ଯୋଗୁଁ ରାଜ୍ୟର ହଜାର ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରି ପାରି ନ ଥିବା ନେଇ କିଛିଦିନ ତଳେ ବିଜେଡି ଅଭିଯୋଗ କରିଥିଲା। ଏହି ଘଟଣାକୁ ନେଇ ଆନ୍ଦୋଳନକୁ ଓହ୍ଲାଇଥିଲା। ଏ ସଂକ୍ରାନ୍ତରେ ସମସ୍ତ ଅଭିଯୋଗକୁ ସେତେବେଳେ ସରକାର ବାଏଁବାଏଁ ଉଡ଼ାଇ ଦେଇଥିଲେ। ମାତ୍ର ଏବେ ଖୋଦ ଶାସକ ବିଜେପିର ସାଂସଦ ପ୍ରଦୀପ ପୁରୋହିତ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠି ଚାଷୀ ପଞ୍ଜୀକରଣରେ ହୋଇଥିବା ପେଞ୍ଚପାଞ୍ଚ ଉପରୁ ପରଦା ହଟାଇଛି। ତାଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ହଜାର ହଜାର ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏ ଦିଗରେ ତୁରନ୍ତ ସରକାର ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ପୁରୋହିତ।

ଶ୍ରୀ ପୁରୋହିତ କହିଛନ୍ତି ଯେ ଚାଷୀମାନେ ଉତ୍ପାଦିତ ଧାନକୁ ମଣ୍ଡିରେ ବିକ୍ରି ନିମନ୍ତେ ପଞ୍ଜୀକରଣ ଅନିବାର୍ଯ୍ୟ ବୋଲି ନିୟମ ରହିଛି। ମାତ୍ର ତାଙ୍କ ଅଞ୍ଚଳର ପ୍ରାୟ ୫ ହଜାର ଚାଷୀ ଏହି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏ ଦିଗରେ ସରକାର ପଦକ୍ଷେପ



MEMBER OF PARLIAMENT (LOK SABHA)

Date- 05/11/2025

ଗ୍ରହଣ କରିବା ସହ ବାତ୍ୟା ମୋନ୍ଥାରେ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଶ୍ରୀ ପୁରୋହିତ ଦାବି କରିଛନ୍ତି। ତେବେ କୌତୂହଳର କଥା ହେଉଛି ଶ୍ରୀ ପୁରୋହିତଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବ୍ରଜରାଜନଗର ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ସୁରେଶ ପୂଜାରୀ ସମ୍ପ୍ରତି ରାଜସ୍ୱ ମନ୍ତ୍ରୀ ଅଛନ୍ତି। ମାତ୍ର ସେହି ଅଞ୍ଚଳର ଲୋକଙ୍କୁ ମୋନ୍ଥା କ୍ଷତି ସହାୟତା ନ ମିଳିବା ଉଲ୍ଲେଖ କରି ଶ୍ରୀ ପରୋହିତ ପରୋକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

■ ବରଗଡ଼ ଓ ଝାରସୁଗୁଡ଼ାରେ ୫ ହଜାର ଚାଷୀ ବଞ୍ଚିତ
■ ସରକାରଙ୍କୁ ଘେରିଲା ବିଜେଡି

ଅନ୍ୟପକ୍ଷରେ ବିଜେଡି ଏହାକୁ ନେଇ ସିଧା ସରକାରଙ୍କୁ ନିଶାଣ କରିଛି। ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଧାନ କ୍ରୟ ହ୍ରାସ କରିବାକୁ ସରକାର ପଞ୍ଜୀକରଣ ପାଇଁ ଜଟିଳ ନିୟମ ପ୍ରଣୟନ କରିଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ପଞ୍ଜୀକରଣ ବେଳେ ଚାଷୀମାନଙ୍କୁ ନିଜ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱୀକୃତି ସହିତ କେୱାଇସି ପ୍ରଦାନ କରିବାକୁ କୁହାଯାଇଥିଲା। ଏହା ରାଜ୍ୟର ଚାଷୀ ମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଚାଷୀମାନଙ୍କ ସମସ୍ୟାକୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଏହାକୁ ନେଇ ବିଦ୍ରୋହ ଦେଖା ଦେଇଥିଲା। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନଥିଲେ। କେବଳ ଉପର ଠାଉରିଆ ଭାବେ କିଛି ନିୟମ କୋହଳ କରିଥିଲେ। ଏହାକୁ ନେଇ ଚାଷୀମାନଙ୍କ ଭିତରେ ଅସନ୍ତୋଷ ଲାଗି ରହିଥିଲା। ସମ୍ପ୍ରତି ସାଂସଦ ପ୍ରଦୀପ ପୁରୋହିତଙ୍କ ଏହି ଚିଠି ସରକାରଙ୍କୁ ଆଇନା ଦେଖାଇଛି। ଏହି ଚିଠି ପାଇବା ପରେ ରାଜ୍ୟ ସରକାରଙ୍କ ଚେତା ପଶୁ ଓ କୃଷକ ମାନଙ୍କର ଏହି ସମସ୍ୟା ସରକାର ସମାଧାନ କରିବେ ବୋଲି ଆମେ ଆଶା କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ

## ବ୍ରହ୍ମଗିରି



ବ୍ରହ୍ମଗିରି, ୫।୧୧(ସମିସ): ଉତ୍କଳୀୟ ନୌବାଣିଜ୍ୟ ଐତିହ୍ୟ ସଂସ୍କୃତି ଓ ପରମ୍ପରାକୁ ମନେ ରଖିବା ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜହ୍ନିକୁଦା ଘାଟ ପେଣ୍ଠାରେ ୧୮ ତମ ବୋଇତ ବନ୍ଦାଣ ଉତ୍ସବ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଜହ୍ନିକୁଦା ଗ୍ରାମବାସୀଙ୍କ ସହଯୋଗରେ ଦିବଂଗତ ନେତା ଲୁଲୁ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଉତ୍ସବକୁ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଲୁଲୁ ବାବୁଙ୍କ ମାର୍ଗଦର୍ଶକ ରଘୁନାଥ ବଡୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନା, ସାଂସଦଙ୍କ ପ୍ରତିନିଧି ହରିହର ଦାଶ ଯୋଗଦେଇଥିଲେ। ବୋଇତ ବନ୍ଦାପନା ପରେ ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଈଙ୍କ ଅଭିମୁଖେ ସାଧବ ପୁଅ-ବୋହୂମାନଙ୍କୁ ନେଇ ଯାତ୍ରା ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ ପଣ୍ଡା, ଭିକାରୀ ପାତ୍ର, ସୁଶାନ୍ତ ଭାରିମଲ୍ଲ, କୃଷ୍ଣଚନ୍ଦ୍ର ବାହୁବଳେନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ।

## ଗମ୍ଭାରୀପଦା/କୁଣ୍ଢେଇ

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରାଚୀ ମୂଳକ ତୈଳ ବୈଶ୍ୟ ସମାଜ ପକ୍ଷରୁ କୁଣ୍ଢେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଣ୍ଢେଇଶୁଣିଙ୍କ ପୀଠରେ ୪୫ତମ ଅଧିବେଶନ ଏକାଦଶ ମୂଳକ ସଭାପତି ରତିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନ ପୂର୍ବରୁ ଉତ୍କଳୀୟ ପରମ୍ପରାର ଐତିହାସିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଭାର ସଭାପତି ଗୁରୁକିଙ୍କର ଜେଠୀ, ସମ୍ପାଦକ ଶଙ୍କର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ପ୍ରାଚୀ ଗୌରବ ସମ୍ମାନ ପ୍ରଦାନ ଓ ଶିକ୍ଷା ବୃତ୍ତି ପାଣ୍ଠିକୁ ଦାନ କରିଥିବା କୁବେରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ମହାସଭାର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ୨ୟ ଅଧିବେଶନରେ ସ୍ଥାନୀୟ କଳାପ୍ରତିଯୋଗୀଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ କଳାକାରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରମୁଖ ପ୍ରମୋଦ କିଶୋର ଦାସ, ଏକାଦଶ ମୂଳକ ସମ୍ପାଦକ ଗଗନ ବିହାରୀ ପୃଷ୍ଟି, ସର୍ବ ବ୍ୟବସ୍ଥା ପ୍ରମୁଖ ସୁରେନ୍ଦ୍ର ନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହସ୍ରାଧିକ ଜନସାଧାରଣଙ୍କ ସମାଗମରେ ବୈଠକ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

## ବଲଙ୍ଗା

ବଲଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀ କୂଳରେ ଅବସ୍ଥିତ ନାହାମଙ୍ଗ ପାଟଣା ଗ୍ରାମରେ ୧୧ତମ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପୁରୀ-ନିମାପଡ଼ା ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସରପଞ୍ଚ ରିନା ମିଶ୍ର, ସମାଜସେବୀ ଶ୍ରୀକାନ୍ତ ପଟ୍ଟନାୟକ, ଯୁବନେତା ଚିନ୍ତାମଣି ବରାଳ, ଆଇନଜୀବୀ ଅନୁପ ପରିଡ଼ା, ଅଧ୍ୟାପକ ସୁବ୍ରତ ମହାନ୍ତି, ଆଇନଜୀବୀ ଅମରଜିତ୍ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦଇଥିଲେ। ସାଧବ ପୁଅ



ଉତ୍କଳୀୟ କଳା, ସଂସ୍କୃତିର ପ୍ରଚାରକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ହଜି ଯାଇଥିବା ଲୋକକଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପୁନରୁଦ୍ଧାର ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ପଲ୍ଲିଶ୍ରୀ ମେଳାରେ ୧୦ଟି ସ୍ୱୟଂସହାୟକ ଗୋଷ୍ଠୀ ଷ୍ଟଲ୍ ପକାଇଥିଲେ। ଏହାକୁ ସଂଯୋଜନା କରୁଥିଲେ ବନମାଳୀ ଦାସ। ଓଡ଼ିଆ ଭାଷା ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ, ବୀଣା କେଶରୀ ନୃତ୍ୟ ମଞ୍ଜରୀ, ମଙ୍ଗଳପୁର ସମ୍ବଲପୁରୀ ରୁମୁକୁ ଝୁମାନା ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସମ୍ପାଦକ ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ଓଲିଉଡ୍ କଣ୍ଠଶିଳ୍ପୀ ଇରା ମହାନ୍ତି, ପ୍ରଦିପ ପଲେଇ ଓ କମେଡି କିଙ୍ଗ୍ ଟୁକୁନା ଷ୍ଟାଇଲିସ୍ ଯୋଗଦେବେ।

## କଣାସ

ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ପ୍ରତ୍ୟେକ ଗ୍ରାମରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ପୁରୁଣା ପରମ୍ପରା କଦଳୀ ଗଛ ବାହୁଙ୍ଗାରେ ଡଙ୍ଗା ତିଆରି କରି ପାନ, ଗୁଆ ରଖି ପ୍ରଦୀପ ପ୍ରଜ୍ୱଳନ କରି ନିଜ ନିଜର ଗ୍ରାମରେ ଥିବା ନଦୀ ଓ ପୁଷ୍କରିଣୀରେ ପୂର୍ବରୁ ଭସାଉଥିଲେ। କିନ୍ତୁ ଆଜି ତାହା ବିଲୁପ୍ତ ହେବାକୁ ବସିଲାଣି। ଆଜି କାଗଜରେ ନିର୍ମିତ ଡଙ୍ଗା ଭସାଯାଉଥିବା ଦେଖିବାକୁ ମିଳିଥିଲା। ସିରେଇ ଗ୍ରାମରେ କଣାସ ଅଞ୍ଚଳର ମଠାଧିଶମାନେ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଇ ସିରେଇ ବଡ଼ପୋଖରୀରେ ବୋଇତ ଭସାଇଥିଲେ।

## ଚାରିଛକ

ବୁଧବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚାରିଛକ ନିକଟସ୍ଥ ପୁଣ୍ୟତୋୟା ପ୍ରାଚୀନଦୀ ଓ ଗ୍ରାମରେ ଥିବା ବିଭିନ୍ନ ପୁଷ୍କରିଣୀରେ ଭୋରୁ ଶ୍ରଦ୍ଧାଳୁମାନେ ବିଭିନ୍ନ ରଙ୍ଗ ବେରଙ୍ଗର କାଗଜ ଡାଙ୍ଗା ଓ କଦଳୀ ଡଙ୍ଗା ଭସାଉଥିବା ଦେଖିବାକୁ ମିଳିଛି। ଚାରିଛକ, ଭୋଦର, ଛଣିଜଙ୍ଗ, ତୁଳସୀପୁର, ଭାଣପୁର, ସୁଧବାରୀମୂଳ, ପଥରପଦା, ଭଇଁଚିଗୋରଡ଼ି, ସାଇଲୋ, ନଡ଼ଣା, ଭିଲିଗ୍ରାମ ଆଦି ସମସ୍ତ ଗ୍ରାମର ଶ୍ରଦ୍ଧାଳୁ ଓ ଛୋଟ ପିଲାମାନେ ସକାଳୁ ଉଠି ବିଭିନ୍ନ ନଦୀ ଓ ପୁଷ୍କରିଣୀରେ ଡଙ୍ଗା ମଧ୍ୟରେ ତୁଳା ବଳିତା ଲଗାଇ ବନ୍ଦାପନା କରି "ଆ କା ମା ବୈ, ପାନଗୁଅ ଥୋଇ, ପାନଗୁଆ ତୋର ମାସିକ ଧରମ ମୋର' ଗାନକରି ଡଙ୍ଗା ଭସାଇଥିଲେ। ବିଶେଷକରି ଚାରିଛକ ନିକଟସ୍ଥ ଭଇଁଚିଗୋରଡ଼ି ଗ୍ରାମର ଯୁବକ ସଂଘ ସଦସ୍ୟଙ୍କ ଦ୍ୱାରା ଅମରେଶ୍ୱର ମହାଦେବଙ୍କ ମନ୍ଦିର ପୁଷ୍କରିଣୀରେ ଏକ ନିଆରା ଡଙ୍ଗା ଭସା ଦେଖିବାକୁ ମିଳିଥିଲା।



## ନିମାପଡ଼ା



ନିମାପଡ଼ା ନିଗମ କଳା ସଂସଦ ପକ୍ଷରୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଗୁରୁ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ମଲ୍ଲିକଙ୍କ ସ୍ମୃତିରେ ୧୭ତମ ଭଜନ ସମାରୋହ ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ସଂଗୀତ ଗୁରୁ ଆଶା ମୁକୁଳ ବାରିକ୍, ପଣ୍ଡିତ ନିରଞ୍ଜନ ମିଶ୍ର, ପଣ୍ଡିତ ଜ୍ୟୋତି ପ୍ରକାଶ ମିଶ୍ର, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ସଂଗୀତ ଗୁରୁ ପୀତବାସ ନାୟକ ପ୍ରମୁଖ ଯୋଗଦେଇ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ପରମ୍ପରା ଏବଂ ବାଣିଜ୍ୟରେ ସାଧବ ପୁଅଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନିଗମ କଳା ସଂସଦର ପ୍ରତିଷ୍ଠାତା ଗୁରୁ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ମଲ୍ଲିକଙ୍କ ଅନୁପସ୍ଥିତିକୁ ଅତିଥି ଏବଂ ସଂସଦର ଛାତ୍ରଛାତ୍ରୀମାନେ ମନେ ପକାଇଥିଲେ। ଅତିଥି ଏବଂ କୁନି କଣ୍ଠଶିଳ୍ପୀମାନଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚାଷୀଙ୍କୁ ଫସଲ ସମ୍ବନ୍ଧୀୟ ପ୍ରଶିକ୍ଷଣ

ନିମାପଡ଼ା, ୫।୧୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଅମରେଶ୍ୱର ମହାଦେବଙ୍କ ପୀଠରେ କୃଷକ ଭାରତ ସମବାୟ ସଂସ୍ଥା କ୍ରିଭକୋ ଏବଂ ଓଏଫ୍‌ଏସ୍‌ଆଇଏଫ୍‌ଏସ୍ ନାମକ ବେସରକାରୀ ସଂସ୍ଥାର ମିଳିତ ପ୍ରୟାସରେ ଫସଲ ସଂକ୍ରାନ୍ତରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରୁମୁଲ୍‌ର ଚେୟାରମ୍ୟାନ୍ ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଉପକୃଷି ନିର୍ଦ୍ଦେଶକ ଅମରେଶ୍ୱର ମିଶ୍ର, ଡ. ବିଜୟାନନ୍ଦ ମହାନ୍ତି, ଓୟୁଏଟି ଉଦ୍ୟାନ ବିଭାଗର ପୂର୍ବତନ ମୁଖ୍ୟ ଡ. ପ୍ରଭୁ ଚରଣ ଲେଙ୍କା, କ୍ରିଭ୍‌କୋର ବରିଷ୍ଠ କ୍ଷେତ୍ର ଅଧିକାରୀ ପ୍ରିତିଶ କୁମାର ମିଶ୍ର, ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶୀତଦିନିଆ ପନିପରିବା ଚାଷ ଏବଂ ବିଭିନ୍ନ ପନିପରିବାର ଗୁଣବତ୍ତା ମାନବ ଶରୀର ଉପରେ ଏହାର ସବୁ ପ୍ରଭାବ, ଧାନ, ନଡ଼ିଆ, ଫସଲରେ ରୋଗ ପୋକ, ଜୈବିକ ଉପାୟରେ ପୋକ ନିୟନ୍ତ୍ରଣ, ଗୋ-ପାଳନ, ଘାସଚାଷ ଓ ସରକାରଙ୍କ କାମଧେନୁ ଯୋଜନା ଉପରେ ଉପସ୍ଥିତ ଅତିଥିମାନେ ଚାଷୀଙ୍କୁ ବୁଝାଇଥିଲେ। ଶେଷରେ ନୀଳମାଧବ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜସେବୀଙ୍କ ପରଲୋକ



ଗୋପ, ୫।୧୧(ସମିସ): ଗୋପ ବ୍ଲକ୍‌ର ଯୁବ ସାମ୍ବାଦିକ ରଶ୍ମିରଞ୍ଜନ ବେହେରାଙ୍କ ବାପା ଦିବାକର ବେହେରା(୭୨)ଙ୍କ ଦେହାନ୍ତ ହୋଇଛି। ସ୍ୱର୍ଗତ ବେହେରା କିଛିବର୍ଷ ଧରି ହୃଦ୍‌ଜନିତ ରୋଗରେ ପୀଡ଼ିତ ଥିବାବେଳେ ମଙ୍ଗଳବାର ରାତିରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ପୁରୀ ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ଦିବାକର ଜଣେ ସଫଳ ଚାଷୀ ଭାବେ ସୁନାମ ଅର୍ଜନ କରିଥିବାବେଳେ ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ରଶ୍ମିରଞ୍ଜନ ବେହେରା ମୁଖାଗ୍ନି ଦେଇଥିଲେ।

# କାର୍ତ୍ତିକ ମେଳା ଉଦ୍‌ଯାପିତ

ସାକ୍ଷୀଗୋପାଳ, ୫।୧୧(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଳଗୁମସ୍ଥିତ ଶ୍ରୀଶ୍ରୀଗତିଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷର କାର୍ତ୍ତିକ ମେଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚଦିବସୀୟ ଏହି କାର୍ଯ୍ୟକ୍ରମ ଅଁଳାନବମୀଠାରୁ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା, ପୁରସ୍କାର ବିତରଣ, ଓଡ଼ିଶୀ ନୃତ୍ୟ, ମୀନା ବଜାର, ସ୍ୱାସ୍ଥ୍ୟ ଶିବିର, କବିତାପାଠ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦିବସରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା, ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ସମାଜସେବୀ ସୌମିତ୍ର ପାଣି, ପ୍ରଫେସର ଅଶୋକ ରାଉତରାୟ, ଡ. ରଶ୍ମିରଞ୍ଜନ ପାଣି ପ୍ରମୁଖ ଯୋଗଦେଇଥିଲେ। ରୁଦ୍ରାଭିଷେକ ପରିଷଦ ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଉପେନ୍ଦ୍ର କୁମାର ପଣ୍ଡା ଓ କର୍ମକର୍ତ୍ତାଙ୍କ ସହିତ ଅଳଗୁମ ଗ୍ରାମବାସୀ ସହଯୋଗ କରିଥିଲେ। କର୍ତ୍ତା ଭାବେ ଲକ୍ଷ୍ମୀଧର ପଣ୍ଡା ସପତ୍ନିକ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ପ୍ରସନ୍ନ କର, କାହ୍ନୁ ଚରଣ କର, ଧନେଶ୍ୱର ତ୍ରିପାଠୀ, ମହେନ୍ଦ୍ର ପଣ୍ଡା ଯଜ୍ଞ କାର୍ଯ୍ୟ କରିଥିଲେ।

# କୋଣାର୍କ-ପୁରୀ ବେଳାମାର୍ଗରେ ଦୁଇଟି ଦୁର୍ଘଟଣା; ୧୦ ଆହତ

କୋଣାର୍କ, ୫।୧୧(ସମିସ): ପୁରୀ-କୋଣାର୍କ ବେଳାମାର୍ଗର ଡିଆର୍‌ଡିଓ ନିକଟରେ ଜଗନ୍ନାଥ ବସ୍‌କୁ ଷୋଳପୁଅ ମା' ପାସେଞ୍ଜର ବସ୍ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୭ଜଣ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ବୁଧବାର ଅପରାହ୍ଣରେ ପୁରୀରୁ କୋଣାର୍କ ଅଭିମୁଖେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସୁଥିବା ଜଗନ୍ନାଥ ବସ୍‌କୁ ପଛରୁ ଆସୁଥିବା ଷୋଳପୁଅ ମା' ବସ୍ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ିରେ ବସିଥିବା ୭ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଖବରପାଇ ଦୁର୍ଘଟଣାସ୍ଥଳରେ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପହଞ୍ଚି ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୁରୀ ସଦର ଡାକ୍ତରଖାନାକୁ ପଠାଇଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ପୁଲିସ ଜବତ କରିଛି। ସେହିପରି ଅପରାହ୍ଣ ୪.୩୦ରେ ରାମଚଣ୍ଡୀ ଥାନା ଅଧୀନ ଭୂଆଁ ଛକ ନିକଟରେ ପୁରୀରୁ କୋଣାର୍କ ଆସୁଥିବା ଏକ ଅଟୋ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଚଉରାକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଅଟୋରେ ବସିଥିବା ୩ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୪ ଜଣଙ୍କର ସାମାନ୍ୟ କ୍ଷତି ହୋଇଛି। ଦୁର୍ଘଟଣାସ୍ଥଳରେ ରାମଚଣ୍ଡୀ ପୁଲିସ ପହଞ୍ଚି ଅଟୋକୁ ଜବତ କରିବା ସହ ଆହତମାନଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ପଠାଇଥିଲେ।

# ମକ୍ ପାର୍ଲିଆମେଣ୍ଟ ଆୟୋଜିତ

ସାକ୍ଷୀଗୋପାଳ, ୫।୧୧(ସମିସ): ଆଜିର ଶିଶୁ କାଲିର ନାଗରିକ। ସେହି ନାଗରିକ ପୁଣି ଦେଶ ଗଠନରେ ମୁଖ୍ୟ ଭୂମିକା ବହନ କରିଥାଏ। ତେବେ ସେହି ନାଗରିକ ଶିକ୍ଷିତ ହେବା ସଙ୍ଗେ ସଙ୍ଗେ ସଚେତନ ହେବା ମଧ ଅତ୍ୟନ୍ତ ଆବଶ୍ୟକ ଅଟେ। କୁନିକୁନି ଛାତ୍ରଛାତ୍ରୀଙ୍କୁ ଦେଶର ସଂସଦୀୟ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ ପରିସରରେ ଏକ ଅନୁକରଣାତ୍ମକ ଲୋକସଭାର ଅର୍ଥାତ୍ ମକ୍ ପାର୍ଲିଆମେଣ୍ଟର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିପକ୍ଷ ଦଳ ଓ ଶାସକ ଦଳର ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଏବଂ ସାଂସଦ ରୂପେ ଅଭିନୟ ପୂର୍ବକ ଦେଶର ପ୍ରମୁଖ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ଓ ମମିତା ନାୟକଙ୍କ ତତ୍ତ୍ୱାବଧାନ ତଥା ଅନ୍ୟ ଶିକ୍ଷକବୃନ୍ଦଙ୍କ ସହାୟତାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ନିଜର ବକ୍ତବ୍ୟ ଉପସ୍ଥାପନ ପୂର୍ବକ ଶିକ୍ଷାର୍ଥୀମାନଙ୍କୁ ଦେଶ ନିର୍ମାଣରେ ସଂସଦର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଜାହାନିଆସ୍ଥିତ ପୀର ବାବାଙ୍କ ପୀଠରେ ପୂଜାର୍ଚ୍ଚନା

ଅସ୍ତରଙ୍ଗ, ୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହିନ୍ଦୁ, ମୁସ୍‌ଲିମ ସଦ୍‌ଭାବନାର ଅନ୍ୟତମ ସ୍ମାରକୀ ପୀଠ ପୁରୀ ଜିଲ୍ଲା ଅସ୍ତରଙ୍ଗର ପୀର୍ ଜାହାନିଆଠାରେ ହଜାର ହଜାର ସଂଖ୍ୟାରେ ଉଭୟ ହିନ୍ଦୁ ଓ ମୁସ୍‌ଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଖୁବ୍ ଶ୍ରଦ୍ଧାର ସହ ପୀର ବାବାଙ୍କ ପାଖରେ ପୂଜାର୍ଚ୍ଚନା କରିଛନ୍ତି। କାହିଁ କେତେ କାଳରୁ ଚାଲି ଆସିଥିବା ଏହି ପରମ୍ପରା ଅନୁଯାୟୀ ପ୍ରତ୍ୟୁଷରେ ଜାହାନିଆ ପୀରଙ୍କ ଏହି ପୀଠରେ ମୁସ୍‌ଲିମ ପୂଜକମାନେ ସ୍ୱତନ୍ତ୍ର ପୂଜା ନୀତି ସାରିବା ପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ହଜାର ହଜାର ସଂଖ୍ୟାରେ ମୁସଲମାନ ଶ୍ରଦ୍ଧାଳୁ ପୀର ବାବାଙ୍କ ନିକଟରେ ଚାଦର ଓ ଧୂପ ଲାଗି କରି ନମାଜପାଠ କରିଥିବାବେଳେ ହିନ୍ଦୁମାନେ ପୀର ବାବାଙ୍କ ନିକଟରେ ଖଇ, ନଡ଼ିଆ ଭୋଗ, ଦୀପ ଓ ପତାକା ଲାଗି କରିଥିଲେ। ବିଶ୍ୱାସ ରହିଛି ଏହି ପବିତ୍ର ଦିନରେ ପୀର ବାବାଙ୍କ ପୂଜାର୍ଚ୍ଚନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ସେହିପରି ତାଳଦା ଓ ତରାସାହି ପଞ୍ଚାୟତ ତରଫରୁ ତଳଦା ଦେବୀ ନଦୀ ଘାଟରେ କରାଯାଇଥିବା ଦ୍ୱିତୀୟ ବାର୍ଷିକୀ ବୋଇତ ବନ୍ଦାଣ ମହା ଆଡ଼ମ୍ବରରେ ପାଳିତ ହୋଇଛି।

# କାର୍ ଧକ୍କାରେ ମହିଳା ମୃତ

ପିପିଲି, ୫।୧୧(ସମିସ): ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ମଙ୍ଗଳପୁର ନିକଟବର୍ତ୍ତୀ ବଧିସିଡ଼ିଠାରେ ପୁରୀ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ କାର୍ ଜଣେ ମହିଳାଙ୍କୁ ଧକ୍କା ଦେବାରେ ଘଟଣାସ୍ଥଳରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। କାର୍‌ଟି ଦୁର୍ଘଟଣା ପରେ ଫେରାର୍ ହୋଇଯାଇଛି। ମୃତକ ମହିଳା ହେଲେ ନିକଟବର୍ତ୍ତୀ ସୁହାଗପୁର ଗ୍ରାମର ଚନ୍ଦ୍ରଶେଖର ମହାପାତ୍ରଙ୍କ ପତ୍ନୀ ସୁବାସି ମହାପାତ୍ର (୫୦)। ଖବରପାଇ ପିପିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଚଳାଇଛି।

# ବାଇକ୍ ଧକ୍କାରେ ମହିଳା ମୃତ; ୩ ଗୁରୁତର

ପିପିଲି, ୫।୧୧(ସମିସ): ବୁଧବାର ଭୋର୍ ୫ଟା ସମୟରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ନିକଟବର୍ତ୍ତୀ ସିଉଳା ଛକଠାରେ ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ତିନି ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ପିପିଲି ଥାନା ଅନ୍ତର୍ଗତ ସିଉଳା ଗ୍ରାମର ଲକ୍ଷ୍ମୀଧର ବୀରଙ୍କ ପତ୍ନୀ ମଞ୍ଜୁଲତା ବୀର (୬୦) ତାଙ୍କ ଗ୍ରାମ ନିକଟରେ ଥିବା ମହାଦେବ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିଲେ। ସେଠାରୁ ଘରକୁ ଫେରିବାକୁ ଜାତୀୟ ରାଜପଥ ଅତିକ୍ରମ କରୁଥିବାବେଳେ ପୁରୀ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେବାରୁ ମହିଳା ଜଣକ ଗୁରୁତର ହୋଇଥିଲେ। ବାଇକ୍‌ରେ ଥିବା ତିନି ଯୁବକ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ପୁଲିସ ଡାକ୍ତରଖାନରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ପଲ୍‌ସର ବାଇକ୍‌କୁ ଜବତ କରିଛି। ଗୁରୁତର ବାଇକ୍ ଆରୋହୀମାନେ ନିକଟସ୍ଥ ଏକଚାଳିଆ ଗ୍ରାମର ବୋଲି ଜାଣିବାକୁ ମିଳିଛି। ପୁଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।

# ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ରାସୋତ୍ସବ ଉଦ୍‌ଯାପିତ

ନୟାହାଟ, ୫।୧୧(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ଆରମ୍ଭ ହୋଇଥିବା ଶରତ ରାସ ଉତ୍ସବ ବୁଧବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନ ଉଦ୍‌ଯାପିତ ହୋଇଯାଇଛି। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଏକ ମାସ କାର୍ତ୍ତିକ ଅବକାଶ ପଠନ ଚାଲୁ ରହିଥିଲା। ଏଥିରେ ଅନାମ ଭାଇ, ଧୋବା ଭାଇ, ଟୁଲୁ ଭାଇ, ବସନ୍ତ ଭାଇ, ଚରଣ ଭାଇ, ସନ୍ତୋଷ ସାହୁ, ଗୋବିନ୍ଦ ଭାଇ, ରାଜୁ ଭାଇ, ସେବିକା ସବିତା ଦାସ, ଅନୁ ମା', ବାସନ୍ତୀ ମା', ସବିତା ମା', ଉର୍ମିଳା ମା', ଚୁମୁକି ମା', ଶାନ୍ତି ମା', ଶୁକ ମା', ଲବଙ୍ଗ ମା', ବୀଣା ମା' ପ୍ରମୁଖ ଭାଗନେଇଥିଲେ। ସନ୍ଧ୍ୟା ଆଳତି ପରେ ସମସ୍ତ ଭକ୍ତ ଏକତ୍ରିତ ହୋଇ ଜୟ ରାଧେ ଜୟ ରାଧେ ଗାନ କରି କଦମ୍ବ ଗଛ ବେଢ଼ା ପରିକ୍ରମା କରାଯାଇ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ୱତନ୍ତ୍ର ରାହାସ ମଣ୍ଡପରେ ସ୍ଥାପନ କରାଯାଇଥାଏ। ପରେ ସମାଧି ମନ୍ଦିରରୁ ଗୁରୁଦେବଙ୍କ ଶ୍ରୀବିଗ୍ରହ ଓ ପାଦୁକା କୀର୍ତ୍ତନ, ଶଙ୍ଖ ଧ୍ୱନି, ହରିବୋଲ, ହୁଳହୁଳି ଦେଇ ଭକ୍ତମାନେ ଆନନ୍ଦରେ ରାହାସ ମଣ୍ଡପକୁ ଆଣିଥାନ୍ତି। ଏଥି ପଞ୍ଚୁକରେ ବୃନ୍ଦାବତୀ ପୂଜା, କଉଡ଼ି ଖେଳ, ଭକ୍ତମାନଙ୍କୁ ଦହି ଭୋଗ ବିକ୍ରି ପ୍ରଥା ଏଠାରେ ଏକ ନିଆରା ପରମ୍ପରା। ବର୍ଷକରେ ଥରେ ପ୍ରସ୍ତୁତ ହେଉଥିବା ଏହି ଦହି ପ୍ରସାଦ ପାଇବା ପାଇଁ ଭକ୍ତମାନେ ଅପେକ୍ଷା କରିଥାନ୍ତି। ଆଶ୍ରମରେ ପାଳନ ହେଉଥିବା ୩୦ ପର୍ବରୁ ଏହା ଅନ୍ୟତମ ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି।

# ଅଲାରନାଥଙ୍କ ରାଜାଧିରାଜ ବେଶ



ବ୍ରହ୍ମଗିରି, ୫।୧୧(ସମିସ): ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅଲାରନାଥଙ୍କ ରାଜାଧିରାଜ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଦୁର୍ଲଭ ବେଶକୁ ଦେଖିବା ପାଇଁ ମନ୍ଦିରରେ ସକାଳୁ ସକାଳୁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଭୋର୍ ୪ଟାରୁ ଶ୍ରୀଜୀଉଙ୍କ ମନ୍ଦିର ଫିଟାଯାଇ ମଙ୍ଗଳଆଳତି ପରେ ଅବକାଶ ଓ ଚନ୍ଦନ ତୁଳସୀ ଲାଗି କରାଯାଇଥିଲା। ତା'ପରେ କାର୍ତ୍ତିକ ପୂର୍ଣ୍ଣିମା ନୀତି ଆରମ୍ଭ ହୋଇଥିଲା। ଏହି ଅବସରରେ ଅଲାରନାଥଙ୍କୁ ରାଜାଧିରାଜ ବେଶ କରାଯାଇଥିଲା। ଶହ ଶହ ଭକ୍ତ ପୁଷ୍କରିଣୀରେ ଡଙ୍ଗା ଭସାଇ ପରେ ଅଲାରନାଥ ମନ୍ଦିରକୁ ଯାଇ ପ୍ରଭୁଙ୍କ ଦର୍ଶନ କରିଥିଲେ। ସେହିପରି ବ୍ରହ୍ମଗିରି ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଦେବଦେବୀଙ୍କ ପୀଠ ଏବଂ ବିଶେଷ କରି ଶୈବପୀଠଗୁଡ଼ିକରେ ଭୋର୍ ଏବଂ ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ପରିଲକ୍ଷିତ ହୋଇଛି।

# ମା' କୁଞ୍ଜେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

କଣାସ, ୫।୧୧(ସମିସ): କଣାସ ବ୍ଲକ୍‌ର ଆରାଧ୍ୟ ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ପୀଠରେ ପ୍ରତିବର୍ଷପରି ଚଳିତ ବର୍ଷ ୪୬ତମ ବିଶ୍ୱଶାନ୍ତି ମହାଯଜ୍ଞ ଅଁଳାନବମୀଠାରୁ ଆରମ୍ଭ ହୋଇ ହଜାର ହଜାର ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ କରାଯାଇଥିଲା। ପଣ୍ଡିତମାନେ ୭ଦିନ ଧରି ଯଜ୍ଞ କାର୍ଯ୍ୟ ସୂଚାରୁରୂପେ ପରିଚାଳନା କରିଥିବାବେଳେ ଗ୍ରାମବାସୀ ଓ ଯଜ୍ଞ କମିଟିର ସଦସ୍ୟମାନେ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।

**ଦରଦାମ୍ ବୃଦ୍ଧି ଓ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାରରେ ଅତିଷ୍ଠ ବାଉଁଶ କାରିଗର**

# ବୁଡ଼ିବାକୁ ବସିଛି ଶହଶହ ବର୍ଷର କୌଳିକ ବୃତ୍ତି

**ପିପିଲି, ୫।୧୧(ସମିସ):** ଆଧୁନିକ ସଭ୍ୟତାରେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଯୋଗୁଁ ବାଉଁଶ କାରିଗର ବର୍ତ୍ତମାନ ଅଲୋଡ଼ା ପାଲଟିଛନ୍ତି। ଫଳରେ ନିଜର କୌଳିକ ବୃତ୍ତି ବୁଡ଼ିଯିବା ଚିନ୍ତାରେ ଅଛନ୍ତି ବାଉଁଶ କାରିଗର। ଏହି ବୃତ୍ତିରେ ରହି ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷେ କଷ୍ଟସାଧ ହେଉଛି।

ସୂଚନା ମୁତାବକ, ପିପିଲି ଦୁର୍ଗାଦାସପୁର ପଞ୍ଚାୟତର ଠଣଠଣା ସହଜପୁର ପଞ୍ଚାୟତର ରୟଗିରିପୁର ଗ୍ରାମରେ ପ୍ରାୟ ୫୦ ପରିବାର ବାଉଁଶ କାରିଗର ଭାବେ କାର୍ଯ୍ୟ କରନ୍ତି। କାହିଁ କେଉଁ କାଳରୁ ଲୋକମାନଙ୍କ ନିତ୍ୟ ବ୍ୟବହାର ପାଇଁ ବାଉଁଶରେ ତିଆରି ଝୁଡ଼ି, ଗାଣ୍ଡୁଆ, ଟୋକେଇ, ବାଉଁଶିଆ ଆଦି ବିଭିନ୍ନ ପ୍ରକାରର ଜିନିଷ ସେମାନେ ପ୍ରସ୍ତୁତ କରିଥା'ନ୍ତି। ପୂର୍ବରୁ ପରିବାରର ସମସ୍ତେ ଏହି କାମ କରୁଥିବାବେଳେ ବର୍ତ୍ତମାନ ପରିବାରର ଜଣେ କିମ୍ବା ଦୁଇଜଣ ଏହି କାମ କରୁଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ବର୍ତ୍ତମାନ ବାଉଁଶର ଅହେତୁକ ଦରଦାମ୍ ବୃଦ୍ଧି। ଏହାସହ




ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଦ୍ୱାରା ବାଉଁଶରେ ନିର୍ମିତ ଜିନିଷର ଆଦର କମୁଛି। ଏହା ଫଳରେ କାଁ ଭାଁ ଏହି ସାମଗ୍ରୀ ବିକ୍ରି ହେଉଛି। ଫଳରେ ଏହି କାରିଗରମାନେ ଅନ୍ୟ ବ୍ୟବସାୟ ସହିତ ରାଜମିସ୍ତ୍ରି ଆଦି କାର୍ଯ୍ୟ କରୁଛନ୍ତି। ଯେଉଁ ହାତଗଣତି ପରିବାର ଏହି ବୃତ୍ତିକୁ କଷ୍ଟେମଷ୍ଟେ ବଞ୍ଚାଇଛନ୍ତି, ସେମାନଙ୍କ ପର ପିଢ଼ି ଏଭଳି ଅଭାବ ଅସୁବିଧା ଦେଖି ଏହି କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଏହି ପୁରାତନ ବାଉଁଶ କାରିଗରଙ୍କ ପାଇଁ ସେଭଳି କିଛି ଯୋଜନା ହାତକୁ ନିଆଯାଇ ନାହିଁ। କେବଳ ଖାଉଟି କାର୍ଡରେ ୫ କେଜି ଚାଉଳ ବ୍ୟତୀତ ଅନ୍ୟ କୌଣସି ପ୍ରୋତ୍ସାହନ ନାହିଁ। ଆଧୁନିକତାର ସ୍ୱର୍ଶ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଓ ବାଉଁଶର ସାମଗ୍ରୀ ଅହେତୁକ ଦରଦାମ୍ ବୃଦ୍ଧି ପାଇଁ ଏହି ପୁରାତନ କୌଳିକ ବୃତ୍ତି ଧୀରେ ଧୀରେ ବୁଡ଼ିବାକୁ ଲାଗିଛି। ସରକାର ଏହି ପୁରାତନ ବୃତ୍ତିଧାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ କାରିଗର ମାନ୍ୟତା ଦେଇ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଇଲେ ବୁଡ଼ି ଯାଉଥିବା ଏହି କୁଟୀରଶିଳ୍ପ ବଞ୍ଚିବାରେ ସହାୟକ ହେବ ବୋଲି ସଂଖ୍ୟାଧିକ ବାଉଁଶ କାରିଗର କହିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୫/୧୧/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୫୯,୧୩୧/- ସୁନା: ୦୪.୬୦୦ ଗ୍ରାମ୍ ରୁପା: ୭୩.୬୦୦ ଗ୍ରାମ୍







ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼

ଶ୍ରୀକ୍ଷେତ୍ରରେ କାର୍ତ୍ତିକ ପୂର୍ଣ୍ଣିମା

## ଉଚ୍ଛୁଳିଲା ସମୁଦ୍ରକୂଳ, ତୀର୍ଥ ପୁଷ୍କରିଣୀ

ପୁରୀ,୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସା ଏବଂ ଠାକୁରଙ୍କ ଦର୍ଶନ ସହ କାର୍ତ୍ତିକ ବ୍ରତ ଶେଷ କରିଛନ୍ତି ବ୍ରତଧାରୀ। ଏଥିପାଇଁ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧି କୂଳରେ ପ୍ରବଳ ଭିଡ଼ ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ନିମନ୍ତେ ପାହାନ୍ତାରୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର ପୁରୀ। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେପକାଇ ଶ୍ରୀକ୍ଷେତ୍ରର ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇଛନ୍ତି ଶ୍ରଦ୍ଧାଳୁ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମରେ ଉଚ୍ଛୁଳି ପଡ଼ିଥିଲା ତୀର୍ଥ ପୁଷ୍କରିଣୀ ଓ ସମୁଦ୍ର ବେଳାଭୂମି। ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧର୍ମ ମୋର... ଉଚ୍ଚାରଣରେ କମ୍ପିଥିଲା ପରିବେଶ। ଖାସ୍ କରି ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ସମେତ ତୀର୍ଥରାଜ ମହୋଦଧିରେ ରାତ୍ର ଶେଷ ପ୍ରହରରୁ ଦେଖିବାକୁ ମିଳିଥିଲା ପ୍ରବଳ ଭିଡ଼। କାଗଜ ଡଙ୍ଗା, କଦଳୀ ପାଟୁକାରେ ନିର୍ମିତ ଆଦି ବିଭିନ୍ନ ପ୍ରକାର ଡଙ୍ଗା ଧରି ସମସ୍ତେ ପହଞ୍ଚିଥିଲେ ଜଳାଶୟ କୂଳରେ। ଅନେକ ବୁଡ଼ ପକାଇ ଡଙ୍ଗାରେ ପାନ, ଗୁଆ ଆଦି ରଖି ଦୀପ ଜଳାଇ ଭସାଇ ଦେଇଥିଲେ। ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବହନ କରୁଥିବା ଏହି ଡଙ୍ଗା ଭସାକୁ ନଜରରେ ରଖି ବେଳାଭୂମି ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଡଙ୍ଗା ଭସାଇବା ପରେ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା।





### ପ୍ରତ୍ୟୁଷରୁ ଦେବାଳୟରେ ଲାଗିଲା ଗହଳି

ଶ୍ରୀମନ୍ଦିର ବ୍ୟତୀତ ପ୍ରତ୍ୟୁଷରୁ ଦରିଆ ମହାବୀର, ସିଦ୍ଧମହାବୀର, ଅଲାମଚଣ୍ଡୀ, ନୃସିଂହ ମନ୍ଦିର, ପଞ୍ଚ ମହାଦେବ, ମାଉସୀ ମା' ମନ୍ଦିର, ମା' ବାଟମଙ୍ଗଳା ପ୍ରଭୃତି ଦେବଦେବୀଙ୍କ ପୀଠକୁ ଯାଇ ଦର୍ଶନ କରିଥିଲେ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

## ବେଳାଭୂମି ସଫାକଲେ ସ୍ୱେଚ୍ଛାସେବୀ



ପୁରୀ,୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନେ ବିଭିନ୍ନ ତୀର୍ଥ ପୁଷ୍କରିଣୀ, ମହୋଦଧି ଆଦି ଜଳାଶୟରେ ଡଙ୍ଗା ଭସାଇଥିଲେ। ଏହି ଡଙ୍ଗା ଭସା ଯୋଗୁଁ ଚକ୍ରତୀର୍ଥ ବେଳାଭୂମି ଅପରିଷ୍କାର ହୋଇଯାଇଥିଲା। ହଜାର ହଜାର ଡଙ୍ଗା ଆସି ବେଳାଭୂମିରେ ଏଠିସେଠି ଲାଗିଥିଲା। ଏହି ବେଳାଭୂମିକୁ ବୁଧବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍ ଦ୍ୱାରା ସଫେଇ କରାଯାଇଛି। ଏହି ସଫେଇ କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଅରକ୍ଷିତ ବେହେରା, ମାନସ ମହାନ୍ତି, ମନୋଜ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଦାସ, ସସ୍ମିତା ଘୋଷ, ସବିତା ହରିଚନ୍ଦନ, ମନୋରଞ୍ଜନ ଘୋଷ, ସନ୍ଧ୍ୟାରାଣୀ କତୁଆ, ସନ୍ତୋଷୀ ବିଶ୍ୱାଳ, ସବିତା ପୃଷ୍ଟି, ରାମଚନ୍ଦ୍ର ନନ୍ଦ, ଶତ୍ରୁଘ୍ନ ପୁହାଣ, ନୀଳାଦ୍ରି ସାହୁ, ଦିବାକର ଦଳେଇ, ପ୍ରଶାନ୍ତ ଜେନା, କାମଦେବ ବେହେରା, ସୁଶାନ୍ତ ମହାପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ମୀରା ନାୟକ, ବିଦୁ ମଙ୍ଗରାଜ, ଚନ୍ଦନା ଦାସ, ସିନ୍ଧୁ ସୁବୁଦ୍ଧି, ସନ୍ଦୀପ କର୍ମକାର, ରାକେଶ ପରିଡ଼ାଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତିରେ ଭାର୍ଗବୀ ଆଳତି ସ୍ମରଣୀୟ



ପୁରୀ,୫।୧୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି, ଉତ୍କଳର ଇତିହାସ ଓ ପୁରାଣ ବର୍ଣ୍ଣନାରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠ କପିଳେଶ୍ୱରପୁରରେ ଆସୀନ ମା' ପଞ୍ଚମୁଖୀ ପୀଠ ସଂଲଗ୍ନ ଭାର୍ଗବୀ ଆଳତି ସଦା ସ୍ମରଣୀୟ ରହିଛି ବୋଲି କହିଛନ୍ତି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର, ବାମୁଣ୍ଡି ଭାଗବତଟୁଙ୍ଗିର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଓ ମଠକାଙ୍କୁଡ଼ା ପାଦୁକାପୀଠର ଅନ୍ୟତମ ମୁଖିଆ ପ୍ରଭାକର ସାହୁ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହିଳାମାନଙ୍କ କୀର୍ତ୍ତନ ଧ୍ୱନି ମଧ୍ୟରେ ପଣ୍ଡିତ ଶୁଭାଶିଷ କର ମହାପ୍ରଭୁ ଜଗନ୍ନାଥ, କାଳିଆ ଗୋପୀନାଥ, ଋଷି ଭାର୍ଗବ, ମା' ପଞ୍ଚମୁଖୀ ଓ ଓଡ଼ିଶାର ଅନ୍ୟତମ ଗଙ୍ଗା ଭାର୍ଗବୀଙ୍କ ଆଳତି କରିଥିଲେ। ଯୁବ ଭାଗବତ ଭାଷ୍ୟକାର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଳତିରେ କପିଳେଶ୍ୱରପୁର ସମେତ ଆଖପାଖ ଗ୍ରାମର ଅଧିବାସୀ, ସ୍ଥାନୀୟ ସରପଞ୍ଚଙ୍କ ସହ ଶ୍ରୀଧର କର, ଭବାନୀ ଶଙ୍କର ତ୍ରିପାଠୀ, ଗଙ୍ଗାଧର କର, ଶରତ ଦେଓ, ଜିତେନ୍ଦ୍ର ଦାସ, ବାନାମ୍ବର ପରିଡ଼ା, ବିରଞ୍ଚି ମିଶ୍ର ଭାର୍ଗବୀ ନଦୀରେ ମାଳ, କ୍ଷୀର ଓ ମହାପ୍ରସାଦ ସମର୍ପଣ କରିଥିଲେ। ବ୍ରହ୍ମଗିରିର ଜୀବନ ଜୀବିକା ସହ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଭାର୍ଗବୀ ନଦୀର ପୁନରୁଦ୍ଧାରରେ ହଜାର ହଜାର ପରିବାରର କୃଷି ଓ ପାନୀୟଜଳ ସମୃଦ୍ଧର ସମ୍ଭାବନା ଥିବାରୁ ଖୁବ୍‌ଶୀଘ୍ର ଆଳତି କମିଟି ପକ୍ଷରୁ ଏକ ଉଚ୍ଚସ୍ତରୀୟ ଦଳ, ସରକାରଙ୍କୁ ଭେଟିବେ ବୋଲି ପ୍ରଶାନ୍ତ ତ୍ରିପାଠୀ ଜଣାଇଛନ୍ତି।

## କୃତଜ୍ଞତା ଜଣାଇଲେ ଜିଲ୍ଲାପାଳ

ପୁରୀ,୫।୧୧(ସମିସ): ଶ୍ରୀକ୍ଷେତ୍ରରେ ହବିଷ୍ୟାଳି ମା'ମାନଙ୍କର ଏକମାସର କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ପରିସମାପ୍ତି ଘଟିଛି। ସମସ୍ତଙ୍କ ସହଯୋଗରେ ସୁନ୍ଦର ଭାବେ ପରିଚାଳିତ ହୋଇଥିବାରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି। ହବିଷ୍ୟାଳି ମା'ମାନେ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଏକ ମାସ ରହିଥିଲେ। ପ୍ରତିଦିନ ପ୍ରତ୍ୟୁଷରୁ ସେମାନଙ୍କ ସ୍ନାନ ଶୌଚ ପରେ ବୃନ୍ଦାବତୀ ପୂଜନ, ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ, କୀର୍ତ୍ତନ ଇତ୍ୟାଦିର ବ୍ୟବସ୍ଥା କରାଯାଇଥିଲା। ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତା ଏବଂ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହବିଷ୍ୟାଳି କେନ୍ଦ୍ରଗୁଡ଼ିକ ପରିଚାଳିତ ହୋଇଥିଲା। ପ୍ରତ୍ୟେକ ହବିଷ୍ୟାଳି କେନ୍ଦ୍ରକୁ ବରିଷ୍ଠ ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ପ୍ରମୁଖ ଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନା କରିଥିଲେ। ବୁଧବାର ପୂର୍ଣ୍ଣିମା ତିଥିରେ ଅନେକ ହବିଷ୍ୟାଳି ନିଜ ଗୃହ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ବିଭିନ୍ନ କେନ୍ଦ୍ରରେ ଥିବା ଅଳ୍ପ କିଛି ବ୍ରତଧାରୀ ଫେରିଯିବେ। ତେବେ ବିଦାୟ ବେଳେ ହବିଷ୍ୟାଳି ମା'ମାନେ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଧରି କୋହ ସମ୍ବରଣ କରି ନ ପାରି କାନ୍ଦୁଥିବାର ଦେଖିବାକୁ ମିଳିଥିଲା। ଏମାନଙ୍କ ସହ ଗୋଟିଏ ମାସର ସମ୍ପର୍କ ଅବର୍ଣ୍ଣନୀୟ। ରକ୍ତ ସମ୍ପର୍କଠାରୁ ଏ ସମ୍ପର୍କ ଅଧିକ। ଆମ ପୁଅ, ଝିଅ, ନାତି, ନାତୁଣୀଙ୍କଠାରୁ ଅଧିକ ସେବା ଦେଇ ଆମକୁ ଋଣୀ କରାଇ ଦେଇଛନ୍ତି ବୋଲି ହବିଷ୍ୟାଳି ମା'ମାନେ କହି କାନ୍ଦି ପକାଉଥିଲେ। ବଞ୍ଚିଥିଲେ ଆର ବରଷକୁ ପୁଣି ଦେଖାହେବ କହି ସେମାନେ ବିଦାୟ ନେଇଥିଲେ।

## ଦର୍ଶନରେ ସହଯୋଗ କଲା ପୁଲିସ / ଖୁସିବ୍ୟକ୍ତ କଲେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ

ପୁରୀ,୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏସ୍‌ପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ବୁଧବାର ୧୫୦ ଜଣ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରିବାରେ ସହଯୋଗ କରିଥିଲେ ପୁଲିସ କର୍ମୀ। ଭକ୍ତଙ୍କ ପାଇଁ ଦହିପାଣି ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ପ୍ରବେଶ ପଥରେ ଅଧିକାରୀମାନେ ନିୟମିତ ମନିଟରିଂ କରୁଥିଲେ। ଏହି ଅବସରରେ ଭକ୍ତଙ୍କଠାରୁ ପ୍ରତିକ୍ରିୟା ସଂଗ୍ରହ କରିଥିଲା ପୁଲିସ। ଅଧିକାଂଶ ଭକ୍ତ ପୁଲିସ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଯାଜପୁରର ଚିନ୍ମୟ ସାହୁ କହିଛନ୍ତି, ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲୁ। ଭୋରୁ ମନ୍ଦିରକୁ ପ୍ରବେଶ କରିଥିଲୁ। ସକାଳେ ସୁନାବେଶ ଦର୍ଶନ ସାରି ବାହାରିଥିଲୁ। ଭକ୍ତ କିଭଳି ସୁରକ୍ଷିତ ଦର୍ଶନ କରିବେ ସେଥିପ୍ରତି ପୁଲିସ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇଥିଲା। କିନ୍ତୁ ଶ୍ରଦ୍ଧାଳୁ ଯଦି ସଚେତନ ନ ହେବେ ଯେତେ ବ୍ୟବସ୍ଥା କଲେ କିଛି ଲାଭ ହେବ ନାହିଁ। ପୁଲିସର ପ୍ରସ୍ତୁତି ପାଇଁ ଧନ୍ୟବାଦ। ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଶ୍ରୀମନ୍ଦିରରେ କୌଣସି ବଡ଼ ପର୍ବପର୍ବାଣୀର ସଫଳତା ପଛରେ ପୁରୀବାସୀଙ୍କ ଯୋଗଦାନ ଏବଂ ସହଯୋଗ ସବୁଠୁ ବଡ଼ଶକ୍ତି। କହିଛନ୍ତି।

## ଶିକ୍ଷାବିତ୍ ପ୍ରାଣକୃଷ୍ଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ପୁରୀ,୫।୧୧(ସମିସ): ବିଶିଷ୍ଟ ସାହିତ୍ୟିକ, ସଂଗଠକ, ଶିକ୍ଷାବିତ୍ ତଥା ସଙ୍ଗୀତଗୁରୁ ପ୍ରାଣକୃଷ୍ଣ ମହାପାତ୍ରଙ୍କ ଏକାଦଶାହରେ ଭଗବତୀ ବିଦ୍ୟାନିକେତନ ଏବଂ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ଅଠରନଳାସ୍ଥିତ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାନିକେତନର ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ବକ୍ତାମାନେ ପ୍ରାଣକୃଷ୍ଣ ମହାପାତ୍ର ଏକା ଧାରାରେ ଜଣେ ସୁବକ୍ତା, ଦକ୍ଷ ସଂଗଠକ, ମେଳାପୀ ବନ୍ଧୁବତ୍ସଳ ତଥା ସଙ୍ଗୀତପ୍ରିୟ ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିବା ସହିତ ତାଙ୍କ ବିୟୋଗ ପୁରୀର ସାହିତ୍ୟ ସଙ୍ଗୀତ ଜଗତରେ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ପୁସ୍ତିକା "ପ୍ରିୟ ପ୍ରାଣ' ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା, ଓଡ଼ିଶା ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ମମତା ମିଶ୍ର, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, କଥାକାର ବଦ୍ରି ମିଶ୍ର, ଡ. ହେମନ୍ତ ଛୋଟରାୟ, ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର, ଶିବ ସୁନ୍ଦର ମିଶ୍ର, ମାରୁତି ନଗର ଉନ୍ନୟନ ପରିଷଦର ସଭାପତି ଗୋଲୋକ ଚନ୍ଦ୍ର ଜେନା, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଭଗବତୀ ବିଦ୍ୟାନିକେତନର ସମ୍ପାଦକ ମହେନ୍ଦ୍ର ବିଶୋଇ, ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଦଳେଇ, ମଙ୍ଗଳା ଚରଣ ସାହୁ, ରାଇକିଶୋର ମହାନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପରିଷଦର ସମ୍ପାଦକ ଅରବିନ୍ଦ ଶତପଥୀ, କବି କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ଡା. ପ୍ରଫୁଲ୍ଲ ମହାପାତ୍ର, ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ, ବିଦ୍ୟୁତ୍ କର୍ମଚାରୀ ନେତା ସତ୍ୟ ନାରାୟଣ ପ୍ରଧାନ, ପ୍ରଫୁଲ୍ଲ ରାଉତ, ଗୋଲ୍‌ଡି ଭଞ୍ଜ, ପର୍ଶୁରାମ ପାତ୍ର, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲକ୍ଷ୍ମୀଧର ମାଝୀ, ପ୍ରଜ୍ଞା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଗୁରୁ ସତ୍ୟପ୍ରିୟ ମହାପାତ୍ର, ପ୍ରୀତିଶା ମହାପାତ୍ର, ମିରାମ୍ବିକା ପାତ୍ର, ଅଂଶୁମାନ ସ୍ୱାଇଁ, ପ୍ରିୟାଲୀ ପ୍ରିଆଶା ପରିଡ଼ା, ଓମ୍ ଦତ୍ତାତ୍ରେୟ ମାଝୀ, ସାଇଶ୍ରୀ ବିଶୋଇ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଜଳନ୍ଧର ବିଶୋଇ, ଲୋକନାଥ ବିଶୋଇ, ଲରେନ୍ସ ମାଝୀଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା' ସଭା କାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ।

● ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା

## କେଏସ୍‌ଆର୍ ରୟାଲ୍ ବେଙ୍ଗଲ ଟାଇଗର୍‌ର ସଫଳତା

ପୁରୀ,୫।୧୧(ସମିସ): ଚଳିତବର୍ଷ ଅକ୍ଟୋବର ୩୧ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ମନମୋହନ ଭଞ୍ଜ ଓ ସଭାପତି ବ୍ୟୋମକେଶ ଅଭିଳାଷ ପ୍ରସାଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ପ୍ରାୟ ୨୦ଟି ଜିଲ୍ଲାରୁ ୭୦୦ରୁ ଅଧିକ ବାଳକ ଓ ବାଳିକା ପାଞ୍ଚଟି ବର୍ଗରେ ତଥା ସୁପର ସବ୍ ଜୁନିୟର, ସବ୍ ଜୁନିୟର, କ୍ୟାଡେଟ୍, ଜୁନିୟର ଓ ସିନିୟର୍ ବର୍ଗରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା କୀରୋଗି, ଇଣ୍ଡିଭିଜୁଆଲ ପୁମ୍‌ସେ, ପେୟାର ପୁମ୍‌ସେ, ଟିମ୍ ପୁମ୍‌ସେ ଓ ଫ୍ରି ଷ୍ଟାଇଲ୍ ପୁମ୍‌ସେ ଭଳି ଇଭେଣ୍ଟକୁ ନେଇ କରାଯାଇଥିଲା। ପୁରୀ ଜିଲ୍ଲାର କେଏସ୍‌ଆର୍ ରୟାଲ୍ ବେଙ୍ଗଲ ଟାଇଗର ଟାଏକ୍ୱୋଣ୍ଡୋର ୪ ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ। ସେଥିମଧ୍ୟରୁ କେ. କନ୍ୟନା ରେଡ୍ଡୀ ଓ ଧୈର୍ଯ୍ୟ ଅଗ୍ରୱାଲ ସ୍ୱର୍ଣ୍ଣପଦକ ଜିତିଥିବାବେଳେ କେ. ମେଘନା ରେଡ୍ଡୀ ରୌପ୍ୟ ଏବଂ ଓମ୍ ସାଇ ମହାପାତ୍ର କାଂସ୍ୟ ପଦକ ହାସଲ କରି ଏକାଡେମୀ ପାଇଁ ସୁନାମ ଅର୍ଜନ କରିବା ସହ ନିଜ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ଏକାଡେମୀର ମୁଖ୍ୟ କେ. ସନ୍ତୋଷିନୀ ରେଡ୍ଡୀଙ୍କୁ ଏବଂ କୋଚ୍ କେ. ଶଙ୍କର ରେଡ୍ଡୀଙ୍କୁ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ମଦପିଇ ବସ୍ ଚାଳନା; ଚାଳକ ବିରୁଦ୍ଧରେ ମାମଲା

ପୁରୀ,୫।୧୧(ସମିସ): ମଦ୍ୟପାନ କରି ବସ୍ ଚଳାଇବା ଜଣେ ଚାଳକଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କ ବିରୋଧରେ ମାମଲା ରୁଜୁ କରିଛି ପୁଲିସ। ସୂଚନା ଅନୁଯାୟୀ, ବୁଧବାର ପୁରୀରୁ ଭୁବନେଶ୍ୱର ଯାଉଥିବା ସରଳା ବସ୍‌ର ଚାଳକ ମଦନ ସାହୁ (୪୫)ଙ୍କୁ ପୁରୀ ଟ୍ରାଫିକ୍ ଟିମ୍ ବାନାମ୍ବର ଛକ ନିକଟରେ ଟ୍ରାକ୍ କରିଥିଲେ। ଯାଞ୍ଚବେଳେ ଚାଳକ ଅତ୍ୟଧିକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଜଣାପଡ଼ିଥିଲା। ତାଙ୍କ ଶରୀରରେ ଆଲ୍‌କହଲ ମାତ୍ରା ମପାଯାଇଥିଲା, ଯାହା ଆଇନ ଦ୍ୱାରା ନିର୍ଦ୍ଧାରିତ ସୀମାଠାରୁ ମାତ୍ରାଧିକ ରହିଥିଲା। ଏହି ଅପରାଧିକ କାର୍ଯ୍ୟରେ ଚାଳକ ମଦନଙ୍କୁ ଗିରଫ କରାଯାଇ ସମ୍ପୃକ୍ତ ବସ୍‌କୁ ଜବତ କରାଯାଇଛି। ଏଥିସହ ସମସ୍ତ ବସ୍ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଅନ୍ୟ ବସ୍‌ରେ ଛଡ଼ାଯାଇଥିଲା।

ମଦ୍ୟପାନ କରି କୌଣସି ଗାଡ଼ି ଚାଳନା କରିବା ଏକ ଗୁରୁତର ଅପରାଧ। ଏହା ଜୀବନକୁ ବିପଦରେ ପକାଇପାରେ। ତେଣୁ ଆଇନକୁ ମାନି ସୁରକ୍ଷିତ ଭାବେ ଗାଡ଼ି ଚାଳନା କରିବାକୁ ପୁରୀ ପୁଲିସ ସମସ୍ତଙ୍କୁ ଅନୁରୋଧ କରିଛି।

## ଦଶମ ପଞ୍ଚକ ମହୋତ୍ସବ ଉଦ୍‌ଯାପିତ / ଗୀତିନାଟ୍ୟ ସତୀ ଅନୁସୟା ମଞ୍ଚସ୍ଥ

ପୁରୀ,୫।୧୧(ସମିସ)

ଯୁଗଧର୍ମ ପ୍ରଚାର, ହରିନାମ ପ୍ରଚାର, ଧର୍ମୀୟ ଭାବଧାରାର ଜନଜାଗରଣ ସୃଷ୍ଟି ଉଦ୍ଦେଶ୍ୟ ନେଇ ଉତ୍କଳୀୟ ଧର୍ମଧାରା ଓ ଶ୍ରୀଜଗନ୍ନାଥ ସଂସ୍କୃତିରେ ମାଉସୀ ଅର୍ଦ୍ଧାସିନୀଙ୍କ ପ୍ରାଙ୍ଗଣରେ ୧୦ମ ପଞ୍ଚକ ମହୋତ୍ସବ ଆଧ୍ୟାତ୍ମିକ ସମାରୋହ କାର୍ତ୍ତିକ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି।




ମାଉସୀ ମା'ଙ୍କ ମାହାତ୍ମ୍ୟ, ତାତ୍ତ୍ୱିକ ଭାବଧାରର ପ୍ରସାର କରିବା ପାଇଁ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ସହ ସାଧୁସନ୍ଥ, ଗବେଷକମାନଙ୍କର ଗବେଷଣାତ୍ମକ ରଚିତ ଏକ ପୁସ୍ତକ ଉନ୍ମୋଚନ କରାଯାଉ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ମତ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହୀପ୍ରକାଶ ମଠର ମହନ୍ତ ମହାରାଜ ଶୋଭାନନ୍ଦ ପୁରୀ, ନେବଳ ଦାସ ମଠ ମଠାଧୀଶ ରାମଚରଣ ଦାସ ମହାରାଜା ଶ୍ରୀକ୍ଷେତ୍ରରେ ଧାର୍ମିକ ଭାବଧାରାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ପଞ୍ଚକ ମହୋତ୍ସବର ଭୂମିକା ଅବର୍ଣ୍ଣନୀୟ ବୋଲି ମତ ଦେଇଥିଲେ। ଅନ୍ୟ ଅତିଥି ଭାବରେ ପୂର୍ବତନ ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର ମାଉସୀ ମା'ଙ୍କ ସହ ଶ୍ରୀଜଗନ୍ନାଥ ସମ୍ପର୍କ ଓ ଆର୍‌ଓଆର୍ ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେବା ଉପରେ ମତ ଦେଇଥିଲେ। ବରିଷ୍ଠ ଚୂନରା ସେବକ ଡ. ଶରତ ଚନ୍ଦ୍ର ମହାନ୍ତି, ମହାସୁଆର ନିଯୋଗର ସମ୍ପାଦକ ଗଣେଶ ମହାସୁଆର, ଯୁବ ସେବକ ବଳରାମ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ମାଉସୀ ମା'ଙ୍କ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଜଗନ୍ନାଥ ଦାସ ମହାପାତ୍ର, ସମ୍ପାଦକ ରାମଚନ୍ଦ୍ର ଦୋରା, କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର କୁମାର ଶାସ୍ତ୍ରୀ, ମୁଖ୍ୟ ସଂଯୋଜକ ସତ୍ୟନାରାୟଣ ଦାଶ ଓ ମହୋତ୍ସବ କମିଟି ସମ୍ପାଦକ ମଧୁସୂଦନ ମିଶ୍ର, ଡ. ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ ଗହଣରେ ଉଦ୍‌ଯାପିତ ହୋଇଥିଲା।


ଅନ୍ତିମ ଦିନରେ ପ୍ରଶାନ୍ତି କଳା ପରିଷଦର ସାଗରିକା ମହାପାତ୍ରଙ୍କ ନିର୍ଦ୍ଦେଶରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ହରିନାମ ପ୍ରବଚକ ବିପିନ ବିହାରୀ ମିଶ୍ର, ଅନିତା କଲ୍‌ଚରାଲ ଏକାଡେମୀ ପକ୍ଷରୁ ଗୀତିନାଟ୍ୟ ସତୀ ଅନୁସୟା ପ୍ରଦର୍ଶନ କରାଯାଇଥିଲା। ଫକୀର ମୋହନ ସେନାପତିଙ୍କ ରଚିତ ପେଟେଣ୍ଟ ମେଡିସିନ୍ ପ୍ରଦର୍ଶନ କରାଯାଇଥିଲା। ଶେଷରେ ୪ଦିନ ଧରି ମହୋତ୍ସବକୁ ପରିଚାଳନା କରିଥିବା ବରିଷ୍ଠ ନାଟ୍ୟକାର ଭରତ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

## ଜଗଦ୍‌ଗୁରୁ ନିମ୍ବାର୍କଙ୍କ ଜୟନ୍ତୀ ପାଳିତ



ପୁରୀ,୫।୧୧(ସମିସ): ପବିତ୍ର ରାସ ପୂର୍ଣ୍ଣିମାରେ ସନାତନ ହିନ୍ଦୁ ଧର୍ମର ଅନ୍ୟତମ ଯୁଗ ପ୍ରବର୍ତ୍ତକ, ବୈଷ୍ଣବ ସମ୍ପ୍ରଦାୟର ସର୍ବପୁରାତନ ସମ୍ପ୍ରଦାୟ ନିମ୍ବାର୍କ ସମ୍ପ୍ରଦାୟର ସ୍ରଷ୍ଟା ଜଗଦ୍‌ଗୁରୁ ନିମ୍ବାର୍କଙ୍କର ଆବିର୍ଭାବ ଦିବସ ଶ୍ରୀମନ୍ଦିର ସିଂହଦ୍ୱାରସ୍ଥିତ ରାଧାବଲ୍ଲଭ ମଠ ପରିସରରେ ପାଳିତ ହୋଇଯାଇଛି। ମଠର ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନିଗମାନନ୍ଦ ଆଶ୍ରମ ଭୁବନେଶ୍ୱରର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ମହିପ୍ରକାଶ ମଠ ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ, କଟକୀ ମଠ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ନେବଳ ଦାସ ମଠ ମହନ୍ତ ଡ. ରାମ ଚରଣ ଦାସ, ରାମାଧିନ ସଂସ୍କୃତ ମହାବିଦ୍ୟାଳୟ ବ୍ରହ୍ମପୁରର ଅଧ୍ୟକ୍ଷ ମହନ୍ତ ହରିହର ଦାସ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ନରେଶ ଚନ୍ଦ୍ର ଦାଶ, ଡ. ଭାସ୍କର ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ନିମ୍ବାର୍କଙ୍କ ଜୀବନୀ ଓ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶ୍ରୀ ନିମ୍ବାର୍କଙ୍କ ଦ୍ୱାରା ପ୍ରତିଷ୍ଠିତ 'ଦେତାଦ୍ୱେତ' ମତବାଦ ସମ୍ବନ୍ଧରେ ତତ୍ତ୍ୱଭିତ୍ତିକ ଆଲୋଚନା ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଆଗାମୀ ଦିନରେ ନିମ୍ବାର୍କଙ୍କ ପ୍ରେରଣାଦାୟୀ ଜୀବନୀ ଓ କାର୍ଯ୍ୟ ଜନସାଧାରଣଙ୍କ ନିକଟରେ ଅଧିକରୁ ଅଧିକ କିପରି ପହଞ୍ଚିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରିବାକୁ ମତ ପ୍ରକାଶ ପାଇଥିଲା। ପରିଶେଷରେ ଶାନ୍ତିପାଠ କରାଯାଇଥିଲା। ଆଲୋଚନା ପର୍ବକୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏହି ଅବସରରେ ଭାଗବତ ପାଠ ସହିତ ବେଦପାଠ ଓ ନାମ ସଂକୀର୍ତ୍ତନ ଆଦି କରାଯାଇଥିଲା।

# ସମ୍ପାଦକୀୟ



ଚାଲିବାର ବେଗ ଅପେକ୍ଷା ଚାଲୁଥିବା ରାସ୍ତାର ଦୈର୍ଘ୍ୟ ଓ ଲକ୍ଷ୍ୟସ୍ଥଳ ଗୁରୁତ୍ୱପୂର୍ଣ୍ଣ।

-କନ୍‌ଫୁସିୟସ୍

ସକାଳ
THE SAKALA

## ସୁନାମ/ ଦୁର୍ନାମ

ଜାତୀୟ କ୍ରୀଡ଼ାର ମର୍ଯ୍ୟାଦା ହାସଲ କରିଥିବା ଭାରତୀୟ ହକି ଦଳର ପ୍ରାୟୋଜକ ହେବାକୁ ପଡ଼ିଥିଲା ଓଡ଼ିଶା ସରକାରଙ୍କୁ। କ୍ରିକେଟର ପ୍ରାଧାନ୍ୟ ସମଗ୍ର ଦେଶରେ ବିସ୍ତାରିତ ହେଉଥିବା ବେଳେ ହକିର ଲୋକପ୍ରିୟତା କ୍ରମେ ହ୍ରାସ ପାଉଥିଲା। ସୁନ୍ଦରଗଡ଼ ଜିଲ୍ଲା ଥିଲା ହକିର ଏନ୍ତୁଡ଼ିଶାଳ। ପ୍ରୋତ୍ସାହନ ମାଧ୍ୟମରେ ପ୍ରତିଭା ଚୟନ ଏବଂ ଆନ୍ତର୍ଜାତିକ ମାନର ଭିତ୍ତିଭୂମି ପ୍ରତିଷ୍ଠା କରାଯାଇପାରିଲେ ଏହି କ୍ରୀଡ଼ା ପୁଣି ଥରେ ଦେଶବାସୀଙ୍କ ଶ୍ରଦ୍ଧା ଓ ସହାନୁଭୂତି ଲାଭ କରିପାରିବ - ଏଭଳି ଏକ ଲକ୍ଷ୍ୟ ନେଇ ଯୋଜନାବଦ୍ଧ କାର୍ଯ୍ୟାରମ୍ଭ କରିଥିଲେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜାତୀୟ ହକି ଦଳର ଓଡ଼ିଶା ସରକାର କେବଳ ପ୍ରାୟୋଜକ ହେଲେ ନି ଭୁବନେଶ୍ୱରରେ ମୁଣ୍ଡ ଟେକିଥିବା କଳିଙ୍ଗ ଷ୍ଟାଡିୟମକୁ ହକି ଭିତ୍ତିଭୂମିର ଶ୍ରେଷ୍ଠ ମଞ୍ଚ ରୂପେ ଗଢ଼ିବା ଆରମ୍ଭ ହୋଇଥିଲା। ବ୍ୟବହୁଳ ଆଷ୍ଟ୍ରୋଟ୍ରଫ୍ ଭୁବନେଶ୍ୱର, ରାଉରକେଲା, ସୁନ୍ଦରଗଡ଼ରେ ବିଛା ଯିବା ସହ ରକ୍ଷଣାବେକ୍ଷଣା ପ୍ରସ୍ତୁତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଆନ୍ତର୍ଜାତିକ ଓ ଜାତୀୟସ୍ତରର ପ୍ରତିଯୋଗୀଙ୍କ ପ୍ରଶଂସା ସରକାରଙ୍କୁ ଉତ୍ସାହିତ କରିଥିଲା କ୍ରୀଡ଼ାର ଅନ୍ୟ ବିଭବ ପ୍ରତି ଦୃଷ୍ଟି ଦେବାକୁ। ଏଠାରେ ଟେନିସ, ଆଥଲେଟିକ୍, ଜିମ୍ନାଷ୍ଟିକ, ୱେଟଲିଫ୍ଟିଂ, ସୁଟିଂ ଓ ଫୁଟବଲ ଖେଳିବାର ଉନ୍ନତ ସୁବିଧା ସୁଯୋଗ ସୃଷ୍ଟି ହେଲା। ଓଡ଼ିଶାକୁ କ୍ରୀଡ଼ା ରାଜଧାନୀ ମାନ୍ୟତା ମିଳିବାରେ କଳିଙ୍ଗ ଷ୍ଟାଡିୟମର ଅବଦାନ ସତରେ ଈର୍ଷଣୀୟ। କ୍ଷମତା ପରିବର୍ତ୍ତନ ପରେ ସେହି ଈର୍ଷା ହିଁ କଳିଙ୍ଗରେ କଳଙ୍କ ଲେପିବା ଆରମ୍ଭ କରିଛି। ଆମ ଜାଣିବାରେ କ୍ଷମତା ବଦଳିଲେ ମଧ୍ୟ ବ୍ୟବସ୍ଥା ଅତୁଟ ରହିଥାଏ। ବ୍ୟବସ୍ଥାକୁ ଯେତେବେଳେ କ୍ଷମତା ନିଜ ଢଙ୍ଗରେ ମୋଡ଼ିମକଚି ଦେବ ସେତେବେଳେ ବିଭ୍ରାଟ ଘଟିବ ହିଁ ଘଟିବ। ତାହା ହିଁ ପରିଲକ୍ଷିତ ହୋଇଛି କଳିଙ୍ଗ ଷ୍ଟାଡିୟମରେ।

କଳିଙ୍ଗ ଷ୍ଟାଡିୟମର ସୁରକ୍ଷା ଓ ଶୃଙ୍ଖଳାକୁ ଅତୁଟ ରଖିବା ସକାଶେ ଥିବା ବ୍ୟବସ୍ଥାଗତ କଟକଣା ଓ ବ୍ୟବସ୍ଥାର ଉଲ୍ଲଙ୍ଘନ ହୋଇ ନ ଥିଲେ ହୁଏତ ସେହି ଗରିମାର ଭାଗୀଦାର ଏବର କ୍ଷମତା ମଧ୍ୟ ହୋଇଥା'ନ୍ତେ। ସବୁ ସୁନାମରେ କାଳିବୋଳି ସବୁଦିନ ସକାଶେ ପୋଛିଦେଇ ହେବନି। ସେହି କାଳିମା ହିଁ ଶେଷରେ ଦୁର୍ନାମର କାରଣ ହେବ। ଉନ୍ନତମାନର ସମ୍ଭ୍ରାନ୍ତ ବ୍ୟବସ୍ଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍‌ଙ୍କୁ ଆକର୍ଷଣ କରିଥିଲା କଳିଙ୍ଗ ଷ୍ଟାଡିୟମ। ଉଚ୍ଚମାନର ପ୍ରଦର୍ଶନ ସକାଶେ ଥିବା ସୁବିଧା ଓ ସୁଯୋଗକୁ ଦୃଷ୍ଟିରେ ରଖି କେବଳ ନୀରଜ ଚୋପ୍ରା କାହିଁକି ସ୍ୱନାମଧନ୍ୟ ଅନ୍ୟ ଆଥଲେଟ୍ ଓ ପୁରୁଷ ମହିଳା ହକି ଖେଳାଳି ଏଠାରେ ପ୍ରଶିକ୍ଷିତ ହେବାକୁ ପ୍ରାଧାନ୍ୟ ଦେଉଥିଲେ। ସେହିଭଳି ଆମ ରାଜ୍ୟର ପିଲାମାନେ ନିଜର କ୍ରୀଡ଼ା କ୍ୟାରିୟର ଗଢ଼ିବା ପାଇଁ ଏଠାରେ ପ୍ରଶିକ୍ଷଣ ନେଇଛନ୍ତି। ତେଣୁ ତ ବିଶୃଙ୍ଖଳାମୁକ୍ତ ପରିବେଶ ପାଇଁ ଷ୍ଟାଡିୟମକୁ କଠୋର କଟକଣା ମଧ୍ୟରେ ରଖାଯାଇଥିଲା। ତାହା ଥିଲା କ୍ରୀଡ଼ାପ୍ରେମୀଙ୍କ ଭରସାର କେନ୍ଦ୍ର। ଏମିତି କ'ଣ ହେଲା ଯେ ଏହି କିଛି ମାସ ମଧ୍ୟରେ ସେଠାରେ ଗଦା ଗଦା ମଦ ବୋତଲ ଗଡୁଛି। ଶୌଚାଳୟଠାରୁ ଆରମ୍ଭ କରି ଏଠି ସେଠି ମେଞ୍ଚା ମେଞ୍ଚା ବ୍ୟବହୃତ କଣ୍ଡୋମ ପଡ଼ିଛି। ସବୁଠାରୁ କ୍ଷୋଭର ବିଷୟ ଯେ ବ୍ୟବହୃତ ସିରିଞ୍ଜି ମଧ୍ୟ ବିଭିନ୍ନ ସ୍ଥାନରୁ ମିଳୁଛି। ଏହା ଡ୍ରଗ ମାଫିଆଙ୍କ ଆଡ୍ଡାସ୍ଥଳକୁ ଇଙ୍ଗିତ କରୁନି କି ? ଷ୍ଟାଡିୟମର ସୁରକ୍ଷା ଓ ସୁପରିଚାଳନା ଦୃଷ୍ଟିରୁ ସେଠାରେ କେବଳ କ୍ରୀଡ଼ା ନିର୍ଦ୍ଦେଶାଳୟ ଓ ସଚିବଙ୍କ କାର୍ଯ୍ୟାଳୟ ରହିଛି। ଏମାନଙ୍କୁ ବାଦଦେଲେ ଅନ୍ୟ କାହାର ପ୍ରବେଶାଧିକାର ଏଠାରେ ନାହିଁ। ହଠାତ୍ କଟକଣା କୁଆଡ଼େ ଉଭେଇଗଲା ଯେ ଏତେ କେଳେଙ୍କାରୀ ପରିଲକ୍ଷିତ ହେଉଛି?

ସୁନାମ ଓ ଦୁର୍ନାମ ଦୁଇଟି ପରସ୍ପର ବିପରୀତବୋଧକ ଶବ୍ଦ। କ୍ରୀଡ଼ା କ୍ଷେତ୍ରରେ ଏତେ ସମ୍ମାନ ଓ ମର୍ଯ୍ୟାଦା ହାସଲ କରିଥିବା ଆମ ରାଜ୍ୟ ଉପରୁ ଭରସା ତୁଟିଯିବା ଭଳି ପରିବେଶ ସୃଷ୍ଟି ପାଇଁ ସୁଯୋଗ ଦେବା କେତେ ଦୂର ସମୀଚୀନ? ଓଡ଼ିଶାର ଏହି ଗର୍ବ ଓ ଗୌରବ ପାଇଁ ନବୀନ ପଟ୍ଟନାୟକ ଯେତିକି ସୁନାମ ଅର୍ଜନ କରିନଥିଲେ ତାହାଠାରୁ ଅଧିକ ରାଜ୍ୟବାସୀଙ୍କ ସମ୍ମାନ ବଢ଼ିଥିଲା। ଏବର ସ୍ଥିତି ପାଇଁ ଯେଉଁ ଦୁର୍ନାମ ରଟୁଛି ତାହାକୁ କିଏ ମୁଣ୍ଡାଇବ? କ୍ଷମତା ନା ଜନସାଧାରଣ? ●

## ଅର୍ଥନୀତିର ଗତି ଓ ଦୁର୍ଗତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବହିଃଶୁଳ୍କ ନୀତିରେ ଭାରତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଶୁଳ୍କ ବିବାଦର ସମାଧାନ ନେଇ ସରକାର କ୍ରମାଗତ ଆଶ୍ୱସନା ଦେଇ ଚାଲିଥିବା ବେଳେ ସ୍ଥିତି ଯେଉଁଠି ସେଇଠି ଅଟକି ରହିଛି। ଅଥଚ ଦେଶର ବାଣିଜ୍ୟ ନିଅଣ୍ଟ ବଢ଼ି ବଢ଼ି ଚାଲିଛି। ଭାରତର ସବୁଠାରୁ ବଡ଼ ରପ୍ତାନି ବଜାର ଆମେରିକା ହୋଇଥିବା ବେଳେ ତାହା ଚିନ୍ତାଜନକ ଭାବେ ଭାରତ ପାଇଁ ସଂକୁଚିତ ହେଉଛି। ଗତ ମେ'ରୁ ସେପ୍ଟେମ୍ବର ମଧ୍ୟରେ ଆମେରିକାକୁ ରପ୍ତାନି ୩୭.୫ ପ୍ରତିଶତ ବା ୮୮୦ କୋଟି ଡଲାର ହ୍ରାସ ପାଇଛି। ସ୍ମାର୍ଟ ଫୋନ ଓ ଫାର୍ମା ଉତ୍ପାଦ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପକ୍ଷରେ ଜିଏସଟିରେ ସଂସ୍କାର ଆଣି ବଜାର ସ୍ଥିତିକୁ ସୁଧାରିବାର ଯେଉଁ ପରିକଳ୍ପନା ସରକାରଙ୍କର ଥିଲା ସେଥିରୁ ଆଶାନୁରୂପ ସୁଫଳତା ମିଳିନାହିଁ। ଏବାଦରେ ଯେଉଁ ରାଜସ୍ୱ ହାନି ଘଟିଛି ତାହାର ଭରଣା ପାଇଁ ଏପର୍ଯ୍ୟନ୍ତ କୌଣସି ବିକଳ୍ପ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ସରକାର ବିତ୍ତୀୟ ନିଅଣ୍ଟକୁ ଜିଡିପିର ୪.୪ ପ୍ରତିଶତରେ ସୀମିତ ରଖିବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ବାର୍ଷିକ ଆଧାରରେ ଏହା ୭୦ ପ୍ରତିଶତ ବଢ଼ିଛି। ବେଲଗାମ ପୁଞ୍ଜିବ୍ୟୟ ଯୋଗୁଁ ବିତ୍ତୀୟ ନିଅଣ୍ଟ ଏଭଳି ବଢ଼ି ଚାଲିଛି।

ଅପରପକ୍ଷରେ ଦେଶର ଋଣ ପରିମାଣ ଗତ ଦଶବର୍ଷ ମଧ୍ୟରେ ୬୪ ଲକ୍ଷ କୋଟି ଟଙ୍କାରୁ ୧୯୭.୭୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କ୍ଷମତା ପାଇଁ ଭୋଟବ୍ୟାଙ୍କ ରାଜନୀତିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ଆଗପଛ ନ ବିଚାରି ମିଛ କଲ୍ୟାଣକାରୀ ଯୋଜନା ଆଳରେ ଯେଉଁ ବିପୁଳ ଅର୍ଥରାଶି ବ୍ୟୟ କରାଯାଉଛି ତାହାର ପରିଣାମ ଆଜି ନହେଲେ କାଲି ଭୋଗିବାକୁ ହିଁ ପଡ଼ିବ। ଦିନକୁ ଦିନ ଜୀବନଧାରାରେ ଯେଉଁ ପରିବର୍ତ୍ତନ ଘଟୁଛି ସେଥିରେ ଖର୍ଚ୍ଚର ଚାହିଦା ଦିଗ ପରିବର୍ତ୍ତନ କରିଛି। ଅଥଚ ସେହି ଅନୁପାତରେ ଉପାର୍ଜନ ବଢୁନାହିଁ। ମଧ୍ୟବିତ୍ତଙ୍କ ଆୟର ସୀମା ଗୋଟିଏ ସ୍ଥାନରେ ଅଟକି ରହିଥିବା ବେଳେ ଅତିରିକ୍ତ ବ୍ୟୟଭାର ସେମାନଙ୍କୁ ଅସ୍ୱସ୍ତିକର କରୁଛି। ଏଭଳି ସ୍ଥିତିରେ ଦେଶର ଅର୍ଥନୀତି ଦ୍ରୁତତର ହେବ ବୋଲି ଆଶା କରିବା ବୃଥା।

ପରିସ୍ଥିତି ଏପରି ହୋଇଛି ଯେ ଋଣ ବୃଦ୍ଧି ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଦାୟୀ କରୁଥିବା ବେଳେ ରାଜ୍ୟମାନଙ୍କ ପକ୍ଷରୁ ପାଲଟା ଅଭିଯୋଗ ହେଉଛି ଯେ ଅଭିବୃଦ୍ଧି ହାରରେ ସ୍ଥିରତା ଆଣିବା ସକାଶେ ସରକାର କର୍ପୋରେଟ ସେକ୍ଟରକୁ ଅଯଥା ପ୍ରାଧାନ୍ୟ ଦେଇ ଅନାଦାୟ ପୁଞ୍ଜି ନାମରେ ସେମାନଙ୍କ ଋଣ ଛାଡ଼ ଓ ରିହାତି ଦେଇଚାଲିଛନ୍ତି। ଏହା ସାମଗ୍ରିକ ବିକାଶର ପରିପନ୍ଥୀ। ●

## ହିମାଳୟର ଐଶ୍ୱର୍ଯ୍ୟ ବନାମ ବିପର୍ଯ୍ୟୟ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଭାରତର ଉତ୍ତରସୀମାରେ ଅବସ୍ଥିତ ହିମାଳୟ ଅନେକ ପର୍ବତର ଏକ ଶୃଙ୍ଖଳ, ଯାହା ଭାରତ, ନେପାଳ, ଭୁଟାନ, ଚୀନ୍, ପାକିସ୍ତାନ ଓ ଆଫଗାନିସ୍ତାନ ଭଳି ଛଅଟି ଦେଶକୁ ପ୍ରସାରିତ। ଏହି ପର୍ବତମାଳାରେ ପୃଥିବୀର ଅନେକ ଉଚ୍ଚତମ ଶିଖର ଅଛି, ଯେଉଁଥିରେ ସମୁଦ୍ର ପତ୍ତନଠାରୁ ୮, ୮୪୮.୮୬ ମିଟର ଉଚ୍ଚତା ବିଶିଷ୍ଟ ସର୍ବୋଚ୍ଚ ମାଉଣ୍ଟ ଏଭରେଷ୍ଟ (ନେପାଳ ଓ ତିବ୍ବତର ସୀମା) ଅନ୍ତର୍ଭୁକ୍ତ। ବିଶ୍ୱର କିଛି ପ୍ରମୁଖ ନଦୀ, ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ଓ ଯମୁନା ହିମାଳୟ ଅଞ୍ଚଳରୁ ଉତ୍ପନ୍ନ ହୋଇଛି। ସେଗୁଡ଼ିକର ମିଳିତ ଜଳ ନିଷ୍କାସନ ଅବବାହିକା ପ୍ରାୟ ୬୦୦ ନିୟୁତ ଲୋକଙ୍କ ଆବାସସ୍ଥାନ। ୫୩ ନିୟୁତ ଲୋକ କେବଳ ହିମାଳୟରେ ବାସ କରନ୍ତି। ହିମାଳୟ ପର୍ବତମାଳାରେ ପ୍ରାୟ ୨୫, ୦୦୦ ବିଶାଳ ବରଫ ଖଣ୍ଡ ବା ହିମ ସ୍ରୋତ ରହିଛି, ଯାହା ପ୍ରାୟ ୧୨,୦୦୦ ଘନ କିଲୋମିଟର ମଧୁର ଜଳ ସଂରକ୍ଷଣ କରେ। ସ୍ଥାନୀୟ ସ୍ଥଳାକୃତି ବା ଭୂ-ରୂପ, ଉଚ୍ଚତା, ବୃଷ୍ଟିପାତ, ତୁଷାରପାତ, ମୃତ୍ତିକା, ସମୂହ ପରିସଂସ୍ଥା ମିଳିତ ଭାବରେ ହିମାଳୟର ବିବିଧତା ଯଥା ମାନବଜାତି, ଉଦ୍ଭିଦ ଓ ପ୍ରାଣୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ଏଠାକାର ଅଧିକାଂଶ ଉଦ୍ଭିଦ ଓ ପ୍ରାଣୀ ଜାତି ବିଶ୍ୱରେ ବିରଳ। ସମୁଦ୍ର ପତ୍ତନଠାରୁ ପ୍ରତି ୩୦୦ ମିଟର ଉଚ୍ଚତା ବୃଦ୍ଧିରେ ହିମାଳୟର ତାପମାତ୍ରା ୨.୦ ଡିଗ୍ରୀ ସେଲସିୟସ୍ କମ ହୁଏ।

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ଥାନୀୟ ତାପମାତ୍ରାରେ ବ୍ୟତିକ୍ରମ ଦେଖାଯାଉଛି। ଗଢ଼ୱାଲ ହିମାଳୟ ଅଞ୍ଚଳରେ କମ୍ ଉତ୍ତାପ ଆବଶ୍ୟକ କରୁଥିବା ପାଇନ୍ ଜଙ୍ଗଲ ଆଉ ତିଷ୍ଠୁ ନାହିଁ। ସେହି ସ୍ଥାନକୁ ଅଧିକ ଉତ୍ତାପ ଆବଶ୍ୟକ କରୁଥିବା ଓକ୍ ଜଙ୍ଗଲ ଆକ୍ରମଣ କରିଚାଲିଛି। ସ୍ଥାନୀୟ ଉତ୍ତାପ ବୃଦ୍ଧି କାରଣରୁ ରୋଡୋଡେଣ୍ଡ୍ରୋନ୍, ସେଓ ଓ କାଫାଲ୍ (ମାଇରିକା ନାଗି- ବକ୍ସ ମର୍ଟଲ) ଭଳି ଅନେକ ଗଛରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଶୀଘ୍ର ଫୁଲ ଓ ଫଳ ଧରିବା ଦେଖାଗଲାଣି। ବରଫ ଖଣ୍ଡଗୁଡ଼ିକ ଦ୍ରୁତ ଗତିରେ ଅପସାରଣ ହୋଇଚାଲିଛି, ଯାହା ଫଳରେ ହିମ ସ୍ରୋତ ହ୍ରଦମାନ ଦ୍ରୁତଗତିରେ ଗଠନ ହେଉଛି। ପୂର୍ବରୁ ଥିବା ଶହଶହ ହ୍ରଦ ସହିତ ଏହା ଯୋଡ଼ି ହୋଇଯାଉଛି। ନଦୀଗୁଡ଼ିକୁ ଜଳ ଯୋଗାଉଥିବା ହିମ ସ୍ରୋତ ବା ବରଫ ଖଣ୍ଡଗୁଡ଼ିକ ଦ୍ରୁତ ଓ ବର୍ଦ୍ଧିତ ହାରରେ ତରଳି ବୋହି ଯାଉଛି। ଫଳରେ ନଦୀମାନଙ୍କରେ ଜଳପ୍ରବାହର ସ୍ଥିରତାରେ ହ୍ରାସ ପାଇବା ଦ୍ୱାରା ଦକ୍ଷିଣ ଏସିଆର ପ୍ରାୟ ଦୁଇଶହ କୋଟି ଲୋକଙ୍କ ପାଇଁ ଜଳଯୋଗାଣ ଓ ଖାଦ୍ୟ ଉତ୍ପାଦନ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗତ ୪୦-୫୦ ବର୍ଷ ମଧ୍ୟରେ ହିମାଳୟର ବରଫ ଆବରଣରେ ପ୍ରାୟ ୧୩% ସାମଗ୍ରିକ ହ୍ରାସ ଘଟିଛି।

ଭାରତରେ ଘଟିଥିବା ସମସ୍ତ ବିପର୍ଯ୍ୟୟର ପ୍ରାୟ ୪୪ ପ୍ରତିଶତ ହିମାଳୟ ଅଞ୍ଚଳରେ ହିଁ ଦେଖାଯାଇଛି। ହିମାଚଳ ଓ ଲଦାଖରୁ, ଉତ୍ତରାଖଣ୍ଡ, ସିକ୍କିମ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଏବେ ବର୍ଦ୍ଧିତ ତାପମାତ୍ରା, ଅନିୟମିତ ବର୍ଷା, ଆକସ୍ମିକ ଧ୍ୱଂସକାରୀ ବନ୍ୟା, ଭୂସ୍ଖଳନ, ଜୈବ ବିବିଧତା ହ୍ରାସ, ଜଙ୍ଗଲ ଓ କୃଷି ସମ୍ପଦର କ୍ଷତି ଭଳି ଭୟଙ୍କର ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହେଉଛି। ଜୁନ୍ ୧୬, ୨୦୧୩ ରେ ଉତ୍ତରାଖଣ୍ଡର ଚୋରାବାରି ହ୍ରଦ କୂଳରେ ଏକ ଆକସ୍ମିକ ବନ୍ୟା ଆସି ବିପୁଳ ପରିମାଣର ମାଟି ଓ ପଥର ବହନ କରି ନେଇଥିଲା ଏବଂ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ପଶ୍ଚିମ ନେପାଳର ବହୁଅଂଶକୁ ପ୍ରଭାବିତ କରିଥିଲା। ଏହି ବନ୍ୟାରେ ୬,୦୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ ଏବଂ ୮ଷ୍ଟମ ଶତାବ୍ଦୀର ମନ୍ଦିର କେଦାରନାଥ ଉପତ୍ୟକା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ୨୦୧୪ ସେପ୍ଟେମ୍ବରରେ କାଶ୍ମୀରର ହିମାଳୟ ଅଞ୍ଚଳରେ ୫୦ ବର୍ଷ ମଧ୍ୟରେ ସବୁଠାରୁ କ୍ଷତିକାରକ ବନ୍ୟା ଦେଖାଯାଇଥିଲା। ଭାରତରୁ ପାକିସ୍ତାନକୁ ପ୍ରବାହିତ ଝେଲମ୍ ନଦୀ ଫୁଲି ଯାଇଥିଲା। ଏଥିରେ ପ୍ରାୟ ୨୦୦ ଭାରତୀୟ ଏବଂ ୨୬୪ ପାକିସ୍ତାନୀ ପ୍ରାଣ ହରାଇଥିଲେ। ୨୦୨୧ ମସିହା ଫେବୃଆରୀ ଓ ଅକ୍ଟୋବର ମାସରେ ପ୍ରବଳ ଅଣମୌସୁମୀ ବର୍ଷାରେ ଉତ୍ତରାଖଣ୍ଡରେ ରାସ୍ତା ବୁଡ଼ିଗଲା, ପୋଲ ଧୋଇ ଗଲା, ଦୁଇଟି ଜଳବିଦ୍ୟୁତ ପ୍ରକଳ୍ପ ଭାସିଗଲା। ଏଥିରେ ପ୍ରାୟ ୨୫୦ ଜଣ ଲୋକ ପ୍ରାଣ ହରାଇଥିଲେ। ୨୦୨୩ ଜାନୁଆରୀ ମାସରେ ହିମାଳୟ ନଗର ଜୋଶୀମଠ ଅଞ୍ଚଳରେ ଶହଶହ କୋଠାରେ ଫାଟ ସୃଷ୍ଟି ହେବାରୁ ପ୍ରାୟ ୨୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେହିବର୍ଷ ଅକ୍ଟୋବରରେ ପ୍ରବଳ ବର୍ଷା ଯୋଗୁଁ ଏକ ହିମକ ହ୍ରଦ ବିସ୍ଫୋରଣ ଘଟି ଭାରତର ଉତ୍ତର-ପୂର୍ବ ରାଜ୍ୟ ସିକ୍କିମରେ ଭୟଙ୍କର ବନ୍ୟା ଆସିଥିଲା, ଯେଉଁଥିରେ ଅତି କମରେ ୧୭୯ ଜଣଙ୍କର ମୃତ୍ୟୁ ହୋଇଥିଲା। ପୁଣି ନଭେମ୍ବରରେ ଉତ୍ତରାଖଣ୍ଡରେ ଏକ ନିର୍ମାଣାଧୀନ ରାସ୍ତା ସୁଡ଼ଙ୍ଗ ଧସି ଯାଇଥିଲା, ଯେଉଁଥିରେ ୪୧ ଜଣ ଲୋକ ଫସି ଯାଇଥିଲେ। ୨୦୨୫ ଅଗଷ୍ଟ ୫ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ହିମସ୍ଖଳନ, ହିମକ ଧସିବା କିମ୍ବା ହିମକ ହ୍ରଦ ଭାଙ୍ଗିବା ଫଳରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଗଙ୍ଗୋତ୍ରୀ ନିକଟବର୍ତ୍ତୀ ଧରାଳି ଗ୍ରାମ ଧ୍ୱଂସ ପାଇଥିଲା। ପୁଣି ଥରେ ୧୪ ଅଗଷ୍ଟରେ ଜାମ୍ମୁ କାଶ୍ମୀରର କିସ୍ତୱାର ଜିଲ୍ଲାର ଚିଶୋଟିରେ ମେଘ ଫାଟିବାର କିଛି ମୁହୂର୍ତ୍ତ ମଧ୍ୟରେ ହଠାତ୍ ବନ୍ୟା ଆସି କ୍ଷୟକ୍ଷତି ଘଟାଇଲା, ଯେଉଁଥିରେ ଅତିକମରେ ୪୬ ଜଣଙ୍କର ମୃତ୍ୟୁ ହେଲା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରୀମାଚୈଲ ମାତା ଯାତ୍ରାର ଫେରିବା ସମୟରେ ଆସିଥିବା ତୀର୍ଥଯାତ୍ରୀ ଥିଲେ। ସେଥିରେ ୧୦୦ ରୁ ଅଧିକ ଆହତ ହୋଇଥିଲେ।

ସ୍ଥାନୀୟ ପ୍ରାକୃତିକ ଜଙ୍ଗଲର ଅବାଧ ବୃକ୍ଷଲତା ସଫା, ଜଳବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା, ରାସ୍ତା ଘାଟ ଏବଂ ସେତୁ ଭଳି ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ, ମନୋରଞ୍ଜନ ଓ ପର୍ଯ୍ୟଟନ ବିକାଶ ଏବଂ ଅନ୍ୟାନ୍ୟ ପରିବେଶ ଅସନ୍ତୁଳିତ କାର୍ଯ୍ୟକଳାପ ହିମାଳୟ ପରିବେଶର ଦ୍ରୁତ ଅବନତି ପାଇଁ ଦାୟୀ। ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ଉଚ୍ଚ-କ୍ଷମତାସମ୍ପନ୍ନ କମିଟିଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଛନ୍ତି କେତେକ ଅବାଞ୍ଛିତ କାର୍ଯ୍ୟକଳାପ ପାଇଁ। ଯଥା ହିମାଳୟ ଅଞ୍ଚଳର ନଦୀଗର୍ଭରେ ନିର୍ମାଣ ଭଗ୍ନାବଶେଷର ଅବାଧ ଫୋପାଡ଼ିବା, ଅବୈଜ୍ଞାନିକ ପାହାଡ଼-ଢାଲ ଖନନ ଏବଂ ୫୦,୦୦୦ ରୁ ଅଧିକ ଅବିଚାରିତ ବୃକ୍ଷଛେଦନ ଇତ୍ୟାଦି। ଏହି କମିଟିମାନ ଆହୁରି ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଭାଗୀରଥି ପରିସଂସ୍ଥା ବା ଇକୋ-ସମ୍ବେଦନଶୀଳ ଜୋନ୍‌ରେ ଚାରିଧାମ ସର୍ବକାଳୀନ ରାସ୍ତା ପ୍ରଶସ୍ତକରଣ ପ୍ରକଳ୍ପ, ଯଦି ବର୍ତ୍ତମାନ ଯୋଜନା ଅନୁଯାୟୀ ନିର୍ମିତ ହୁଏ, ତେବେ ତାହା ହିମାଳୟ ଭୂଭାଗରେ ବିପର୍ଯ୍ୟୟ ସୃଷ୍ଟି କରିବ। ପରିବେଶବିତମାନେ ସୂଚାଇ କହିଛନ୍ତି ଯେ ଧରାଳି, ହର୍ସିଲ ଓ ଝାଲା ପର୍ଯ୍ୟନ୍ତ ୧୦ କିଲୋମିଟର ଦୀର୍ଘ ରାସ୍ତାରେ ଥିବା ୬, ୦୦୦ ରୁ ଅଧିକ ଦେଓଦାର ଗଛ କାଟିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ। କାରଣ ସେହିଠାରେ ହିଁ ଅଗଷ୍ଟ ୫, ୨୦୨୫ରେ ବିପର୍ଯ୍ୟୟ ଘଟିଥିଲା। ଧରାଳିରେ ବିପର୍ଯ୍ୟୟ ପରେ ଉତ୍ତରାଖଣ୍ଡ ସରକାର 'ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ'ରେ ସମସ୍ତ ନିର୍ମାଣ କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ହିମାଳୟରେ ଯେକୌଣସି ପ୍ରକାରର ବିକାଶ କାର୍ଯ୍ୟକଳାପ ଏହି ଅଞ୍ଚଳର ଭଙ୍ଗୁର ଏବଂ ଅନନ୍ୟ ପରିବେଶ ସହିତ ସମନ୍ୱିତ ହେବା ଉଚିତ। କେହି ବିକାଶକୁ ବିରୋଧ କରୁନାହାନ୍ତି, କିନ୍ତୁ ଆମେ ଭଙ୍ଗୁର ପର୍ବତ ଭିତ୍ତିଭୂମି ବିକାଶ କରିବା ସମୟରେ ଅର୍ଥନୀତି ପୂର୍ବରୁ ପରିବେଶକୁ ପ୍ରାଥମିକତା ଦେବା ଆବଶ୍ୟକ। ବିକାଶ ଦୀର୍ଘକାଳୀନ ସୁରକ୍ଷା ଅପେକ୍ଷା କ୍ଷଣସ୍ଥାୟୀ ଲାଭକୁ ପ୍ରାଥମିକତା ଦେଇ ଚାଲିଛି, ବିପଦପୂର୍ଣ୍ଣ ନିର୍ମାଣ ଢାଞ୍ଚା ପୁନରାବୃତ୍ତି କରୁଛି। ପରିବେଶଗତ କ୍ଷତି ଗୁରୁତର; କିନ୍ତୁ କମ୍ ଦୃଶ୍ୟମାନ। ଭାରତର ବିପର୍ଯ୍ୟୟ ପରିଚାଳନା ଢାଞ୍ଚା ହିମାଳୟର ଆହ୍ୱାନ ସହିତ ସମ୍ପୂର୍ଣ୍ଣ ଭାବରେ ଅନୁକୂଳ ନୁହେଁ। ସାଟେଲାଇଟ୍ ମନିଟରିଂ ଏବଂ ଏଆଇ-ଚାଳିତ ବିପଦ ବିଶ୍ଳେଷଣ ଭଳି ପ୍ରଯୁକ୍ତିବିଦ୍ୟା ଯୋଜନା ପ୍ରକ୍ରିୟାକୁ ଉନ୍ନତ କରିପାରିବ। ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରତିକ୍ରିୟାକୁ କେନ୍ଦ୍ରୀଭୂତ କରିବା ପାଇଁ ଏକ 'ହିମାଳୟାନ ଜଳବାୟୁ ଏବଂ ବିପର୍ଯ୍ୟୟ ତଦାରଖ ଓ ପ୍ରତିକ୍ରିୟା କେନ୍ଦ୍ର' ପ୍ରସ୍ତାବିତ ଅଛି। ଏହାର ସାତସୂତ୍ରୀ ଯୋଜନାରେ ବିପଦ ଚିହ୍ନଟ, ସୁରକ୍ଷିତ ଭିତ୍ତିଭୂମି, ସ୍ମାର୍ଟ ବା କୁଶଳ ଇଞ୍ଜିନିୟରିଂ, ଦେଶୀୟ ଉଦ୍ଭିଦ ପୁନରୁଦ୍ଧାର ସହିତ ପରିସଂସ୍ଥାକୁ ସୁରକ୍ଷା, ଦ୍ରୁତ ଉଦ୍ଧାର ୟୁନିଟ୍, ବିଜ୍ଞାନ-ନୀତି ସମନ୍ୱୟ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସଶକ୍ତୀକରଣ ଅନ୍ତର୍ଭୁକ୍ତ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଜ୍ୟୋତିଷଶାସ୍ତ୍ର ଓ ବିବାହ ବିଚ୍ଛେଦ

**ସୁଧାଂଶୁ ଶେଖର ଧଡ଼ା**

ପାଶ୍ଚାତ୍ୟ ଓ ପ୍ରାଚ୍ୟ ମତ ଭାବରେ ଜ୍ୟୋତିଷ ଶାସ୍ତ୍ର ଦୁଇଟି ସ୍ୱତନ୍ତ୍ର ଉତ୍ସରୁ ବିକାଶ ଲାଭ କରିଛି। ପାଶ୍ଚାତ୍ୟ ମତର ଜ୍ୟୋତିଷ ଶାସ୍ତ୍ର 'ଟେଟ୍ରାବିବିଲୋସ' ପ୍ରାଚୀନ ଗ୍ରୀକ ଦାର୍ଶନିକ କ୍ଲାଡିୟସ ଟଲୋମିଙ୍କ ଦ୍ୱାରା ୨ୟ ଶତାବ୍ଦୀରେ ରଚିତ ହୋଇଥିବା କୁହାଯାଉଛି। 'ଅଲମାଜେଷ୍ଟ' ନାମକ ଅନ୍ୟ ଏକ ଗ୍ରନ୍ଥର ମଧ୍ୟ ସେ ରଚୟିତା। ଏହି ଦୁଇଟି ଯାକ ଗ୍ରନ୍ଥକୁ ଜ୍ୟୋତିଷ ଶାସ୍ତ୍ର କୁହାଯାଉଥିଲେ ମଧ୍ୟ ଏଗୁଡ଼ିକ ଅଧିକ ଭାବରେ ଜ୍ୟୋତିର୍ବିଜ୍ଞାନ। ଭୂ-କୈନ୍ଦ୍ରିକ ସୌରଜଗତ ସମ୍ପର୍କରେ ଏହି ଗ୍ରନ୍ଥ ଦୁଇଟିରେ ଅବଧାରଣା ଦିଆଯାଇଛି। ପ୍ରାଚ୍ୟ ମତରେ 'ହୋରା ଶାସ୍ତ୍ର' ହେଉଛି ପ୍ରଥମ ଜ୍ୟୋତିଷ ଗ୍ରନ୍ଥ। ଏହା ମଧ୍ୟ ଭୂ-କୈନ୍ଦ୍ରିକ ଅବଧାରଣାକୁ ନେଇ ସୃଷ୍ଟି ହୋଇଛି। ମୋଟ ଉପରେ ଜ୍ୟୋତିଷ ଶାସ୍ତ୍ର ଭୂ-କୈନ୍ଦ୍ରିକ ଅବଧାରଣାକୁ ନେଇ ଗଢ଼ିଉଠିଥିବା ଏକ ବିଦ୍ୟା।

ଖ୍ରୀଷ୍ଟପୂର୍ବ ଷଷ୍ଠରୁ ଚତୁର୍ଥ ଶତାବ୍ଦୀ ମଧ୍ୟରେ ପ୍ରାଚୀନ ପାରସ୍ୟ ଓ ବେବିଲୋନୀୟ ସଭ୍ୟତାରେ 'ମାଗି' ବା 'ମାଗସ୍' ନାମକ ଏକ ଗୋଷ୍ଠୀ ଯାଦୁବିଦ୍ୟା ଦ୍ୱାରା ରୋଗ ଚିକିତ୍ସା କରୁଥିଲେ। ସେମାନେ ଶୁଭ ସମୟ, ଶୁଭ ପଦାର୍ଥ, ଭୂତପ୍ରେତଙ୍କ କୁଦୃଷ୍ଟି ଦୂର କରିବାକୁ ତନ୍ତ୍ରମନ୍ତ୍ର, ରତ୍ନ ପଥର ଧାରଣ ଆଦି ମାଧ୍ୟମରେ ଚିକିତ୍ସା କରୁଥିଲେ। ଶହଶହ ବର୍ଷର ଏହି ଚିକିତ୍ସା ପଦ୍ଧତିରୁ ଜ୍ୟୋତିଷ ବିଦ୍ୟାରେ ଅନେକ ନୂଆ ଅବଧାରଣା ଯୋଡ଼ିହେଲା। ତୃତୀୟ ଶତାବ୍ଦୀରେ 'କେମୀ' ବା 'ଖିମିୟା' ନାମରେ ପରିଚିତ ଇଜିପ୍ଟର ଏକ ଚିକିତ୍ସକ ଗୋଷ୍ଠୀ ଥିଲେ। ସେମାନେ ଆରବକୁ ଚାଲିଆସି 'ଆଲକେମୀ' ଭାବରେ ପରିଚୟ ଦେଇ ବୃତ୍ତି ଚଳାଇ ରଖିଲେ। 'ଫିଲୋସଫିକାଲ ଷ୍ଟୋନ' ନାମକ ଏକ ପଦାର୍ଥ ସମସ୍ତ ରୋଗକୁ ଦୂର କରିପାରେ ବୋଲି ଏମାନଙ୍କର ଧାରଣା ଥିଲା। କିଛି ଆଲକେମିଷ୍ଟ ଏହାକୁ ଶୁଭ ମୁହୂର୍ତ୍ତ, ବିଭିନ୍ନ ତାରକା, ଗ୍ରହ ଆଦିର ଆକାଶରେ ସ୍ଥିତି ଦେଖି ଖୋଜିବାରେ ଲାଗିଲେ। ଶହଶହ ବର୍ଷର ଏହି ଖୋଜାଖୋଜି ଫଳରେ ଅନେକ ବିଜ୍ଞାନ ଓ ଅପବିଜ୍ଞାନ ସହ ଜ୍ୟୋତିଷ ଶାସ୍ତ୍ରକୁ ସମୃଦ୍ଧ କରିବା ଭଳି ଜ୍ଞାନ ମିଳିଲା। ଆଉ କିଛି ଆଲକେମିଷ୍ଟ ଫିଲୋସଫିକାଲ ଷ୍ଟୋନକୁ ବିଭିନ୍ନ ପଦାର୍ଥର ମିଶ୍ରଣରେ ସୃଷ୍ଟି କରାଯାଇପାରିବ ବୋଲି ବିଶ୍ୱାସ ନେଇ ବିଭିନ୍ନ ପଦାର୍ଥ, ଧାତୁ ଆଦିର ମିଶ୍ରଣ କରିବାରେ ଲାଗିଲେ। ଏହାର ସୃଷ୍ଟି ନିମିତ୍ତ ଶୁଭମୁହୂର୍ତ୍ତ, ଶୁଭସମୟ, ଆକାଶରେ ଗ୍ରହ, ନକ୍ଷତ୍ର, ତାରକା ଆଦିର ସ୍ଥିତିକୁ ବିଶ୍ୱାସକୁ ନେଲେ।

ଫିଲୋସଫିକାଲ ଷ୍ଟୋନ ଏକ କାଳ୍ପନିକ ଅବଧାରଣା ହୋଇଥିବାରୁ ଏହାକୁ ଖୋଜି କେହି ପାଇଲେ ନାହିଁ କିମ୍ବା ସୃଷ୍ଟି କରିପାରିଲେ ନାହିଁ। କିନ୍ତୁ ଶହଶହ ବର୍ଷର ଏହି ଉଦ୍ୟମରୁ ମିଳିଥିବା ତତ୍ତ୍ୱ 'ବିଜ୍ଞାନ' ଭାବରେ ଏବଂ ତତ୍ତ୍ୱବିହୀନ ଅବଧାରଣା 'ଅପବିଜ୍ଞାନ' ବା 'ମନଟିକ୍ ଆଟସ୍' ଭାବରେ ବିଭିନ୍ନ ବିଭାଗରେ ବିଭାଜିତ ହୋଇ ସମୃଦ୍ଧ ହେଲା। ଶହଶହ ପ୍ରକାରର ମନଟିକ୍ ଆଟସ୍ ମଧ୍ୟରୁ 'ଫଳିତ ଜ୍ୟୋତିଷ' ଗୋଟିଏ। ଏବେବି ଏହି ବିଦ୍ୟା ଭୂ-କୈନ୍ଦ୍ରିକ ସୌର ଜଗତ ଅବଧାରଣା ଉପରେ ପର୍ଯ୍ୟବସିତ। ଏହି ଅବଧାରଣାରେ ପୃଥିବୀ ଚାରିପଟେ ସୂର୍ଯ୍ୟ ସମେତ ନବଗ୍ରହ ଘୁରୁଛନ୍ତି। ସେଥିମଧ୍ୟରୁ ରାହୁ ଓ କେତୁ ଅବସ୍ଥିତି ନଥିବା ଦୁଇଟି ଗ୍ରହ। ଏହାକୁ ଏଥି ପାଇଁ କୃଷ୍ଣଗ୍ରହ କୁହାଯାଏ।

ପ୍ରାଚୀନ କାଳରେ କ୍ଷୁଦ୍ରକ୍ଷୁଦ୍ର ରାଜ୍ୟଗୁଡ଼ିକ ଅନେକ ସମୟରେ ପରସ୍ପର ସହିତ ଲଢ଼େଇରେ ଲିପ୍ତ ରହୁଥିଲେ। ଯୁଦ୍ଧରେ ବିଜୟ ଲାଭ ନିମିତ୍ତ ଶୁଭସମୟରେ ଯୁଦ୍ଧଯାତ୍ରା ଆରମ୍ଭ କରାଯିବାର ବିଶ୍ୱାସ ରହିଥିଲା ଏବଂ ଏଥିପାଇଁ ଜ୍ୟୋତିଷ ବିଦ୍ୟାର ପ୍ରୟୋଗ ହେଉଥିବା ଏକ ମତ ରହିଛି। ପୂର୍ବରୁ କେବଳ ରାଜପରିବାର ଓ ରାଜକାର୍ଯ୍ୟରେ ଏହାର ପ୍ରୟୋଗ ସୀମିତ ଥିବା ବେଳେ ସମୟକ୍ରମେ ଏହାର ପ୍ରୟୋଗ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଆସିଗଲା। ଏବେ ସମାଜର ପ୍ରତିଷ୍ଠିତ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଏହା ଉପରେ ଗଭୀର ବିଶ୍ୱାସ ରଖୁଥିବାରୁ ସାଧାରଣ ଲୋକେ ସେମାନଙ୍କର ଅନୁକରଣ କରୁଛନ୍ତି।

ବିବାହ କ୍ଷେତ୍ରରେ ସାଧାରଣ ଜନତାଙ୍କର ଜାତକ ମେଳକର ପ୍ରଥା ତିନିଶହ ବର୍ଷରୁ ଅଧିକ ପୁରୁଣା ନୁହେଁ। ବିଭିନ୍ନ ରାଜ୍ୟର ପ୍ରାଚୀନ କାବ୍ୟ, ସାହିତ୍ୟ ଆଦିରେ ନାୟକ-ନାୟିକାଙ୍କର ଜାତକ ମେଳକ ବର୍ଣ୍ଣନା ଦେଖିବାକୁ ମିଳେ ନାହିଁ। ଏପରିକି ପଞ୍ଚଦଶ ଶତାବ୍ଦୀରେ ରଚିତ 'ସରୋଳଦାସ ମହାଭାରତ' ଗ୍ରନ୍ଥରେ କବିଙ୍କର ଜ୍ୟୋତିଷ ବିଦ୍ୟାରେ ଗଭୀର ଜ୍ଞାନ ରହିଥିବାର ନିଦର୍ଶନ ସତ୍ତ୍ୱେ ଏହା କେବଳ ରାଜପରିବାର କୈନ୍ଦ୍ରିକ ଥିବା ବର୍ଣ୍ଣନା ରହିଛି। ନିକଟରେ ବିବାହ ବିଚ୍ଛେଦ ସମ୍ପର୍କିତ ଗବେଷଣାର ଏକ ବିବରଣୀ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ ଜନ୍ମକୁଣ୍ଡଳିର ୩୬ ଗୁଣରୁ ୩୨ଟି ମିଶୁଥିଲେ ମଧ୍ୟ ଗ୍ରହମେଳକ ନ ହେଉଥିବାରୁ ସାମ୍ପ୍ରତିକ ସମୟରେ ୩୭% ବିବାହ ବିଚ୍ଛେଦ ହେଉଛି। ଏହି ଗବେଷଣା ନିମିତ୍ତ ୬ମାସରେ ତିନି ଜଣ ପ୍ରାଧ୍ୟାପକ ଓ ଦୁଇଜଣ ଗବେଷକ ୨୫୦ଟି ବିବାହ ବିଚ୍ଛେଦ ମାମଲାର ବିଶ୍ଳେଷଣ କରିବାକୁ ତିନୋଟି ମାତ୍ର ପ୍ରଶ୍ନ ପଚାରିଥିଲେ।

ବର୍ତ୍ତମାନ ଦେଶରେ ୧୪୦ କୋଟି ଜନସଂଖ୍ୟାରେ ପ୍ରତିବର୍ଷ ଅନ୍ୟୂନ ୫ରୁ ୧୦କୋଟି ବିବାହ ଅନୁଷ୍ଠିତ ହେଉଥିବ। ସେଥିମଧ୍ୟରୁ ମାତ୍ର ୨୫୦ଟି ମାମଲାକୁ ନେଇ ପରିସଂଖ୍ୟାନ ପ୍ରସ୍ତୁତ କରିବା ଗବେଷଣା ନୁହେଁ। ବର୍ତ୍ତମାନ ଛାଡ଼ପତ୍ର ସଂଖ୍ୟା ବଢ଼ିବାର ଅନେକ ସାମାଜିକ କାରଣ ରହିଛି। ସେଗୁଡ଼ିକ ମଧ୍ୟରୁ ସ୍ମାର୍ଟ ଫୋନର ବ୍ୟବହାର, ସାମାଜିକ ଗଣମାଧ୍ୟମରେ ସମୟ ବିତାଇବା, ଯାତ୍ରା ବା ଗଣନାଟ୍ୟର ବିଷୟବସ୍ତୁ, ବେରୋଜଗାରୀ, ଯୌତୁକ ଲୋଭ, ଯୋଗ୍ୟତା ନଥାଇ ଉଚ୍ଚାଭିଳାଷ, ପରିବାର ସଦସ୍ୟ ଗୋଟିଏ ମହଲାରେ ନରହି ଅଲଗା ଅଲଗା ମହଲାରେ ରହିବା, ଏକକ ପରିବାର, ଗ୍ରାମାଞ୍ଚଳରୁ ସହର ଗମନ, ଚଳଚ୍ଚିତ୍ର, ଟେଲି ସିରିଆଲ, ପରିବାରଠାରୁ ଦୂର ସ୍ଥାନରେ କର୍ମ ସଂସ୍ଥାନ, ନିଶାଦ୍ରବ୍ୟ ସେବନ, ଆପରାଧିକ ମନୋବୃତ୍ତି, ରୋଜଗାରଠାରୁ ଆଶା ଓ କାମନା ଅଧିକ, ଶାଶୂ-ବୋହୂଙ୍କର ବିଚାର ଓ ଆଦର୍ଶଗତ ପାର୍ଥକ୍ୟ, ବିବାହରେ ଅତ୍ୟଧିକ ଖର୍ଚ୍ଚ ଭଳି ଅନେକ କାରଣ ରହିଛି। ଏସବୁ ଆଗରେ ଅବାସ୍ତବ ତଥ୍ୟକୁ ନେଇ ପରିସଂଖ୍ୟାନ ବାହାର କରି ବାସ୍ତବତାକୁ ଦେଖାଇ ହେବ ନାହିଁ। ●

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

## ସାମାଜିକ କାରୁଣ୍ୟର ଶିଳ୍ପୀ କାହ୍ନୁଚରଣ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ମଣିଷ ଜୀବନର କାରୁଣ୍ୟ ସହ ଯେଉଁ ସାହିତ୍ୟ ସ୍ରଷ୍ଟାର ପ୍ରାଣ ଯେତିକି ନିବିଡ଼ ଭାବରେ ସଂଯୁକ୍ତ, ତାଙ୍କ ସୃଷ୍ଟି ସମ୍ଭାର ସେତିକି ହିଁ ଯେ ହୋଇଆସିଛି ଅନ୍ତର୍ଭେଦୀ - ସମଗ୍ର ବିଶ୍ୱ ସାହିତ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଏହା ସହଜରେ ଉପଲବ୍ଧି କରିହୁଏ। ମହାନ ଓଡ଼ିଆ ଔପନ୍ୟାସିକ କାହ୍ନୁଚରଣଙ୍କ ନାମ ଉଚ୍ଚାରଣ କରିଦେବା ମାତ୍ରକେ ଏତେସଂଖ୍ୟକ ଚରିତ୍ର ପାଠକ ଅନ୍ତରକୁ କରିଦିଅନ୍ତି ଆଲୋଡ଼ିତ ଯେ, ସେ ରହିଯାଏ ସ୍ତବ୍ଧ ଓ ନିଶ୍ଚଳ ହୋଇ। କିପରି ଭିନ୍ନ ଭିନ୍ନ ଶ୍ରେଣୀର ଅସଂଖ୍ୟ ଚରିତ୍ରଙ୍କୁ ସେ ରୂପାୟିତ କରିପାରିଲେ ଉପନ୍ୟାସରେ? ଏତେ ସମୟ ସେ ପାଇପାରିଲେ କେମିତି? କିପରି ସମାଜର ବିଭିନ୍ନ ଚରିତ୍ରଙ୍କ ମନ ମଧ୍ୟକୁ ସେ ପ୍ରବେଶ କରିପାରିଥିଲେ କିମ୍ବା ସେଇ ଚରିତ୍ରମାନେ କେଉଁ ବାଟ ଦେଇ ମନ୍ଥିତ କରୁଥିଲେ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ତାଙ୍କ ସ୍ରଷ୍ଟା ମାନସକୁ? ଅନେକେ ତାଙ୍କର ପରିମାଣାତ୍ମକ ଅବଦାନକୁ ସ୍ୱୀକାର କରିଥିଲେ ମଧ୍ୟ ଗୁଣାତ୍ମକମାନ ଉଚ୍ଚକୋଟୀର ହୋଇପାରିନଥିବାର ସଂକେତ ଦେଇଛନ୍ତି। ଯେଉଁମାନେ ଏଇ କଥା ଚିନ୍ତା କରି ଶୈଳ୍ପିକ ସିଦ୍ଧି ଉପରେ ସନ୍ଦିଗ୍ଧମନା ହୋଇଛନ୍ତି, ସେମାନଙ୍କୁ କାହ୍ନୁଚରଣଙ୍କ ସ୍ରଷ୍ଟା ଚିତ୍ତ କିପରି ବୁଝାଇ ପାରିବ ଯେ, ଏ ସମାଜର ଅସଂଖ୍ୟ ଚରିତ୍ର ତାଙ୍କ କଲମ ମୁନରେ ଜୀବନ୍ୟାସ ପାଇବାକୁ ଧାଡ଼ି ବାନ୍ଧିଥିଲେ?

ଉପନ୍ୟାସ କଳାତ୍ମକ କେତେ ହେଲା ବା ହୋଇ ନ ପାରିଲା ତାହା ବିଚାର କରିବାର ଅବସର କେତେବେଳେ ବା ମିଳିଲା ତାଙ୍କୁ? ସମାଜର ଉପେକ୍ଷିତ, ନିର୍ଯାତିତ, ଅବହେଳିତ, ଅସହାୟ କେତେ ମଣିଷ ତାଙ୍କ ହୃଦୟକୁ ମନ୍ଥିତ କରିଛନ୍ତି ତୀବ୍ର ଭାବରେ। ବୁଭୁକ୍ଷୁ ମାନବର ଉଦରର ଉତ୍ତାପ ତାଙ୍କ ଚେତନାକୁ ଆଲୋଡ଼ିତ କରିଛି ବୋଲି ସେ ଲେଖିଛନ୍ତି 'ହା ଅନ୍ନ'। ନିଃସନ୍ତାନ ନାରୀଚିତ୍ତର ବେଦନାରେ ବ୍ୟଥିତ ହେଲେ ବୋଲି ଲେଖିଲେ 'କା' ଉପନ୍ୟାସ। ନିଜର ସର୍ବସ୍ୱ ଦାନ କରି ମଧ୍ୟ ମନର ମଣିଷଟିକୁ ସୁରକ୍ଷିତ ରଖି ନ ପାରି ଧୋବୀ ହୋଇଛି ନିରନ୍ତର ଅଶ୍ରୁସ୍ନାତ ବୋଲି କାହ୍ନୁଚରଣ ନିଜକୁ ଏକାତ୍ମ କରିଦେଇଛନ୍ତି ତା'ସହିତ; ଲେଖିଛନ୍ତି 'ଶାସ୍ତି' ଉପନ୍ୟାସ। 'ହା ଅନ୍ନ', 'ତୁଣ୍ଡ ବାଇଦ', 'ଝଞ୍ଜା', 'ମିଳନର ଛନ୍ଦ', 'ଶର୍ବରୀ', 'ପଳାତକ', 'ଅଦେଖା ହାତ', 'ବଜ୍ରବାହୁ', 'ଏପାରି ସେପାରି', 'କହିବାକୁ ଲାଜ', 'ମନ ଜାଣେ ପାପ', 'ଅନ୍ତରାୟ', 'ନିର୍ବିଶଙ୍କ' -ଏମିତି କେତେ ଛୋଟ ବଡ଼ ଉପନ୍ୟାସ ରଚନା କରି ଶିକ୍ଷିତ ଓଡ଼ିଆର ଘରେ ଘରେ ସେ ପ୍ରବେଶ କରିଗଲେ। ନିଜ ପ୍ରତିଭାର ଦ୍ୟୁତି ଉଚ୍ଚତର ସ୍ତରକୁ ଉନ୍ନୀତ କରିବା ପାଇଁ ସେ ଯଦି ଗୋଟିଏ ଗୋଟିଏ ଉପନ୍ୟାସକୁ ସଜାଡ଼ି ଚାଲିଥା'ନ୍ତେ ବର୍ଷ ବର୍ଷ ଧରି, ତା'ହେଲେ ଆଉ କେତେବେଳେ ଶତଶତ ପାଠକଙ୍କ ଅନ୍ତର୍ମନକୁ ମୋହାଚ୍ଛନ୍ନ କରିଦେଇପାରିଥା'ନ୍ତେ?

ସେ ଜାଣିଥିଲେ ଯେ କୌଣସି ପାଠକ ଲେଖକର କୃତିତ୍ୱ ସନ୍ଧାନ ପାଇଁ ଉପନ୍ୟାସ ପଢ଼ନ୍ତି ନାହିଁ। ସେମାନେ ନିଜେ ଭଲ ପାଉଥିବା ଚରିତ୍ରମାନଙ୍କ ସହ ମିଶି ହସିବାକୁ ଚାହାନ୍ତି। ତା'ଠାରୁ ଅଧିକ ଚାହାନ୍ତି ଦୁଃଖନିପୀଡ଼ିତ ମଣିଷ ପ୍ରତି ସମ୍ବେଦନସିକ୍ତ ହୋଇ ଅଶ୍ରୁ ବିସର୍ଜନ କରିବାକୁ। ଉପନ୍ୟାସ ପଢ଼ିବା ଆରମ୍ଭ କରୁଁ କରୁଁ ସେମାନେ ଯଦି ତରଳି ଯିବାରେ ଲାଗନ୍ତି, ତା'କୁ ଆଉ ସେମାନେ ଛାଡ଼ି ପାରନ୍ତି ନାହିଁ। ଅନେକ ବାମାବାଦୀ ସମାଲୋଚକଙ୍କ ଯୁକ୍ତି ହେଉଛି ଯେ, ନାରୀ ମନ କଥା ପୁରୁଷ କଦାପି ବୁଝିପାରିବ ନାହିଁ। କିନ୍ତୁ ଏଠି ଏକ ଅଦ୍ଭୁତ ପ୍ରଶ୍ନ ଉଠୁଛି ଯେ, ନାରୀ ଭାବରେ ଜନ୍ମ ନେଉଥିବା ସମସ୍ତେ କ'ଣ ନାରୀ ହୃଦୟର ଅଧିକାରୀ? ପୁରୁଷ ଭାବରେ ଜନ୍ମ ନେଉଥିବା କେତେଜଣଙ୍କ ମଧ୍ୟରେ ପୌରୁଷର ଭାବ ଉଦ୍ଦୀପ୍ତ? ଯେଉଁମାନେ ସତ ଓ ସାହସୀ ସାହିତ୍ୟ ସ୍ରଷ୍ଟା ସେମାନେ ନିଜ ଅନ୍ତର ମଧ୍ୟରେ ନାରୀ-ପୁରୁଷ ସବୁକିଛି ଭାବକୁ ଉଜ୍ଜୀବିତ କରି ରଖିପାରନ୍ତି। ଲିଙ୍ଗଭେଦର ଊର୍ଦ୍ଧ୍ୱରେ ବିଦ୍ୟମାନ ଯେଉଁ ମାନବିକତା ତାହା ହିଁ ହେଉଛି ମୂଳ ଆବେଦନ। ଶାସ୍ତି ଲେଖିବା ବେଳେ କାହ୍ନୁଚରଣ କ'ଣ ଧୋବୀ ହୋଇଯାଇ ନାହାନ୍ତି! ସ୍ରଷ୍ଟା ହିଁ ଜାଣନ୍ତି ଅନ୍ତଃକରଣରେ ଘଟୁଛି କ'ଣ। 'ମନଜାଣେ ପାପ' ଉପନ୍ୟାସରେ ଦୁଃଖିନୀ ବାଳିକାଟି ହାତରେ କାହ୍ନୁଚରଣ ଧରାଇ ଦେଇଛନ୍ତି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ଖଣ୍ଡିଏ। ଏଇ ତ ଟିକିଏ ସାନ୍ତ୍ୱନା, ସାମାନ୍ୟ ଆଶ୍ୱାସନା ଚାହେଁ ପ୍ରତିଟି ମଣିଷ।

କାହ୍ନୁଚରଣ ଯେ ଏ ଜାତିକୁ ତାହା ଦେଇ ଯାଇଛନ୍ତି, ଏହା ହିଁ ତାଙ୍କର ଶ୍ରେଷ୍ଠ ଦାନ। ଆଜି ଯେଉଁ ତରୁଣ ସମାଜ ସାହିତ୍ୟ ଅଧ୍ୟୟନରୁ କ୍ରମେ ଦୂରବର୍ତ୍ତୀ ହୋଇଯାଇଛନ୍ତି ସେମାନେ ଥରେ ଯଦି କାହ୍ନୁଚରଣଙ୍କ ଉପନ୍ୟାସର ପୃଷ୍ଠା ଉପରେ ଆଖି ସ୍ଥିର କରି ରଖନ୍ତି, ସେମାନେ ପୁନଶ୍ଚ ଆବାହନ କରି ଆଣିପାରିବେ ସମ୍ବେଦନଶୀଳ ଆଉ ଏକ ନୂତନ ଯୁଗ। ତାହା କ'ଣ ସମ୍ପୂର୍ଣ୍ଣ ଅସମ୍ଭବ? ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ କଂଗ୍ରେସର ଅଭିଯୋଗ

# ବିଜେପି ନୂଆପଡାରେ ଶାଢ଼ୀ ଓ ଟଙ୍କା ବାଣ୍ଟୁଛି

ଭୁବନେଶ୍ୱର,୫।୧୧(ସମିସ): ନୂଆପଡା ଉପନିର୍ବାଚନ ପ୍ରଚାର ଆଳରେ ବିଜେପିର କିଛି ମହିଳା ସଦସ୍ୟା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଶାଢ଼ୀ ଓ ଟଙ୍କା ବାଣ୍ଟୁଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି କଂଗ୍ରେସ। ଦଳ ପକ୍ଷରୁ ସିଇଓଙ୍କୁ ଏହାର ତଥ୍ୟ ପ୍ରମାଣ ସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି।



କଂଗ୍ରେସ କହିଛି ଯେ ବିଜେପିର କିଛି ମହିଳା ସଦସ୍ୟା ଏବଂ କର୍ମୀ ନୂଆପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ମହିଳା ଭୋଟରମାନଙ୍କୁ ଖୋଲାଖୋଲି ଭାବରେ ଶାଢ଼ୀ ଏବଂ ଅନ୍ୟାନ୍ୟ ଉପହାର ସାମଗ୍ରୀ ବଣ୍ଟନ କରୁଛନ୍ତି। ଏହା ବ୍ୟତୀତ ପ୍ରତ୍ୟେକ ଶାଢ଼ୀ ପ୍ୟାକେଟରେ ନଗଦ ୫୦୦ ଟଙ୍କା ରହୁଛି। ଏହି କାର୍ଯ୍ୟ ସ୍ପଷ୍ଟ ଭାବରେ ଭୋଟରମାନଙ୍କୁ ପ୍ରଭାବିତ ଏବଂ ପ୍ରଲୋଭିତ ପାଇଁ ଉଦ୍ଦିଷ୍ଟ ଏବଂ ଏହା ନିର୍ବାଚନ ଆଦର୍ଶ ଆଚରଣ ସଂହିତା ଏବଂ ଲୋକ ପ୍ରତିନିଧିତ୍ୱ ଆଇନ, ୧୯୫୧ (ଲାଞ୍ଚ) ର ଧାରା ୧୨୩(୧) ଅନୁଯାୟୀ ଏକ ଗମ୍ଭୀର ଏବଂ ଦଣ୍ଡନୀୟ ଅପରାଧ ବୋଲି କଂଗ୍ରେସ କହିଛି। ଏପରି କାର୍ଯ୍ୟ କେବଳ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଏବଂ ଅଖଣ୍ଡତାକୁ ବିପଦରେ ପକାଇବ ନାହିଁ ବରଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳଗୁଡ଼ିକ ପାଇଁ ଏକ ଅସମାନ ଏବଂ ଅନୈତିକ ପରିବେଶ ସୃଷ୍ଟି କରିବ। ତେଣୁ ଭିଡିଓ ପ୍ରମାଣର ସତ୍ୟତା ଯାଞ୍ଚ କରି ସମ୍ପୃକ୍ତ ବିଜେପି କର୍ମୀ ଏବଂ ନେତାଙ୍କ ସମ୍ପୃକ୍ତି ଯାଞ୍ଚ କରିବାକୁ କଂଗ୍ରେସ ପ୍ରତିନିଧି ଦଳ ଦାବି କରିଛି। ସେହିପରି ଶାଢ଼ୀ ଏବଂ ନଗଦ ଟଙ୍କା ବାଣ୍ଟୁଥିବା ବ୍ୟକ୍ତି ଏବଂ ଦଳ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ଦାବି କରିଛି। ଏହାସହ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ପବିତ୍ରତା ବଜାୟ ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ତୁରନ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ କହିଛି। ଏହି ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ସୋନାଲି ସାହୁ, ଡଃ ମନିଷା ଦାସ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ, ଅମ୍ରିତା ଦାସ, ଝୁନା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

ବିନା ସର୍ଚ୍ଚ ୱାରେଣ୍ଟରେ ଚଢ଼ଉ

# ଇସିଆଇଙ୍କ ନିକଟରେ ଅଭିଯୋଗ କଲେ ପ୍ରୀତିରଞ୍ଜନ

ଭୁବନେଶ୍ୱର,୫।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେଡିର ତାରକା ପ୍ରଚାରକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଘରେ ନିର୍ବାଚନ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ପୁଲିସର ବେଆଇନ ଚଢ଼ଉ ମାମଲା ଏବେ ଦିଲ୍ଲୀରେ ପହଞ୍ଚିଛି। ଶ୍ରୀ ଘଡ଼ାଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ସଂପୃକ୍ତ ଅଧିକାରୀ ଓ ପୁଲିସ ବିରୋଧରେ ସଙ୍ଗୀନ ଅଭିଯୋଗ କରିବା ସହ ପୂରା ଘଟଣାର ନିରପେକ୍ଷ ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିକଟରେ ଶ୍ରୀ ଘଡ଼ାଇ ଅଭିଯୋଗ କରିଛନ୍ତି ଯେ ଗତ ୩୧ ତାରିଖ ଅପରାହ୍ନ ୧.୨୨ ଟା ସମୟରେ ନୂଆପଡ଼ାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା ସମୟରେ ନିର୍ବାଚନ ଦାୟିତ୍ୱରେ ଥିବା କିଛି ପ୍ରଶାସନିକ ଅଧିକାରୀ ଏବଂ ପୁଲିସ କର୍ମଚାରୀ ତାଙ୍କ ଖରିଆର ରୋଡସ୍ଥିତ ଭଡ଼ା ଘରେ ବିନା ସର୍ଚ୍ଚ ୱାରେଣ୍ଟରେ ବଳପୂର୍ବକ ଧସେଇ ପଶିଥିଲେ। ସେଠାରେ ଉପସ୍ଥିତ ଥିବା ତାଙ୍କ ସହାୟକଙ୍କୁ ଧକ୍କାମାରି ଘରେ ପଶି ମୂଲ୍ୟବାନ ସାମଗ୍ରୀ ଓ ଆନିର୍ବାଚନ ସାମଗ୍ରୀ ନଷ୍ଟ କରିଥିଲେ। ତାଙ୍କୁ ଏବଂ ଦଳୀୟ କର୍ମୀମାନଙ୍କୁ ଭୟଭୀତ କରିବା ପାଇଁ ପୁଲିସ ଏପରି କାର୍ଯ୍ୟ କରିଥିଲା। ମନ୍ଦ ଉଦ୍ଦେଶ୍ୟ ରଖି ପୁଲିସ ଏପରି ଅଗଣତାନ୍ତ୍ରିକ, ବର୍ବରୋଚିତ କାର୍ଯ୍ୟ କରୁଛି। ଏହା କେବଳ ତାଙ୍କୁ ନିର୍ଯାତନା ଦେବା ନାହିଁ, ବରଂ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଙ୍ଘନ କରିଛି। ତେଣୁ ନୂଆପଡ଼ାରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ କୌଣସି ନିରପେକ୍ଷ ସଂସ୍ଥା କିମ୍ବା ନିର୍ବାଚନରେ ସଂପୃକ୍ତ ନ ଥିବା ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇବାକୁ ଶ୍ରୀ ଘଡ଼ାଇ ଦାବି କରିଛନ୍ତି।

■ ମନ୍ଦ ଉଦ୍ଦେଶ୍ୟ ରଖି ପୁଲିସ କରିଛି ଏପରି ଅଗଣତାନ୍ତ୍ରିକ କାର୍ଯ୍ୟ
■ ନିର୍ବାଚନ ଦାୟିତ୍ୱରେ ନ ଥିବା ଅଧିକାରୀଙ୍କ ଦ୍ୱାରା ତଦନ୍ତ ହେଉ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୋହରନ୍ ମମ୍‌ଦାନୀ...

ପ୍ରତିଷ୍ଠା କରିଥିଲେ। ତାହା ବିଶେଷ ଭାବେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେଉଛି। ଗୁଜରାଟର ମୂଳବାସିନ୍ଦା ଅମୃତଲାଲ ଜିଲ୍ଲାପାଳ ଥିବା ସମୟରେ ରାଉରକେଲାରେ ତାଙ୍କ ଝିଅ ତଥା ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ମୀରା ନାୟାର ଜନ୍ମଗ୍ରହଣ କରିଥିଲେ। 'ସଲାମ ବମ୍ବେ' ଭଳି ଚର୍ଚ୍ଚିତ ଚଳଚ୍ଚିତ୍ର ତିଆରି କରି ସେ ପଦ୍ମଭୂଷଣ ସମ୍ମାନ ପାଇଛନ୍ତି। ତାଙ୍କର ଏକମାତ୍ର ପୁଅ ଜୋହରନ୍ ଉଗାଣ୍ଡାର କମ୍ପାଲା ସହରରେ ୧୯୯୧ରେ ଜନ୍ମଗ୍ରହଣ କରିଥିଲେ। ସମ୍ପ୍ରତି ସେ ନ୍ୟୁୟର୍କର ଶତାବ୍ଦୀର ସବୁଠାରୁ କମ ବୟସ୍କ ମେୟର ଭାବେ ନିର୍ବାଚିତ ହୋଇ ନୂତନ ଇତିହାସ ରଚିଛନ୍ତି।

ଜୋହରନ୍‌ଙ୍କ ଏହି ସଫଳତା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ନ୍ୟୁୟର୍କର ସର୍ବକନିଷ୍ଠ ମେୟର ଭାବେ ନିର୍ବାଚିତ ହୋଇଥିବାରୁ ଭାରତୀୟ ବଂଶୋଦ୍ଭବ ଜୋହରନ୍‌ଙ୍କୁ ଅଭିନନ୍ଦନ। ରାଉରକେଲାରେ ଜନ୍ମିତ ଚଳଚ୍ଚିତ୍ର ନିର୍ମାତା ମୀରା ନାୟାରଙ୍କ ପୁଅ ଜୋହରାନ୍ ଏବେ ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ମେୟର ହୋଇଛନ୍ତି। ଓଡ଼ିଶା ତାଙ୍କର ବିଶ୍ୱସ୍ତରୀୟ ସଫଳତା ପାଳନ କରୁଛି କହିବା ସହ ତାଙ୍କ ସଫଳତା କାମନା କରିଛନ୍ତି।

### ମହାକାଶରେ ଡାଟା ସେଣ୍ଟର...

ବିଦ୍ୟୁତ୍ ଉତ୍ପାଦନ ଅପେକ୍ଷା ୧୦୦ ଟ୍ରିଲିୟନ ଗୁଣ ଅଧିକ ଶକ୍ତି ପ୍ରଦାନ କରେ। ମହାକାଶରେ ସୌର ପ୍ୟାନେଲ୍ ୮ ଗୁଣ ଅଧିକ ଉତ୍ପାଦନକ୍ଷମ ହେବ ଏବଂ ସ୍ଥିର ଶକ୍ତି ପ୍ରଦାନ କରିବ। ଏହା ଅଙ୍ଗାରକାମ୍ଳ ମାତ୍ରା ମଧ୍ୟ ହ୍ରାସ କରିବ। ଗୁଗୁଲ୍ ବିଶ୍ୱାସ କରେ ଯେ ୨୦୩୦ ସୁଦ୍ଧା, ଉପଗ୍ରହର ପ୍ରକ୍ଷେପଣ ମୂଲ୍ୟ ପ୍ରତି କିଲୋଗ୍ରାମ ୨୦୦ ଡଲାର (୧୭,୭୨୭ ଟଙ୍କା) ହେବ, ଯାହା ମହାକାଶ ଡାଟା ସେଣ୍ଟରଗୁଡ଼ିକୁ ପୃଥିବୀରେ ଥିବା ଡାଟା ସେଣ୍ଟର ସହିତ ତୁଳନୀୟ କରିବ। ଗୁଗୁଲ୍ ପ୍ଲାନେଟ୍ ଲ୍ୟାବ୍ସ ସହିତ ୨୦୨୭ ପ୍ରାରମ୍ଭରେ ଦୁଇଟି ପ୍ରୋଟୋଟାଇପ୍ ଉପଗ୍ରହ ଉତ୍କ୍ଷେପଣ କରିବ। ଯଦି ପ୍ରକଳ୍ପ ସଫଳ ହୁଏ, ତେବେ ମହାକାଶରୁ ଏଆଇ ତାଲିମ ହେବ। ପୃଥିବୀରେ ସମ୍ବଳ ସଞ୍ଚୟ ହେବ ଏବଂ ପରିବେଶ ସୁରକ୍ଷିତ ରହିବ। ସୌର ଦକ୍ଷତା ବୃଦ୍ଧି ପାଇବା ସହିତ, ସ୍ପେସ୍ କମ୍ପ୍ୟୁଟ୍ ଶସ୍ତା ହେବ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ୨୦୩୫ ସୁଦ୍ଧା ମହାକାଶ ଡାଟା ସେଣ୍ଟରଗୁଡ଼ିକ ବାସ୍ତବରେ ପରିଣତ ହୋଇପାରେ।

### 'ବ୍ଲାକ୍‌ଲିଷ୍ଟ' ସଂସ୍ଥାକୁ...

ଦିଆଯିବାକୁ ନେଇ ଏକ ବଡ଼ ହେରଫେର ନେଇ ସନ୍ଦେହ ସୃଷ୍ଟି ହୋଇଛି ଓ ସରକାରୀ ସଂସ୍ଥାକୁ ଛାଡ଼ି ରାଜ୍ୟ ପରିବହନ ବିଭାଗ ଏହି ଘରୋଇ ସଂସ୍ଥାକୁ କାହିଁକି ଅନୁଗ୍ରହ ପୋଷଣ କରିଛି ତାହାର କାରଣ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ସଂସ୍ଥାପ୍ରତି କୋହଳ ମନୋଭାବକୁ ନେଇ ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଆପତ୍ତି ଉଠାଇଛନ୍ତି। ।ବରିଷ୍ଠ ଆଇନ୍‌ଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ କୁମାର ନନ୍ଦ ଏକାଧିକବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟିଆକର୍ଷଣ କରି ଦାବିପତ୍ର ଦେଇଛନ୍ତି। ଏହି ଦାବିପତ୍ରକୁ ରାଜ୍ୟ ସରକାର ଗ୍ରହଣ ନ କରି ଏକ କଳାତାଲିକାଭୁକ୍ତ ସଂସ୍ଥା ସହିତ ଚୁକ୍ତିନାମା କରିବାକୁ ନେଇ ଶ୍ରୀ ନନ୍ଦ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି ଏଥିରେ ଏକ ବଡ଼ ହେରଫେର୍ ହୋଇଥିବା ନେଇ ଗନ୍ଧ ବାରିଛନ୍ତି। ବିଏସ୍‌ଏନ୍‌ଏଲ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଏହି କାମ କରୁଛି। ଓଡ଼ିଶାରେ ଯେଉଁ ୫୨ ହଜାର ଗାଡ଼ିରେ ଭିଏଲ୍‌ଟିଡି ଲାଗିଛି, ତାହା ମଧ୍ୟ ବିଏସ୍‌ଏନ୍‌ଏଲ କରିଛି। ହେଲେ ଏହାକୁ ଏବେ ବାଦ ଦିଆଯିବା ପଛରେ ରହିଥିବା ରହସ୍ୟର ତଦନ୍ତ ଆବଶ୍ୟକ ବୋଲି ଶ୍ରୀ ନନ୍ଦ କହିଛନ୍ତି।

### ୭ରେ ପୁଣି...

ରାଜ୍ୟ ବିଜେପି ସରକାରଙ୍କ ଉପରେ ଶାଣିତ ଆକ୍ରମଣ ହୋଇଥିଲେ। ଭୋଟ ଚୋରି କରି ବିଜେପି ସରକାରରେ ଅଛି ଏବଂ ତାଙ୍କ ସହ ବିଜେପି ବେଇମାନି କରିଛି ବୋଲି ବଡ଼ ମନ୍ତବ୍ୟ ଦେଇଥିଲେ । ଏହାସହ ସେ ଗତ ୧୬ ମାସ ମଧ୍ୟରେ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ଜନସାଧାରଣଙ୍କ ଆଗରେ ଗୋଟି ଗୋଟି କରି ରଖିଥିଲେ। ଯାହାକୁ ନେଇ ବିଜେଡି ଶିବିର ବେଶ୍ ଉତ୍ସାହିତ ଅଛନ୍ତି। ନବୀନଙ୍କ ସଭା ଦଳକୁ ନୂଆପଡ଼ାରେ ଏକ ନୂଆ ଶକ୍ତି ଦେଇଥିବା ବେଳେ ଦଳ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଆହୁରି ଶାଣିତ କରିଛି। ଦଳର ନେତୃବୃନ୍ଦଙ୍କ ଅନୁଯାୟୀ ନବୀନଙ୍କ କୋମନା ସଭାର ସଫଳତା ବିରୋଧୀ ବିଶେଷ କରି ବିଜେପିକୁ ଆତଙ୍କିତ କରିଛି। ସେଥିପାଇଁ ସେମାନେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ନାନା ପ୍ରକାର ଉଦ୍ୟମ ଆପଣଉଛନ୍ତି। ମାତ୍ର ବିଜେପିର ଏହି ଉଦ୍ୟମ ଆଦୌ ଫଳପ୍ରଦ ହେବ ନାହିଁ। ନବୀନଙ୍କ ଟିକିଏ ଝଲକ ପାଇବା ପାଇଁ ତାଙ୍କୁ ଭଲପାଉଥିବା ନୂଆପଡ଼ାବାସୀ ଅପେକ୍ଷାରେ ଥିବାବେଳେ ନିର୍ବାଚନ ଜିଣିବାରେ ଏହି ରୋଡ ଶୋର ପ୍ରମୁଖ ଭୂମିକା ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେଆସନ୍ତାକାଲି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଯାଉଛନ୍ତି। ସେହିପରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଧ୍ୟ ଛତିଶଗଡ଼କୁ ଲାଗିଥିବା କିଛି ଅଞ୍ଚଳରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି।

### ୭ରେ ଆସିବେନି...

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପିସିସିକୁ କୌଣସି ଠୋସ୍ ଉତ୍ତର ମିଳିନାହିଁ। କଂଗ୍ରେସ ପକ୍ଷରୁ ୭ ତାରିଖରେ ତାଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ସୂଚନା ଦିଆଯାଇଥିଲା। ନୂଆପଡ଼ା ଉପନିର୍ବାଚନ ପାଇଁ ଏବେ ୩ ଦଳର ପ୍ରଚାର ସରଗରମ ହୋଇଛି। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସର ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମେତ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ୍‌ଙ୍କ ସମେତ ସଚିନ ପାଇଲଟ ଓ କହ୍ନେଇୟା କୁମାରଙ୍କ ଭଳି ନାମ ରହିଛି।

### ରାଜ୍ୟରେ ପହିଲି...

ଦିଲ୍ଲୀରେ (ସଫଦରଜଙ୍ଗ) ଠାରେ ସର୍ବନିମ୍ନ ୧୮.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ସର୍ବନିମ୍ନ ରାତିର ତାପମାତ୍ରା ୧୭ ଡିଗ୍ରୀ ରେକର୍ଡ ହୋଇଛି। ଏହାଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ପହିଲି ଶୀତ ଆରମ୍ଭ ହୋଇଛି। ଉପଗ୍ରହରୁ ମିଳିଥିବା ଜଳୀୟବାଷ୍ପ ସମ୍ପର୍କିତ ଚିତ୍ର ଅନୁଯାୟୀ ବାୟୁମଣ୍ଡଳରେ ଜଳୀୟବାଷ୍ପର ଦୃଷ୍ଟାନ୍ତମୂଳକ ହ୍ରାସ ଘଟିଛି। ଏହାସହିତ ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟକୁ ଉତ୍ତରପଶ୍ଚିମ ଦିଗରୁ ପ୍ରବେଶ କରୁଥିବା ଶୁଷ୍କ ବାୟୁ ପ୍ରଭାବରେ ରାତିର ତାପମାତ୍ରାରେ ଆହୁରି ହ୍ରାସ ଘଟିବାର ସମ୍ଭାବନା ରହିଛି। ତେଣୁ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଜାରି ରହିବା ସହ ଥଣ୍ଡାର ପ୍ରଭାବ ଆହୁରି ବଢ଼ିବା ନେଇ ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଆହୁରି ୨.୪ ଡିଗ୍ରୀ ତାପମାତ୍ରା ହ୍ରାସ ହେବାର ସମ୍ଭାବନା ରହିଛି। ତେଣୁ ଶୀତର ପ୍ରଭାବରେ ମଧ୍ୟ ବୃଦ୍ଧି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### କେବଳ ପଦୋନ୍ନତିରେ...

ଦିଆଯାଇଛି। ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ ଉଠାଇଛନ୍ତି। ଓପିଏସ୍ ହେବା ଆଶାରେ ଓସିଏସ୍ ପରୀକ୍ଷା ଦେବାକୁ ଅପେକ୍ଷା କରିଥିଲେ ମଧ୍ୟ ନୂତନ ନିଯୁକ୍ତି ପାଇଁ ପଦ ବାହାର କରାଯାଉ ନାହିଁ। ସୂଚନା ଅନୁଯାୟୀ ୨୦୧୧ରେ ୧୫ଟି ଓସିଏସ୍ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୧୫ରୁ ୨୦୨୧ ମସିହା ମଧ୍ୟରେ ପ୍ରତ୍ୟେକ ବର୍ଷ କିଛି କିଛି ପଦ ବାହାରୁଥିଲା। ହେଲେ ୨୦୨୨ ଓ ୨୦୨୪ରେ ପ୍ରକାଶ ପାଇଥିବା ଓସିଏସ୍ ବିଜ୍ଞପ୍ତିରେ ଗୋଟିଏ ହେଲେ ଓପିଏସ୍ ପଦ ନାହିଁ। ଏଣୁ ଆଶାୟୀ ଛାତ୍ରଛାତ୍ରୀମାନେ ନିରାଶ ହେଉଛନ୍ତି। ସମ୍ପ୍ରତି ରାଜ୍ୟରେ ୯୫ଟି ଓପିଏସ୍ ପଦ ଖାଲି ଥିବାରୁ ଅତିକମ୍‌ରେ ୫୦ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି। ଆଶାୟୀ ସୁନିଲ୍ କୁମାର ମିଶ୍ର, ଶୁଭ୍ରଜିତ୍ ସାହୁ, ରମାକାନ୍ତ ମିଶ୍ରଙ୍କ ସମେତ ଶତାଧିକ ଆଶାୟୀ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ସଚିବଙ୍କୁ ଦାବିପତ୍ର ଦେଇଛନ୍ତି।

### ସରିଲା ରିମାଣ୍ଡ ଅବଧି...

ଅଭିଯୁକ୍ତ ଦ୍ୱୟଙ୍କୁ ୫ଦିନ ପାଇଁ ରିମାଣ୍ଡ ମଞ୍ଜୁର କରିଥିଲେ। ୪ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଉଭୟ ଶଙ୍କର ଓ ଅରବିନ୍ଦକୁ ରିମାଣ୍ଡରେ ନେଇଛି। ପୂର୍ବରୁ ଦଲାଲ୍ ମୁନା ମହାନ୍ତି, ଲୋକନାଥ ସାହୁ ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ୫ଦିନିଆ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରି ବୁଧବାର ବ୍ରହ୍ମପୁର କୋର୍ଟରେ ହାଜର କରିଛି। ତେବେ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କ ଠାରୁ କି ତଥ୍ୟ ହାସଲ କରିପାରିଛି ତାହା ପରବର୍ତ୍ତୀ ସମୟରେ ସ୍ପଷ୍ଟ କରିବ।

### ଓସିଏର ଖର୍ଚ୍ଚ ଅପର୍ଯ୍ୟାପ୍ତ...

ଚଳିତବର୍ଷର ପ୍ରଦର୍ଶନ ଏପରି ଏକ ସମୟରେ ହୋଇଛି, ଯେଉଁଥିରେ ଓସିଏ କୋଟି କୋଟି ଟଙ୍କା ବ୍ୟୟ କରି ଟୁର୍ଣ୍ଣାମେଣ୍ଟ ଆୟୋଜନ, ଓଡ଼ିଶା ଦଳକୁ ଏକ୍ସପୋଜର ଲାଗି ଶ୍ରୀଲଙ୍କା ପଠାଇବା ଭଳି ଯୋଜନା ହୋଇଛି। ଏହାର ଫଳ କ'ଣ ମିଳିଛି? ଦଳ ପ୍ରଥମ ୩ଟି ମ୍ୟାଚ୍‌ରେ ୨ଥର ପରାଜିତ ହୋଇଛି ଓ ଗୋଟିଏ ମ୍ୟାଚ୍ ଡ୍ର ରଖିଛି। ଏଭଳି ପ୍ରଦର୍ଶନକୁ କେହି ଗ୍ରହଣ କରିପାରୁ ନାହାନ୍ତି। ସବୁଠାରୁ ବଡ଼ କଥା ହେଲା ଘରୋଇ ମାଟିରେ ଆନ୍ଧ୍ରପ୍ରଦେଶଠାରୁ ଇନିଂସ ଓ ୫୦ ରନ୍‌ରେ ଓ ପ୍ରଥମ ମ୍ୟାଚ୍‌ରେ ବରୋଦା ନିକଟରୁ ୭ ୱିକେଟରେ ପରାଜୟ। କ୍ରିକେଟରେ ତ ହାରଜିତ ରହିଛି। କିନ୍ତୁ ଓଡ଼ିଶା ଦଳ ଲଢ଼େଇ ନ କରି ହାରିଯିବା ଲାଗି କିଏ ଦାୟୀ? ଏହାର ଉତ୍ତର କିଏ ଦେବ? ଏହି ବିଫଳା ଲାଗି ଓସିଏ କର୍ତ୍ତୃପକ୍ଷ ଦାୟୀ ରହିବେ କି?

ଓଡ଼ିଶା ଦଳ ଓ ଓସିଏର କାର୍ଯ୍ୟକଳାପକୁ ଅନୁଧ୍ୟାନ କଲେ ଜଣାଯାଏ ପ୍ରଥମଶ୍ରେଣୀ କ୍ରିକେଟ ବା ରଣଜୀ ଟ୍ରଫିରେ ଲଢ଼େଇ କରିବାକୁ ଠିକ୍‌ଭାବେ ପ୍ରସ୍ତୁତି କରାଯାଇନାହିଁ। ଏହା ମଧ୍ୟରେ ଖେଳାଳି ଚୟନ, ପ୍ରଶିକ୍ଷଣ, ପରିଚାଳନା ଓ ପ୍ରସ୍ତୁତି ଆଦୌ ଯୋଜନାବଦ୍ଧ ଭାବେ ହୋଇନାହିଁ। ଓଡ଼ିଶାରେ ଏତେ ପ୍ରତିଷ୍ଠିତ ଖେଳାଳି ଥାଇ ମଧ୍ୟ ଗତ କିଛିବର୍ଷ ହେଲା ଓସିଏ ରାଜ୍ୟ ବାହାରର କୋଚ୍‌ଙ୍କୁ ନିଯୁକ୍ତି ଦେଉଛି। ବାରମ୍ବାର ଏହା ବିରୋଧରେ ଅସନ୍ତୋଷ ରହୁଛି ଓ ଅଭିଯୋଗ ମଧ୍ୟ ହେଉଛି। କିନ୍ତୁ ଖେଳାଳିଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି ଓସିଏର ମୁଖିଆମାନେ। ଯାହା ଫଳରେ ଖେଳାଳିମାନଙ୍କର ଆତ୍ମବିଶ୍ୱାସ ଦୋହଲି ଯାଉଛି। ରାଜ୍ୟ ବାହାରର କୋଚ୍ ଉଚ୍ଚସ୍ତରର ଖେଳାଳି ନୁହଁନ୍ତି। ଏହା ନିଯୁକ୍ତିଦାତାଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଜାଣିଛନ୍ତି। ତଥାପି ଓସିଏ କାହା ସ୍ୱାର୍ଥରେ ଏଭଳି କରୁଛି ନା ଜ୍ଞାନ ନ ଥିବା ମୁଖିଆମାନେ ଏହା ଜାଣିପାରୁନାହାନ୍ତି। ସଭାପତି ଦାୟିତ୍ୱରେ ଥିବା ପଙ୍କଜ ଲୋଚନ ମହାନ୍ତି କିମ୍ବା ଗତ ୮ ବର୍ଷ ଧରି ସମ୍ପାଦକ ଥିବା ସଞ୍ଜୟ ବେହେରାଙ୍କର କିଛି ଅନ୍ତର୍ନିହିତ ଉଦ୍ଦେଶ୍ୟ ରହିଛି କି? ଏହାର ଉତ୍ତର ସେମାନେ ସାଧାରଣଙ୍କୁ ଦେବା ଉଚିତ ନୁହେଁକି? ଯଦି ସେମାନେ ଏ ସମ୍ପର୍କରେ ମୁହଁ ନ ଖୋଲିବେ, ତେବେ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଏଥିରେ ଜଡ଼ିତ ରହିଛି ବୋଲି ଧରିନେବାକୁ ହେବ ବୋଲି କ୍ରୀଡ଼ାପ୍ରେମୀ ମହଲରେ ଚର୍ଚ୍ଚା ଜୋର ଧରିଛି।

ସେହିପରି ଖେଳାଳି ଚୟନକୁ ନେଇ ବାରମ୍ବାର ଅଭିଯୋଗ ରହିଛି। ନିକଟରେ ଗୋଟିଏ ପ୍ରତିଷ୍ଠିତ କ୍ଲବ୍‌ରୁ କେହି ଖେଳାଳି ରଣଜୀ ଦଳରେ ସ୍ଥାନ ପାଇଲେ ନାହିଁ। କ୍ଲବ୍ ପକ୍ଷରୁ ଏହାର ପ୍ରଭାବଶାଳୀ ସମ୍ପାଦକ ଓସିଏ ଉପରେ ବର୍ଷିଲେ। ଯାହା ଫଳରେ କ୍ଲବ୍‌ର କିଛି ଖେଳାଳି ଓଡ଼ିଶାର ବିଭିନ୍ନ ଦଳରେ ସାମିଲ ହେଲେ। ସମ୍ପୃକ୍ତ ସମ୍ପାଦକ ସିନା ଏପରି ସର୍ବସାଧାରଣରେ କଲେ ବୋଲି ଘଟଣା ଜଣାପଡ଼ିଲା। କିନ୍ତୁ ଏସି ରୁମ୍ ଭିତରେ ଯେଉଁ ନିଷ୍ପତ୍ତି ହେଉଛି, ମୁଖିଆଙ୍କୁ ସମର୍ଥନ କରୁଥିବା ସଂଗଠନ ଗୁଡିକର ଖେଳାଳିମାନଙ୍କୁ ଦଳରେ ସାମିଲ ହେବାର ସୁଯୋଗ ମିଳୁଛି। ଚୟନ ପ୍ରକ୍ରିୟାରେ ଖେଳାଳିଙ୍କର ପ୍ରତିଭା ଓ ପ୍ରଦର୍ଶନ ଦଳରେ ଚୟନ ଲାଗି ମାପକାଠି ନହୋଇ ଓସିଏ ମୁଖିଆଙ୍କ ପାଖଲୋକ ହେବା ଅଧିକ ଜରୁରୀ ବୋଲି କ୍ରିକେଟପ୍ରେମୀମାନେ ଖୋଲାଖୋଲି କହୁଛନ୍ତି। ସେହିପରି ଗତ ମ୍ୟାଚ୍‌ରେ ଜଣେ ଭଲ ଖେଳାଳିଙ୍କୁ କାହିଁକି ବାଦ୍ ଦେଇ ଟି-୨୦ ଫର୍ମାଟର ଖେଳାଳିଙ୍କୁ ରଣଜୀ ଦଳରେ ସାମିଲ କରାଗଲା ତାହା ସନ୍ଦେହ ସୃଷ୍ଟି କରୁନାହିଁକି? ଯେହେତୁ ଓସିଏର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ ଏଣୁ ସମସ୍ତଙ୍କୁ ଖୁସି କରିବାକୁ ଏଭଳି କରାଯାଉଛି ବୋଲି ଖୋଲାଖୋଲି ଆଲୋଚନା ହେଉଛି।

ଆସନ୍ତାମାସରେ ଓସିଏ ନିର୍ବାଚନ ହେବ। ଏହି ନିର୍ବାଚନରେ ଜିଲ୍ଲା କ୍ରିକେଟ ସଂଘ, କଟକର କିଛି ନିର୍ଦ୍ଦିଷ୍ଟ ତଥା ସ୍ୱୀକୃତିପ୍ରାପ୍ତ କ୍ଲବ୍, କଲେଜ୍ ଓ ସ୍କୁଲ ଭୋଟ ଦେଇଥାନ୍ତି। ଭୋଟରଙ୍କ ପସନ୍ଦର ଖେଳାଳିମାନଙ୍କୁ ଦଳରେ ସାମିଲ କରିବା ଏବେ ଓସିଏ ମୁଖିଆମାନଙ୍କ ପ୍ରାଥମିକତାରେ ପରିଣତ ହୋଇଛି। ସେମାନଙ୍କ ଲାଗି ପ୍ରତିଭା ଗୌଣ, କିନ୍ତୁ ଭୋଟଦାତାଙ୍କୁ ଖୁସି କରିବା ଗୁରୁତ୍ୱପୂର୍ଣ୍ଣ। ଏଣୁ ସମସ୍ତ ଭୋଟରଙ୍କୁ ଖୁସି କରିବା ଲାଗି ହେଉଥିବା ଏପରି ଅଭିଯୋଗକୁ ଓସିଏ ସ୍ୱୀକାର କରୁଛି ବୋଲି କୁହାଯାଉଛି। ଓସିଏର ଜଣେ ମୁଖିଆ ନିଜ କମ୍ପାନୀରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏକାଡେମୀ ପ୍ରତିଷ୍ଠା କଲେ। ଧୂମ୍‌ଧାମ୍‌ରେ ଏହା ଉଦ୍‌ଘାଟନ ହେଲା। ଏଠାରୁ କେତେ ଖେଳାଳି ଅନ୍ତର୍ଜାତୀୟ କଥା ଛାଡ଼ନ୍ତୁ ଜାତୀୟ କ୍ରିକେଟରେ ସେମାନଙ୍କ ପ୍ରଦର୍ଶନ ଦେଖାଇଲେ ତାହା ଲୁଚିଗଲା। ଅନ୍ୟ ଖେଳାଳିଙ୍କୁ ଦୋଷ ଦେଇ ଏମାନେ ଖସିଗଲେ। ଏଭଳି ହେଲେ ଓଡ଼ିଶା କ୍ରିକେଟ କେବଳ ଆନ୍ଧ୍ର ନିକଟରୁ ନୁହେଁ; ସେହି ରାଜ୍ୟର ଏକ ଜିଲ୍ଲା ବିପକ୍ଷରେ ମଧ୍ୟ ଜିତିପାରିବ ନାହିଁ।

ଏବେ ଭାରତୀୟ ମହିଳା ଦଳ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଏହି ଦଳରେ ସ୍ଥାନ ପାଇବା ତ ଦୂରର କଥା ଷ୍ଟାଣ୍ଡବାଇରେ ମଧ୍ୟ କେହି ନାହାନ୍ତି। ସିନିୟର ମହିଳା ଟି-୨୦ର ଏଲିଟ ଗ୍ରୁପ-ସି'ରେ ୮ଟି ଦଳ ମଧ୍ୟରେ ଓଡ଼ିଶା ୬ଷ୍ଠ ଓ ୧୯ ବର୍ଷରୁ କମ୍ ଦଳ ଏଲିଟ୍ ଗ୍ରୁପ୍-ବି'ରେ ୬ଟି ଦଳ ମଧ୍ୟରେ ୫ମ ସ୍ଥାନ ପାଇଛି। ଏଭଳି ଅବସ୍ଥାରେ ଜାତୀୟ କ୍ରିକେଟରେ ଓଡ଼ିଶାର ସ୍ଥାନ କେଉଁଠି ତାହା ଏବେ ଖୋଜା ଚାଲିଛି। ଅନ୍ଧାର ଭବିଷ୍ୟତ ମଧ୍ୟରୁ ଚାଲିଯାଉଥିବା ଓଡ଼ିଶା କ୍ରିକେଟର ପୁନରୁଦ୍ଧାର ଲାଗି ଏବେ ଓସିଏ କର୍ମକର୍ତ୍ତାଙ୍କ ଲାଗି ଆତ୍ମସମୀକ୍ଷାର ସମୟ ଉପନୀତ। ବିଧିବଦ୍ଧ ଯୋଜନା କରି ଅନିଶ୍ଚିତତାକୁ ଦୂରେଇବା ସହ ଓଡ଼ିଶାକୁ ଜାତୀୟ କ୍ରିକେଟରେ କିପରି ଏକ ଶ୍ରେଷ୍ଠ ଦଳରେ ପରିଣତ କରିବାକୁ ଓସିଏ ଯତ୍ନବାନ ହେବା ଆବଶ୍ୟକ। ଏହା ଯଦି ହୋଇ ନ ପାରିଲା, ସେଥିଲାଗି ଓସିଏ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ବୁଦ୍ଧିଜୀବି, କୋଚ୍ ଓ ପ୍ରାକ୍ତନ ଖେଳାଳିମାନେ ମତ ଦେଇଛନ୍ତି।


**AFFIDAVIT**

I B. RAMESH, S/o- B Maheswar Rao resident of Sombartota, Bell Road, Po.- P.R.Peta, Ps.- Jeypore, Dist.- Koraput-764 003, Odisha declare by this Affidavit No.1804, Dated- 02/11/ 2025,that now onwards I shall be known as **BADARAUTA RAMESH** for all future purpose.

**AFFIDAVIT**

I B. GAYATRI, W/o- BADARAUTA RAMESH, resident of Sombartota, Bell Road, Po.- P.R.Peta, Ps.- Jeypore, Dist.- Koraput- 764 003, Odisha declare by this Affidavit No.1805, Dated- 02/11/ 2025, that now onwards I shall be known as **BADARAUTA GAYATRI** for all future purpose.

**AFFIDAVIT**

By virtue of an affidavit No. 572, dtd. 01.08.2025 in the court of the Executive Magistrate, Koraput, I, Chandini Bibi resident of Tudukuthuba, Po-T. Thuba, Ps.- Nandapur, Dist.-Koraput-764037 have changed my name from Chandini Bagama to Chandini Bibi. Henceforth I shall be known as Chandini Bibi for all purposes.

**Sd/- Chandini Bibi**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit sworn before Executive Magistrate, Banpur, vide No- 4003, dated 01/11/2025 I, Mini Bishoi, Address W/o- Raghunath Bishoi, At- Halanda, Po.- Badasireipur, Ps.- Banpur, Dist- Khordha, Odisha, Pin- 752031 declare that, I have changed my name from **Mini Khatua** to **Mini Bishoi**. Henceforth, I shall be known as **Mini Bishoi** for all purposes.

**Sd/- Mini Bishoi**

**AFFIDAVIT**

I GOPO SUNDAR RATH, S/o- PADMANABH RATH resident of Mohanti Sahi, Po./Ps- Kotpad, Dist.- Koraput- 764 058, Odisha declare by this Affidavit No.1792, Dated- 01/11/ 2025, that now onwards I shall be known as **GOPASUNDAR RATH** for all future purpose.


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ.5**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIBBS 2025039, ତା.08.09.2025ରିଖ

ଉପର ଉଲ୍ଲେଖିତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନ ପ୍ରଦତ୍ତ ଅନୁଯାୟୀ ପରିବର୍ତ୍ତନ କରାଯାଇଛି :

| କ୍ର.ସଂ. | ବିବରଣୀ | ପ୍ରକାଶିତ ତାରିଖ | ଏବେ ଏହି ଭାବରେ ପଢ଼ାଯିବ |
|---|---|---|---|
| 1. | ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | 08.11.2025, 1200 ଘଟିକା | 21.11.2025, 1200 ଘଟିକା |

ନିମ୍ନଲିଖିତ ବିବରଣୀ ପାଇଁ କାର୍ଯ୍ୟସୂଚୀରେ ଆହୁରି ପରିବର୍ତ୍ତନ କରାଯାଇଛି।

| କ୍ର.ସଂ. | ବିବରଣୀ | ଯେପରି REF ଡକ୍ୟୁମେଣ୍ଟରେ ଅଛି | ଏବେ ଏହି ଭାବରେ ପଢ଼ାଯିବ |
|---|---|---|---|
| 1. | RFP ଡକ୍ୟୁମେଣ୍ଟର ଧାରା ସଂଖ୍ୟା 2.11.2ରେ ତାଲିକାଭୁକ୍ତ ସମସ୍ତ ଡକ୍ୟୁମେଣ୍ଟର ଭୌତିକ ଦାଖଲ | 14.11.2025, 1800 ଘଟିକା | 28.11.2025, 1800 ଘଟିକା |
| 2. | RFP ଡକ୍ୟୁମେଣ୍ଟର ଧାରା ସଂଖ୍ୟା 2.11.4(i)ରେ ଉଲ୍ଲେଖ କରାଯାଇଥିବା ସ୍ଥାନରେ ବୈଷୟିକ ବିଡ୍ ଖୋଲିବା | 18.11.2025, 1200 ଘଟିକା | 02.12.2025, 1200 ଘଟିକା |

ସବିଶେଷ ତଥ୍ୟ ପାଇଁ, ଇଚ୍ଛୁକ ଟେଣ୍ଡରକାରୀମାନେ ୱେବସାଇଟ୍: www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-154/CI/25-26

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH**

**No. 6148 / 2025 / Boudh** **Date: 31.10.2025**

**E-483** **Tender Call Natice**

Sealed tenders are invited from registered farms/authorized distributors for supply of Drugs & Medical Consumables and Pathological Items for Boudh District. The details are available in the district website: boudh.odisha.gov.in. The eligible bidders may submit their tender papers on or **before dt 03.12.2025 by 5.00 PM** through Registered Post or Speed Post or courier services only to the undersigned. The tender documents will be opened on **dt. 04.12.2025 at 12.00 Noon** in the District Training Unit, Boudh in presence / absence of the bidders. The undersigned reserves the right to accept or reject any or all the tender without assigning any reason thereof.

**Sd/- CDM & PHO, Boudh.**

**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER, KHORDHA**
**'e' Procurement Notice**

E-365

| | | |
|---|---|---|
| 1 | Name of the Work | Construction of Addl class Rooms/ MPCC/ Office Building A 50 MT Go down |
| 2 | Total No of Works | 11 (Eleven) |
| 3 | Tender Cost | 9.7990 lakh to 23.9409 Lakh (As per DTCN) |
| 4 | Bid Security | @1% of Tender Cost (Online) |
| 5 | Class of Contractor | C,D & equivalent |
| 6 | Cost of Tender Paper (online) | Rs 6000.00 |
| 7 | Period Of Completion | As per DTCN |
| 8 | Availability of Tender for Online Bidding | From 3.11.2025 11 AM to 20.11.2025 upto 5 PM |
| 9 | Date & place of Opening | Dt. 21.11.2025 at 11.00 AM in the Offlce of the Block Development Officer, Khordha |
| 10 | Tender Inviting Authority | Block Development Officer, Khordha |

Further details can be seen from the website http:/www.tenderodisha.gov.in any addendum / corrigendum / cancellation to the above Notice will be published in this website only.

**Sd/- Block Development Officer, Khordha**


**AFFIDAVIT**

By virtue of an affidavit sworn before Notary Public, Khordha on Dt.01.11.2025 I, Bulu Yadav, S/o- Ashok behera, At- Raitikar, PO- Pingal, PS- Kalinganagar, Dist.- Jajpur, Odisha- 755026 declrare that I have changed my name from Bulu Behera to Bulu Yadav. Henceforth, I shall be known as **Bulu Yadav** for all future legal purposes.

**AFFIDAVIT**

By virtue of an affidavit sworn before Executive Magistrate, Vide No.107, Bhubaneswar, dated-27.10.2025, I, **MOHAMMED ISRAIL**, S/ O LATE-MASLAN KHAN, Address: At-Golarahat, P.O. Derabish, P.S. Derabish, Dist. Kendrapara, ODISHA,754289 declare that I have changed my name from MD ISRAIL to **MOHAMMED ISRAIL.** Henceforth, I shall be known as **MOHAMMED ISRAIL** for all future purposes.

**MOHAMMED ISRAIL**

**FOR SALE**

01 Number of TATA ACE GOLD PETROL, CX/2023, Registration No.- OD-15-W-3690, Model- 2023, ENGINE NO – 275MPFI02AWXS13076, CHASSIS NO - MAT559023PZA02822, For Details, contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST- SAMBALPUR- 768004

**AFFIDAVIT**

I, Arati Samu Murmu (37) D/o Samu Murmu resident of At- Handibhanga, Po-Chuhat, Ps- Suliapada, Dist-Mayurbhanj, Pin.No.757021, Odisha declared by the affidavit no-46 dated 03.11.2025 that my father actual name is Samu Murmu but this name had mistakenly mentioned as Somu Murmu in my Matriculation certificate. Henceforth, my father name Samu Murmu shall be used for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Vide No. 108, Bhubaneswar /dated 27.10.2025, I, **CHAMNARA BEGUM**, W/O -MOHAMMED ISRAIL, Address: At-Golarahat, P.O-Derabish, P.S- Derabish, Dist- Kendrapara, ODISHA, 754289 declare that I have changed my name from CHAMANARA BEGUM to **CHAMNARA BEGUM.** Henceforth, I shall be known as **CHAMNARA BEGUM** for all future purposes.

**CHAMNARA BEGUM**

**ହଜିଛି**

ମୁଁ ମାନଗୋବିନ୍ଦ ସାହୁ, ପିତା-ସୁବଳ ସାହୁ, ସ୍ଥାୟୀ ଠିକଣା-ଭଣ୍ଡାରିକୁଦା, ରାୟବିଧାର, ପୁରୀ, ପିନ୍- ୭୫୨୦୧୧ ଏହା ଜଣାଇବାକୁ ଚାହେଁ ଯେ, ଗତ ତା ୦୨.୦୯.୨୦୨୫ ଦିନ ବାଇକ ଯୋଗେ ମୁଁ ପୁରୀ କୋର୍ଟରୁ ବାହାରି ରାୟ ବିଧାର ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜିଯାଇଛି । ହଜିଯାଇଥିବା ଦସ୍ତାବେଜର ବିବରଣୀ: ସୁବଳ ସାହୁ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୪୮ (ତାରିଖ: ୦୬.୦୬.୨୦୦୮) ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜକୁ ଖୋଜି ପାଇଲି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ମାନଗୋବିନ୍ଦ ସାହୁ, ମୋବାଇଲ୍ ନଂ. ୮୨୪୯୩୩୩୧୫୬ କିମ୍ବା ଆଡଭୋକେଟ୍ ରାଜିବ ଲୋଚନ ଦାସ, ମୋବାଇଲ୍ ନଂ. ୯୭୭୭୪୫୨୨୪୪ ରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**

By virtue of an affidavit before The Notary Public, Titilagarh, on dated- 04/11/2025. I, **Kousalya Bhoi** (new name) formerly called as **Binodini Majhi** (old name), D/o Shyama Bhoi, W/o Bisikeshan Majhi, permanent resident of AT: Thalka, PO: Desil, PS: Titilagarh, Dist: Balangir (Odisha), PIN: 767033 now residing at the same place affirm that I have changed my name from **Binodini Majhi** (old name) to **Kousalya Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Kousalya Bhoi** (new name).

**Kousalya Bhoi**


**ବ୍ୟାଙ୍କ ଅଫ୍ ଇଣ୍ଡିଆ** Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆସେଟ୍ ରିକଭରୀ ଶାଖା, କଟକ
୧ମ ମହଲା, ପ୍ଲଟ୍ ନଂ.: ୨୯୩/୧୫୨୩, ଓଏସ୍‌ଆର୍‌ଟିସି ବସ୍ ଷ୍ଟାଣ୍ଡ ସମ୍ମୁଖ,
ସା: କୁହ୍ନେଇପଡା, ତ୍ରିଶୁଳିଆ, କଟକ-୭୫୪୦୦୫, ମୋ: ୮୨୪୯୦୬୭୭୭୩

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟୀ ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ସୁରକ୍ଷିତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ (ଇ-ନିଲାମ)**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡିକ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଦଖଲ ନିଆଯାଇଅଛି, ଯାହାକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତାଙ୍କ ଠାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀ ଅନୁଯାୟୀ ନିମ୍ନଦର୍ଶିତ ନିଲାମ ତାରିଖରେ ସମ୍ପତ୍ତିକୁ ବିକ୍ରୟ କରାଯିବ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ବିବରଣୀ, ବକେୟା ଦେୟ, ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ଏବଂ ସେବାବଦ ଜଣା ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଦଖଲର ପ୍ରକାର, ସଂରକ୍ଷିତ ମୂଲ୍ୟ, ଅମାନତ ଜମା ରାଶି ଓ ବିଡ୍ ବୃଦ୍ଧି ପରିମାଣର ସବିଶେଷ ବିବରଣୀ ନିମ୍ନମତେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ କେୟାରଭାଣ୍ଟିସ୍ ମେଡିକେୟାର ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସୌମ୍ୟ ରଞ୍ଜନ ପାଣି,** ସା: ଫ୍ଲାଟ୍ ନଂ.: ୧୦୨, ଶ୍ରଦ୍ଧା ହୋମ୍ସ, ପ୍ଲଟ୍ ନଂ.: ଡି-୩୦, ବିଜେବି ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୪, **ଶାଖା କାର୍ଯ୍ୟାଳୟ:** ପ୍ଲଟ୍ ନଂ.: ୫୮୧, ଖାତା ନଂ.: ୧୧୪, ସୂର୍ଯ୍ୟ ବିହାର, ଲିଙ୍କ ରୋଡ, କଟକ, ଓଡ଼ିଶା-୭୫୩୦୧୨ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୌମ୍ୟ ରଞ୍ଜନ ପାଣି,** ପିତା: ଶ୍ରୀ ଚିନ୍ମୟ କୁମାର ପାଣି, ସା: ଜେନାପଦା, ଜେନାପଦାଦଳ, ପୋ.: ଆଠଗଡ, କଟକ, ଓଡ଼ିଶା, ପିନ୍-୭୫୪୦୨୯, **୨) ଶ୍ରୀମତୀ ସସ୍ମିତା ମିଶ୍ର,** ସ୍ୱାମୀ: ଶ୍ରୀ ବିଶ୍ୱଜିତ୍ ସାହୁ, ସା: କୁଣ୍ଡିତରା ପାଟଣା, ଯୋହଳ, ଉତ୍କଳ ହୁଣ୍ଡାଇ ସୋରୁମ୍ ବିପରୀତ, ଏନ୍‌ଏଚ୍-୫, ବାଲିଅନ୍ତା, ଖୋର୍ଦ୍ଧା, ଓଡ଼ିଶା-୭୫୨୧୦୧, **୩) ଶ୍ରୀମତୀ ବିଜୟିନୀ ମହାପାତ୍ର (ବନ୍ଧକଦାତା),** ସ୍ୱାମୀ: ଶ୍ରୀ ଦୀପ୍ତିରଞ୍ଜନ ମହାପାତ୍ର, ସା: ଫ୍ଲାଟ୍ ନଂ.: ୩୦୨, ଶ୍ରଦ୍ଧା ହୋମ୍ସ, ପ୍ଲଟ୍ ନଂ.: ଡି-୩୦, ବିଜେବି ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୪ / **ମୋଟ ବକେୟା ରାଶି: ଟ.୩,୬୮,୮୧,୭୬୦.୨୭** + ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | **ଶ୍ରୀମତୀ ବିଜୟିନୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଦୀପ୍ତିରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଖାଲି ଜମି ଯାହାର ପ୍ଲଟ୍ ନଂ.: ୮୭୩/୩୩୦୬/୩୩୭୭, ଖାତା ନଂ.: ୬୦୪/୩୯୪୯, ଜମିର କ୍ଷେତ୍ର: ଏକର୦.୦୫୫୧ଡିସିମିଲି ଯାହା ୨୪୦୦.୧୫ ବର୍ଗଫୁଟ, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୬ ରାଜାରାଣୀ, ଥାନା: ଭୁବନେଶ୍ୱର ନଂ.: ୬୫/ଏକ୍ସଏକ୍ସଆଇ, ତହସିଲ: ଭୁବନେଶ୍ୱର ନଂ.: ୨୫୧/୪୮୬, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଜଲକ୍ଷ୍ମୀ ରାୟ, ପଶ୍ଚିମ: ପ୍ରଫୁଲ୍ଲ କୁମାର ନାୟକ, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୮୭୨ | **ଟ.୭୬,୫୩,୦୦୦/- (ଜିଏସ୍‌ଟି ଏବଂ ଅନ୍ୟାନ୍ୟ ବୈଧାନିକ ଦେୟ ବ୍ୟତୀତ) / ଟ.୭,୬୫,୩୦୦/- / ଟ.୫୦,୦୦୦/-** |

**ଇ-ନିଲାମ ତାରିଖ ଓ ସମୟ: ତା.୧୭.୧୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପ୍ରାକ୍ ଅନୁମତି ସହିତ ତା.୧୬.୧୨.୨୦୨୫ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟଦିବସରେ ଇଚ୍ଛୁକ ନିଲାମଧାରୀମାନଙ୍କୁ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ସୁବିଧା ପ୍ରଦାନ କରାଯିବ। ଅମାନତ ଜମା ଏବଂ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ: ତା.୧୬.୧୨.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ।

***ସଫଳ ନିଲାମଧାରୀ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଅମାନତ ରାଶି ଅନ୍ତର୍ଭୁକ୍ତ କରି ନିଲାମ ରାଶିର ୨୫% ଜମା କରିବେ। ଅବଶିଷ୍ଟ ନିଲାମ ରାଶି ନିଲାମ ଚୂଡାନ୍ତ ହେବାର ୧୫ ଦିନ ସୁଦ୍ଧା ପୈଠ କରିବାକୁ ପଡିବ।**

ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଦର୍ଶିତ ନିୟମ ଓ ସର୍ତ୍ତାବଳୀ ସହିତ ବିକ୍ରୟ ଅନୁଷ୍ଠିତ ହେବ। ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ଏହା ଏକ ୩୦ ଦିନିଆ ବିକ୍ରୟ ନୋଟିସ୍ କି, ସେମାନେ ବ୍ୟାଙ୍କ ସହିତ ସେମାନଙ୍କର ବକେୟା ଦେୟ ସମାଧାନ କରନ୍ତୁ ଏବଂ ଉପରଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମରେ ଅଂଶଗ୍ରହଣ କରନ୍ତୁ। ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ **https://baanknet.com**ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

ସ୍ଥାନ: କଟକ
ତାରିଖ: ୦୬.୧୧.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସାଗର ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ

# ଉଦ୍‌ଯାପନୀ ସନ୍ଧ୍ୟାକୁ ମତୁଆଲା କଲେ ଶେହେନ୍‌ଶା

ନୟାଗଡ଼,୫।୧୧(ସମିସ)





ନୟାଗଡ଼ ପୁରୁଣା ସହରରେ ଅନୁଷ୍ଠିତ ହେଉଥିବା ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଶେଷ ଦିନରେ ବେଶ ଆକର୍ଷଣୀୟ ହୋଇଥିଲା। ସକାଳୁ ସକାଳୁ ସାଗର ପୋଖରୀରେ ବୋଇତ ବନ୍ଦାଣ ଦେଖିବାକୁ ହଜାର ହଜାର ଲୋକ ରୁଣ୍ଡ ହୋଇଥିଲେ। ତଥପୋଇ ନାଟକ ଅନୁଷ୍ଠିତ ହେବା ସହ ପାରମ୍ପରିକଭାବେବୋଇତବନ୍ଦାଣକାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ, ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ପୌରଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ରଣପୁର ପୂର୍ବତନ ବିଧାୟକ ତଥା ନୟାଗଡ଼ ବୋଇତ ବନ୍ଦାଣ ଉତ୍ସବ କମିଟିର ଉପଦେଷ୍ଟା ସତ୍ୟନାରାୟଣ ପ୍ରଧାନ, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ବୋଇତ ବନ୍ଦାଣ ଯାତ୍ରା ଉତ୍ସବର ସଂପାଦକ କିଶନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦର୍ଶକଙ୍କୁ ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର ବାନ୍ଧି ରଖିଥିଲେ। ବୋଇତ ବନ୍ଦାଣ ଉତ୍ସବ ସମୟରେ କୌଣସି ଅସୁବିଧା ସୃଷ୍ଟି ହୋଇପାରେ, ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ, ଅବକାରୀ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏହା ସହିତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ। ଉଦ୍‌ଯାପନ ସନ୍ଧ୍ୟା ମଧ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଶୀତୁଆ ସନ୍ଧ୍ୟାକୁ ଶେହେନଶା ମେଲୋଡ଼ି ରଙ୍ଗାରଙ୍ଗ କରିଥିଲା। ୨୨ ବର୍ଷ ଧରି ଅନୁଷ୍ଠିତ ହେଉଥିବା ବୋଇତ ବନ୍ଦାଣ ଯାତ୍ରା ଉତ୍ସବକୁ ସଫଳ କରିବା ପାଇଁ ବୋଇତ ବନ୍ଦାଣ କମିଟି ସଦସ୍ୟଙ୍କ ସହିତ ବରିଷ୍ଠ ଆଇନଜୀବୀ ଦାଶରଥି ସାହୁ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇ, ରଜତ ପଟ୍ଟନାୟକଙ୍କ ସମେତ ପୁରୁଣା ସହରର ଯୁବଗୋଷ୍ଠୀ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।

## କିଶୋରପ୍ରସାଦରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା



**ଗଣିଆ, ୫।୧୧(ସମିସ):** ଗଣିଆ ବ୍ଲକ କିଶୋରପ୍ରସାଦ ଠାରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି। ଏହି ଯାତ୍ରା ୪ ଦିନ ଧରି ଚାଲିବ। ଦିନ ତମାମ ଏଠାରେ ରାସପୂର୍ଣ୍ଣିମା ପାଳନ କରାଯିବା ସହିତ ରାତିରେ ଦୀପଯଜ୍ଞ ଅନୁଷ୍ଠିତ ହେଉଅଛି। ୪ ଦିନ ଧରି ଗ୍ରାମର କଳାକାରମାନଙ୍କୁ ନେଇ ସାମାଜିକ ନାଟକ ମଞ୍ଚସ୍ଥ ହେବ ବୋଲି ସ୍ଥିର କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ବିଭୁକୃପା ଲାଭ କରିଥିଲେ। ସେହିପରି ଗଣିଆର ବିଭିନ୍ନ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଜନଗହଳି ଦେଖିବାକୁ ମିଳିଥିଲା। ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା।

## ଆଖୁରସରେ ସ୍ନାନକଲେ ଲଡୁବାବା

**ଶରଣକୁଳ, ୫।୧୧(ସମିସ):** ପବିତ୍ର କାର୍ତ୍ତିକ ମାସ ପୂର୍ଣ୍ଣମୀ ତିଥିରେ ପରମ୍ପରା ଅନୁଯାୟୀ ପ୍ରଭୁ ଲଡୁବାବା ଆଖୁରସରେ ସ୍ନାନ କରିଛନ୍ତି। ବୁଧବାର ଭୋର ଦୁଇ ଟାରେ ମନ୍ଦିର ଖୋଲା ଯାଇ ଅବକାଶ ନୀତି ପରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। ଭୋର ୩ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଠାକୁର ଦର୍ଶନ ପାଇଁ ଜନ ଗହଳି ଲାଗିରହିଥିଲା। ସକାଳର ସମସ୍ତ ନୀତି, ଭୋଗ ଲାଗି ପରେ ପରିଛା ତୋଷବନ୍ତ କର କ୍ଷୀରାଭିଷେକ କରି ଆଖୁରସରେ ବାବାଙ୍କୁ ସ୍ନାନ କରାଇଥିଲେ। ପରେ ମନ୍ଦିର ଉପରେ ନୂତନ ବାନା ଏବଂ ନେତ ବନ୍ଧା ଯାଇଥିଲା। ଦିନ ୩ଟାରେ ମଧ୍ୟାହ୍ନ ଧୂପ ଶେଷ କରି ଠାକୁରଙ୍କ ପହୁଡ଼ ପକାଯାଇଥିଲା। ସନ୍ଧ୍ୟାରେ ଲଡୁବାବା କୈଳାଶ ଉତ୍ପାଟନ ବେଶରେ ସଜ୍ଜିତ ହୋଇଥିଲେ। ସେହିପରି ମନ୍ଦିର ବେଢ଼ାରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର



ପୂର୍ଣ୍ଣମୀ ତିଥିରେ କାଞ୍ଚି ଅଭିଯାନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ଏବଂ ଥାନା ଅଧିକାରୀଙ୍କୁ ପ୍ରତ୍ୟେକ୍ଷ ଉପସ୍ଥିତିରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ନୀଳମାଧବଙ୍କ କ୍ଷେତ୍ରରେ ବୋଇତ ବନ୍ଦାଣ



**କଣ୍ଟିଲୋ, ୫।୧୧(ସମିସ):** ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ମହାନଦୀ ତଟରେ ନବକ୍ରୋଶ ତୈଳିକ ବୈଶ୍ୟସମାଜ ପକ୍ଷରୁ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜ ଖଣ୍ଡପଡ଼ା ରାଜ୍ୟ ସଭାପତି ନବକିଶୋର ସାହୁ, ସମ୍ପାଦକ ରାମଚନ୍ଦ୍ର ସାହୁ, ମହାସଭା ଅଧ୍ୟକ୍ଷ ବିମ୍ବାଧର ସାହୁ, କଣ୍ଟିଲୋ ଅଞ୍ଚଳ ସଭାପତି ରବିନ୍ଦ୍ରନାଥ ସାହୁ, ସମ୍ପାଦକ ମନୋଜ କୁମାର ସାହୁଙ୍କ ସମେତ ଉତ୍ସବ ସାହୁ, ବନମାଳୀ ସାହୁ, ଉମାକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼



**ଖଣ୍ଡପଡ଼ା, ୫।୧୧(ସମିସ):** ପବିତ୍ର କାର୍ତ୍ତିକ ମାସ ମହାପଞ୍ଚକର ଅନ୍ତିମ ଦିବସ ବା ରାସପୂର୍ଣ୍ଣିମାରେ ସମଗ୍ର ଖଣ୍ଡପଡ଼ା ଅଞ୍ଚଳର ଶ୍ରଦ୍ଧାଳୁମାନେ ଭୋର ସମୟରୁ ସ୍ନାନ ନିତ୍ୟ କର୍ମସାରି ଡଙ୍ଗା ଭସାଇବା ସହ ବିଭିନ୍ନ ଦେବାଳୟ ସ୍ଥାନରେ ସେମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡା ସହରାଞ୍ଚଳର ଉମାଦେବୀ ପୀଠ, ବନମାଳିପୁର ସୋମନାଥ ଦେବ ମନ୍ଦିର, ବାହାଡାଶୁଣୀଙ୍କ ପୀଠ, ଖଳିସାହି ତୋଟା ହନୁମାନ, କଣ୍ଟିଲୋ ନୀଳମାଧବ ପୀଠ, ନାରାୟଣୀ ପୀଠ, ସିଧାମୂଳା ଗୋକୁଳାନନ୍ଦ ପୀଠ, କୋସ୍କା ଯୋଗୀଯୋଗିଆଣି ବୌଦ୍ଧ ପୀଠ ସମେତ ବହୁ ପୁରପଲ୍ଲୀରେ ଥିବା ଦେବାଳୟ ସ୍ଥାନ ମାନଙ୍କରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିଥିଲେ। ଏହା ସହିତ ରାସ ପୂର୍ଣ୍ଣିମା ଅବସରରେ ଖଣ୍ଡପଡା ରାଜବାଟି ସ୍ଥିତ ଶ୍ରୀଜଗନ୍ନାଥ ପଦ୍ମବେଶରେ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଥିଲେ। ସେହିପରି ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଉଦଯାପିତ ହୋଇଥିବା ବେଳେ ଆଜି ସକାଳୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁମାନେ ଦେବାଦେବୀଙ୍କୁ ଦର୍ଶନ କରିବା ସହ ସେଠିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ।

## ସପ୍ତାଙ୍ଗରେ ମହିଳା ରାସ ପରିବେଷଣ

**ଭାପୁର, ୫।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ପ୍ରାୟ ସମସ୍ତ ଗାଁରେ ପଞ୍ଚୁକରେ ସପ୍ତାଙ୍ଗ ରାଶ ପାଳନ କରାଯାଉଛି। ଏ ଉପଲକ୍ଷେ ଭାପୁର ପଞ୍ଚାୟତ ଖଇରଗାଡିଆ ହନୁମାନଙ୍କ ପୀଠରେ ଚାଲିଥିବା ସପ୍ତାଙ୍ଗରେ ମର୍ଦ୍ଦାବାଡିର ମହିଳା କୀର୍ତ୍ତନ ଗୋଷ୍ଠୀ ସବିତା ପଣ୍ଡା ଓ ଜୟଦେବ ପଣ୍ଡାଙ୍କ ନେତୃତ୍ୱରେ ମହିଳାମାନେ କୀର୍ତ୍ତନ କରିଥିଲେ। ରାଧାକୃଷ୍ଣଙ୍କ ପ୍ରେମଗାଥାକୁ ନେଇ ରାସ ଗାନ କରି ଉପସ୍ଥିତ ପୁରୁଷ ଓ ମହିଳାମାନଙ୍କୁ ଅଭିଭୂତ କରିଥିଲେ।

## ଖଣ୍ଡପଡ଼ା ସୁନାମୁହିଁରେ ବୋଇତ ବନ୍ଦାଣ



**ଖଣ୍ଡପଡ଼ା, ୫।୧୧(ସମିସ):** ଖଣ୍ଡପଡ଼ା ସହର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ଜଳଭଣ୍ଡାରରେ ପ୍ରଥମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଗୌରବମୟ ପରମ୍ପରାକୁ ମନେ ପକାଇ ମହିଳାମାନେ ପ୍ରଥମେ ବୋଇତକୁ ବନ୍ଦାପନା କରିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସୁନାମୁହିଁର ନୀଳ ଜଳରାଶିରେ ବୋଇତ ଯୋଗେ ନୌବିହାରର ମଜା ନେଇଥିଲେ ଦର୍ଶକ ଓ କୁନିକୁନି ପିଲାମାନେ। ପ୍ରତିବର୍ଷ ସୁନାମୁହିଁ ଜଳଭଣ୍ଡାରରେ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି।

## ରଘୁନାଥଜୀଉଙ୍କ କାଞ୍ଚି ଅଭିଯାନ ବେଶ



**ଓଡ଼ଗାଁ, ୫।୧୧(ସମିସ):** ଓଡ଼ଗାଁ ବିଜେ ପ୍ରଭୁ ଶ୍ରୀରଘୁନାଥ ଜିଉଙ୍କ ପଞ୍ଚୁକ ପର୍ବର ଅନ୍ତିମ ଦିବସ ସକାଳେ ପ୍ରଭୁଙ୍କ କଳାଧଳା ଘୋଡ଼ାରେ ବସି କାଞ୍ଚି ଅଭିଯାନ କରିବାର ଦୃଶ୍ୟ ଥିଲା ବେଶ୍ ଆକର୍ଷଣୀୟ। ଦ୍ୱାର ଫିଟା ପଯେ ପାଳିଆ ପଣ୍ଡା କେଦାର ମହାପାତ୍ରଙ୍କ ଦ୍ୱାରା ଆରତି ନୀତି ସମାପନ ହୋଇଥିଲା। ମାସର ଅନ୍ତିମ ଦିବସ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ ହବିଷ୍ୟାଳି ଓ ଶ୍ରଦ୍ଧାଳୁ ଭୋର ସମୟରୁ ବୋଇତ ବନ୍ଦାଣ ଉତ୍ସବ ପାଳନ କରିବା ସହିତ ପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ପ୍ରଭୁଙ୍କ କାଞ୍ଚି ଅଭିଯାନ ବେଶ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀ, ସୁଆର ପରିଷଦ ଏବଂ ପୂଜକ ପରିଷଦ ସଭାପତି, ମନ୍ଦିର ପରିଚାଳକଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଧି ବିଧାନ ଶୃଙ୍ଖଳା ସହ ସମ୍ପନ୍ନ ହୋଇଥିଲା। ସେହିପରି ଏହି ବ୍ଲକର ମା’ ବୈଷ୍ଣୋଦେବୀ, ଶରଣକୁଳ ଲଡୁବାବା, ବାବା ଦୂତିକେଶ୍ୱର ଆଦି ସମସ୍ତ ମନ୍ଦିର ମାନଙ୍କରେ ନୀତିକାନ୍ତିର ସହ ପଞ୍ଚୁକ ପର୍ବ ପାଳିତ ହୋଇଯାଇଛି।

### ● ଓଡ଼ଗାଁ ଓପନ ରାପିଡ ଚେସ୍ ଟୁର୍ଣ୍ଣାମେଣ୍ଟ

## ଜିତେନ୍ଦ୍ର ପ୍ରଥମ, ବସନ୍ତ ଦ୍ୱିତୀୟ, ଗଙ୍ଗାଧର ତୃତୀୟ



**ଓଡ଼ଗାଁ, ୫।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ୧୩ ତମ ଓଡ଼ଗାଁ ଓପନ୍ ରାପିଡ ଚେସ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବ୍ଲକ ରୋଡ଼ କଲ୍ୟାଣୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ୪୨ ଜଣ ପ୍ରତିଯୋଗୀଙ୍କୁ ନେଇ ୨୧ ସତ୍‌ରଞ୍ଜ ବୋର୍ଡରେ ଚାଲିଥିବା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଜିତେନ୍ଦ୍ର କୁମାର ଦାସ ପ୍ରଥମ ତଥା ଚାମ୍ପିଅନ ଆଖ୍ୟା ହାସଲ କରିଥିବା ବେଳେ ବସନ୍ତ କୁମାର ବିଶୋଇ ଦ୍ୱିତୀୟ ଏବଂ ଗଙ୍ଗାଧର ଦାସ ତୃତୀୟ ସ୍ଥାନରେ ବିଜୟ ହୋଇଛନ୍ତି। ଆସୋସିଏସନର ପ୍ରତିଷ୍ଠାତା ସମ୍ପାଦକ ଦିବାକର ନାୟକଙ୍କ ୬୩ତମ ଜନ୍ମଦିବସ ଅବସରରେ ଅନୁଷ୍ଠିତ ଆଜିର ଏହି ୧୩ତମ ଓଡ଼ଗାଁ ଓପନ୍ ରାପିଡ ଚେସ୍ ଟୁର୍ଣ୍ଣାମେଣ୍ଟକୁ ଆସୋସିଏସନର ସମସ୍ତ ସଭ୍ୟ ଏବଂ ଖେଳାଳି ପରିଚାଳନା କରିଥିଲେ। ଏହି ଅବସରରେ ଖେଳ ମଣିଷ ଭାବେ ପରିଚିତ ଦିବାକର ଜନ୍ମଦିନ ପାଳନ କରାଯାଇଥିଲା। ଚେସ୍ ଟୁର୍ଣ୍ଣାମେଣ୍ଟକୁ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପିଡି ୱାଟର ସେଡ, ସୁଧାକର ଶତପଥୀ ଏବଂ ଆସୋସିଏସନ୍ ସମ୍ପାଦକ ଦିବାକର ନାୟକ ମଞ୍ଚାସୀନ ଥିଲେ।

## ଜଗଦୀଶ ରଥଙ୍କୁ ନୀଳମାଧବ ସମ୍ମାନ



**ଭାପୁର, ୫।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କେନ୍ଦୁପଲ୍ଲୀ ଗ୍ରାମର ବରପୁତ୍ର ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଜଗଦୀଶ ପ୍ରଶାଦ ରଥ ସମ୍ମାନଜନକ ‘ନୀଳମାଧବ ସମ୍ମାନ’ରେ ସମ୍ମାନିତ ହୋଇଛନ୍ତି। ପୁରୀର ପଣ୍ଡିତ ଉମେଶ ଚନ୍ଦ୍ର କର ଫାଉଣ୍ଡେସନ ତରଫରୁ ପବିତ୍ର ପଞ୍ଚୁକରେ ଶରଧାବାଲିରେ ଆୟୋଜିତ ଭକ୍ତି ସଙ୍ଗୀତ ସମାରୋହରେ ତାଙ୍କୁ ସମ୍ମାନିତ କରାଯାଇଛି। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଡ.ବଦ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ମା’ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାଶ ମହାପାତ୍ର, ସୁରେନ୍ଦ୍ର ନାଥ ଦାଶ, ସୁବାସ ସ୍ୱାଇଁ, ସତ୍ୟନାରାୟଣ ଗୁରୁ, ଡ. ସୁଶୀଲ କୁମାର ପଟ୍ଟନାୟକ ଓ ପ୍ରଶାନ୍ତ କୁମାର ସାମଲ ଯୋଗଦେଇଥିଲେ। ଜୀବନବ୍ୟାପୀ ସଙ୍ଗୀତ ସାଧନା ପାଇଁ ଜଗଦୀଶ ପ୍ରସାଦ ରଥଙ୍କୁ ‘ନୀଳମାଧବ ସମ୍ମାନ’ରେ ସମ୍ମାନିତ କରାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନୟାଗଡ଼, ୫।୧୧(ସମିସ):** ନୂଆପୋଖରୀ ନିକଟରୁ ଜଣେ ଯୁବକର ଝୁଲନ୍ତା ମୃତଦେହ ଏକ ବର ଗଛରୁ ଉଦ୍ଧାର ହୋଇଛି। ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା ଗ୍ରାମର ନୂଆ ପୋଖରୀ ନିକଟରେ ଥିବା ଏକ ବର ଗଛରେ ଜଣେ ଯୁବକର ମୃତଦେହ ଝୁଲୁଥିବାର ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ। ଦେଖିବା ପରେ ରାଜ ସୁନାଖଳା ଫାଣ୍ଡିକୁ ଖବର ଜଣାଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ ଜାରି କରିଥିଲେ। ଉଦ୍ଧାର ହୋଇଥିବା ମୃତ ଯୁବକଟି ଢେଙ୍କାନାଳ ଜିଲ୍ଲା ଅନଳବେରଣି ଗ୍ରାମର ଉମାଜି ନାୟକଙ୍କ ପୁଅ ଆକାଶ ନାୟକ(୨୩)ବର୍ଷ ବୋଲି ଜଣାପଡିଛି। ସେ କିଛି ଦିନ ହେବ ଜଣେ ନାବାଳିକାଙ୍କ ସହିତ ରାଜସୁନାଖଳାସ୍ଥିତ ହରିଜନ ସାହିରେ ରହି ଆସୁଥିଲେ। ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେଇ ନଥିବା ବେଳେ ପୁଅର ପରିବାର ଲୋକେ ହତ୍ୟା ଅଭିଯୋଗ କରିଥିବା ନେଇ ସୂଚନା ମିଳିଛି।

## ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି

**ଖଣ୍ଡପଡ଼ା, ୫।୧୧(ସମିସ):** ଖଣ୍ଡପଡ଼ା ସହରର ଏକ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟଜୟନ୍ତୀ ଉତ୍ସବ ନଭେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହେବ। ଏ ଅବସରରେ ଅନୁଷ୍ଠାନ କର୍ତ୍ତୃପକ୍ଷ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ରୌପ୍ୟଜୟନ୍ତୀ ଉତ୍ସବ ପାଳନ ନେଇ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ରଥ ସାମ୍ବାଦିକ ସମ୍ମିଳନୀରେ ସଂଯୋଜନା କରିଥିଲେ। ଏ ପରିପ୍ରେକ୍ଷୀରେ ଆସନ୍ତା ୧୩ ତାରିଖରେ ଏକ ମଶାଲ ଶୋଭାଯାତ୍ରା ଖଣ୍ଡପଡ଼ା ସହର ପରିକ୍ରମା କରିବା ସହ ୧୪ ତାରିଖରେ ରୌପ୍ୟଜୟନ୍ତୀ ଉତ୍ସବର ଉଦଘାଟନୀ ଉତ୍ସବ ଏବଂ ୧୫ ତାରିଖରେ ଉତ୍ସବ ଉଦଯାପିତ ହେବ ବୋଲି ଜଣାପଡିଛି। ଦୀର୍ଘ ୨୫ ବର୍ଷ ମଧ୍ୟରେ ଅନୁଷ୍ଠାନକୁ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଉତ୍ସବ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯିବ ବୋଲି ଜଣାପଡିଛି। ଅନୁଷ୍ଠାନର ସଂପାଦକ ପ୍ରଶାନ୍ତ କୁମାର ସୁବୁଦ୍ଧି ପରିଶେଷରେ ଧନ୍ୟବାଦ ଦେଇଥିଲେ।


### ● ନୟାଗଡ଼ ଜିଲ୍ଲାସ୍ତରୀୟ ଶିଶୁ ପ୍ରତିଭା ଉତ୍ସବ

## ରାଜ୍ୟସ୍ତରକୁ ଦିବ୍ୟ ମନୋନୀତ



**ଓଡ଼ଗାଁ, ୫।୧୧(ସମିସ):** ନୟାଗଡ଼ ଜିଲ୍ଲା ସ୍ତରୀୟ ଶିଶୁ ପ୍ରତିଭା ଉତ୍ସବ ‘ସୁରଭି’ କନିଷ୍ଠ ଦିବ୍ୟାଙ୍ଗ ସଙ୍ଗୀତ ପ୍ରତିଯୋଗିତାରେ ଓଡ଼ଗାଁ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଶାବାରୀ ସପ୍ତମ ଶ୍ରେଣୀର ଶିକ୍ଷାର୍ଥି ଦିବ୍ୟରଞ୍ଜନ ସାହୁ ଜିଲ୍ଲାସ୍ତରରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ଯିବା ପାଇଁ ମନୋନୀତ ହୋଇଛନ୍ତି। ପ୍ରଧାନ ଶିକ୍ଷକଙ୍କ ରଚିତ- “ମୋ ଭାରତ ମାଆ ସମ ଦେଶ’ ଗୀତ ଗାଇ ସେ ବିଚାରକମାନଙ୍କୁ ଆକର୍ଷିତ କରିପାରିଥିଲେ। ପନ୍ତିଖାରି ଶାସନ ବେଲପଡିଆ ସାହିର ରମେଶ ସାହୁ ଓ ଶାନ୍ତିଲତା ସାହୁଙ୍କର ପୁତ୍ର ଦିବ୍ୟରଞ୍ଜନଙ୍କ ମୂଳଦୁଆ ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀରୁ ପଡିଥିଲା। ମଶାବାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁନାମକୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ନେଇ ପାରିଥିବାରୁ ଶିକ୍ଷାର୍ଥି ସହ ମାର୍ଗଦର୍ଶକ ଶିକ୍ଷକଙ୍କ ପାଇଁ ମଧ୍ୟ ଅଭିଭାବକ ମହଲରୁ ପ୍ରଶଂସା କରାଯାଇଛି।

## ନୀଳମାଧବଙ୍କ ଗଜ ଉଦ୍ଧାରଣ ବେଶ



**କଣ୍ଟିଲୋ, ୫।୧୧(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନୀଳମାଧବ ପୀଠ ମହାନଦୀ ତଟରେ ଡଙ୍ଗା ଭସାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏଥିସହ ନୀଳମାଧବ ମନ୍ଦିର, ରଘୁନାଥଙ୍କ ପୀଠରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଉତ୍ସବ ହେଉଥିବା ବେଳେ, ନିକଟସ୍ଥ ମା’ ନାରାୟଣୀ ପୀଠ, ବଡ଼ବାଣପୁର ଗ୍ରାମ ବାଲୁଙ୍କେଶ୍ୱର ପୀଠ ସମେତ ସିଧାମୁଳାର ପର୍ଯ୍ୟଟନସ୍ଥଳୀ ଗୋକୁଳାନନ୍ଦ ପୀଠରେ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଥିଲା। ଏହି ଅବସରରେ ନୀଳମାଧବଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଥିଲା।

## ସଜେଇ ହେଉଛି ସାତକୋଶିଆ ସ୍ୟାଣ୍ଡ ରିସର୍ଟ

# ଆସନ୍ତା ୧୫ରୁ ବାଲୁକା କଟେଜ୍

ନୟାଗଡ଼/ଗଣିଆ,୫।୧୧(ସମିସ)




ଶୀତଋତୁ ଆସିଲେ ପର୍ଯ୍ୟଟନ ସ୍ଥଳୀ ଚଳଚଞ୍ଚଳ ହୋଇଉଠେ। ଭୋଜିଭାତ ସାଙ୍ଗକୁ ପ୍ରକୃତିର ଶୋଭାରାଜିରେ ଅବସର ବିନୋଦନର ଭରପୁର ମଜ୍ଜା ନେଇଥାନ୍ତି ପର୍ଯ୍ୟଟକ। ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ସାଉଥ୍ ବଡମୂଳ ମଙ୍ଗାନାସୀଠାରେ ଥିବା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଅନ୍ୟତମ। ପ୍ରତିବର୍ଷ ଭଳି ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ସଜେଇ ହେଉଥିବା ଦେଖିବାକୁ ମିଳିଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ମହାନଦୀର ବାଲୁକା ଶଯ୍ୟାରେ ଲାଗୁଥିବା ବାଲୁକା କଟେଜ୍ ଗୁଡିକର ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିଲେ ମଧ୍ୟ ଚଳିତ ନଭେମ୍ବର ୧୫ରେ ଏହାର ଶୁଭ ଉଦଘାଟନ କରାଯିବା ପାଇଁ ଦିନ ସ୍ଥିର ହୋଇଥିବା ମୁଦୁଲିଗାଡିଆ ମା’ ସାତଭଉଣୀ ପର୍ଯ୍ୟଟନ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ପୂର୍ବ ବର୍ଷ ପରି ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଉପରେ ଚଳିତ ବର୍ଷ ୧୬ଟି ଅଣ ଶୀତତାପ ନିୟନ୍ତ୍ରିତ ଅସ୍ଥାୟୀ କଟେଜ୍ ନିର୍ମାଣ କରାଯିବ। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ୍ରମେ ଆବଶ୍ୟକ ସ୍ଥଳେ କଟେଜ୍ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରାଯିବ। ସାତକୋଶିଆ ଗଣ୍ଡକୁ ଲାଗି ରହିଥିବା ଏହି ପର୍ଯ୍ୟଟନ ସ୍ଥଳୀ ନିକଟରେ ମହାନଦୀର ନୀଳ ଜଳରାଶୀ ଉପରେ ବୋଟିଂର ମଜ୍ଜା ଚଳିତ ବର୍ଷ ପଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ଚର୍ଚ୍ଚା ହେଉଛି। ସେହିପରି, ପିଲାଙ୍କ ପାଇଁ ଖେଳଣା ପାର୍କ, ଦୋଳି, ପର୍ଯ୍ୟଟକଙ୍କ ପାଇଁ ଭଲି, ବ୍ୟାଡମିଣ୍ଟନ, ସାଇକଲିଂ, ଜଙ୍ଗଲ ଟ୍ରାକିଂ, ରୋପ ୱେ, ଲାଇବ୍ରେରି, ବୋଟିଂ, କ୍ୟାମ୍ପ ଫାୟାର ଓ ମନୋରଞ୍ଜନ ପାଇଁ ଲୋକକଳା ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଥିବାରୁ ବର୍ଷସାରା ଦେଶ ବିଦେଶରୁ ବହୁ ପର୍ଯ୍ୟଟକଙ୍କ ଆଗମନ ହେଉଛି। ପର୍ଯ୍ୟଟନ ଋତୁରେ ବାଲୁକା ଶଯ୍ୟାରେ ଅସ୍ଥାୟୀ କଟେଜ୍ ବ୍ୟତୀତ ମଙ୍ଗାନାସୀ ପାହାଡରେ ୩ଟି ଶୀତତାପ ନିୟନ୍ତ୍ରିତ କଟେଜ ଓ ପାହାଡ ପାଦଦେଶରେ ୪ଟି ଶୀତତାପ ନିୟନ୍ତ୍ରିତ କଟେଜ୍ ବର୍ଷ ତମାମ ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ପ୍ରକୃତିରାଣୀ କୋଳରେ ଜୈବ ବିବିଧତାର ଗନ୍ତାଘର ପାଲଟିଥିବା ସାତକୋଶିଆ ଗଣ୍ଡରେ ନାନା ରଙ୍ଗବେରଙ୍ଗର ଦେଶୀୟ ଓ ବିଦେଶୀ ପକ୍ଷୀଙ୍କୁ ସମାଗମ ଦେଖି ପର୍ଯ୍ୟଟକ ଖୁସି ହେବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୁର ମଜା ଉଠାଇ ପାରିବେ। ଅନ୍ୟପରି ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ମଙ୍ଗାନାସୀ, ବଡମୂଳ ଆଦିସ୍ଥାନରେ ବଣ ଭୋଜି ପାଇଁ ଧୀରେ ଧୀରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଲାଣି। ବଣଭୋଜି ପାଇଁ ବଡମୂଳଠାରେ ପିଣ୍ଡି ନିର୍ମାଣ କରାଯିବା ସହ ବଡମୂଳ ଓ ମାଳିସାହି ୨ଟି ସ୍ଥାନରେ ବୋଟିଂ ବ୍ୟବସ୍ଥା କରାଯାଇଛି।

## ବେଣାପଞ୍ଜରୀରେ ବୋମାମାଡ଼ ଘଟଣା: ମହମ୍ମଦ ସମ୍ସେର୍ ଗିରଫ

ଜଟଣୀ, ୫।୧୧(ସମିସ): ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ବଡ଼ିମସ୍ଜିଦ୍ ଛକରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ ଘଟଣାରେ ଅନ୍ୟତମ ଅଭିଯୁକ୍ତ ଗିରଫ। ଗିରଫ ଅଭିଯୁକ୍ତ ହେଲେ ବେଣାପଞ୍ଜରୀର ମହମ୍ମଦ ସମ୍ସେର ଓରଫ୍ ହମ୍ପ (୩୦)। ତା' ନିକଟରୁ ବୋମା ତିଆରି ଅବଶିଷ୍ଟାଂଶ ସମେତ ବିଭିନ୍ନ ଅପରାଧିକ ସାମଗ୍ରୀ ଜବତ ହୋଇଛି।

ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୭ ତାରିଖ ରାତିରେ ଅଭିଯୁକ୍ତ ହାମ୍ପା, ପୂର୍ବରୁ ଗିରଫ ଅଭିଯୁକ୍ତ ସାବିତ୍ ଖାନ୍ ଓରଫ ବଣ୍ଟି ଓ ଅଭିଯୁକ୍ତ ଏସ୍ କୁର୍ବାନ୍ ବଡ଼ିମସ୍ଜିଦ୍‌ରେ ଏକତ୍ରିତ ହୋଇଥିଲେ। ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା ତଥା ଭାଗରି ପାଇଁ ହତ୍ୟା ଉଦ୍ଦେଶ୍ୟରେ ଆତଙ୍କ ଖେଳାଇବା ସହ ବୋମାମାଡ଼ କରିଥିଲେ। ଏଥିରେ ଗାଁର ମହମ୍ମଦ ଫରହାନ୍ ଓ ସନ୍ତୋଷ ଗୁରୁ ଆହତ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ବିସ୍ଫୋରକର ଅବଶିଷ୍ଟ ଓ ଅନ୍ୟ ଅପରାଧିକ ସାମଗ୍ରୀ ଜବତ କରିଥିଲା। ତେବେ ଘଟଣାର ତଦନ୍ତ ଚାଲିଥିବାବେଳେ ପେସାଦାର ଅପରାଧୀ ବଣ୍ଟିକୁ ମଙ୍ଗଳବାର ପୁଲିସ ଗିରଫ କରିଥିବାବେଳେ ବୁଧବାର ଅଭିଯୁକ୍ତ ହମ୍ପକୁ ବେଣାପଞ୍ଜରୀରୁ ଗିରଫ କରିଛି ପୁଲିସ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ତେବେ ଅଭିଯୁକ୍ତ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ତା' ନାଁରେ ପୂର୍ବରୁ ଜଟଣୀ, ଭରତପୁର ଥାନାରେ ୫ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି



ଭୂଷଣ୍ଡପୁର, ୫।୧୧(ସମିସ): ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର, ବାଲିପାଟପୁର ଏବଂ କନ୍ତଲବାଇ ଗ୍ରାମ ପଂଚାୟତର ବିଭିନ୍ନ ଗ୍ରାମରେ ଆବାଳ ବୃଦ୍ଧବନିତା ଡଙ୍ଗା ଭସାଇ ଦେବଦେବୀ ଦର୍ଶନ କରିଥିଲେ। ଗ୍ରାମରେ ଥିବା ଗ୍ରାମେଶ୍ୱର, ମହାବୀର, ରଘୁନାଥ ଦେବ, ମା ମଙ୍ଗଳା, ନାରାୟଣ, ଐଶ୍ୱାନେଶ୍ୱର, ବାଲୁଙ୍କେଶ୍ୱର ମଠ ପାଟଣା ମଠ ଏବଂ ଉଦ୍ଧବ ଦାସ ପାହାଡ଼ରେ ପ୍ରବଳ ଜନ ସମାଗମ ହୋଇଥିଲା।

## ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ



ବେଗୁନିଆ, ୫।୧୧(ସମିସ): ବେଗୁନିଆ ବ୍ଲକ ପୋଡ଼ାଡ଼ିହ ପଞ୍ଚାୟତ ପୂର୍ବତନ ସରପଞ୍ଚ ଓଷା ମାଣିକ (୮୦)ଙ୍କର ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ମୃତ୍ୟୁ ଘଟିଛି। ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ସରପଞ୍ଚ ଭାବେ ନିର୍ବାଚିତ ହୋଇ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଓ କଂଗ୍ରେସ ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଶୋକବ୍ୟକ୍ତ କରିଛନ୍ତି। ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ଶ୍ମଶାନରେ ପୁତ୍ର ସୁଦର୍ଶନ ମାଣିକ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା।

## ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ



ନିରାକାରପୁର, ୫।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଛକସ୍ଥିତ ମନ୍ଦାକିନୀ ନଦୀରେ ବୋଇତ ବନ୍ଦାଣ ଉତ୍ସବ ଖୋର୍ଦ୍ଧା ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସହିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସମାଜସେବୀ ଡ ସଞ୍ଜୟ କୁମାର ପଟ୍ଟନାୟକ, ସମାଜସେବୀ ଇ ବିଶ୍ୱମୋହନ ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଯୁବନେତା ରଞ୍ଜିତ ଜଗଦେବ, ବୋଇତ ବନ୍ଦାଣ କମିଟି ସମ୍ପାଦକ ତଥା ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ଓ ଅଭିନେତ୍ରୀ ଦେବସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚକୁ କମଳେଶ ମହାରଣା ପରିଚାଳନା କରିଥିଲେ। ବିଶ୍ୱଭୂଷଣ ଛୋଟରାୟ, ରମାକାନ୍ତ ମହାପାତ୍ର, ସୁନିଲ ନରେନ୍ଦ୍ର, ରଣଜିତ୍ ଜଗଦ୍ଦେବ, ବିଜୟ ରାଉତରାୟ, ଦୀପକ ବାରିକ, କେଦାରେଶ୍ୱର ବଳବନ୍ତରାୟ ଓ କମିଟିର ଅନ୍ୟମାନେ ସହଯୋଗ କରିଥିଲେ।

## ପୂର୍ଣ୍ଣିମାରେ ଡଙ୍ଗା ଭସାଇ ଶ୍ରଦ୍ଧାଳୁଙ୍କ ଶୈବ ଦର୍ଶନ

ବାଲୁଗାଁ, ୫।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ପୁଷ୍କରିଣୀ, ନଦୀ, ଜଳାଶୟ ଓ ଗ୍ରାମ ପୋଖରୀରେ ବ୍ରତଧାରୀ ମହିଳାମାନେ ଡ଼ଙ୍ଗା ଭସାଇବା ସହ ଶୈବ ପୀଠକୁ ଯାଇ ଦର୍ଶନ କରିଛନ୍ତି। ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଉମାମହେଶ୍ୱର ପୀଠରେ ଭୋରରୁ ମହିଳାଙ୍କ ଭିଡ଼ ଜମିଥିଲା। ସେହିପରି ରାମେଶ୍ୱର ଦେବ, ଚିଲିକା ତଟରେ ଥିବା ଦୀପ ମୁଣ୍ଡିଆ କଳିଯୁଗେଶ୍ୱର ଦେବଙ୍କ ପୀଠ, ଧୂଆଁଳ ସ୍ଥିତ ଧବଳେଶ୍ୱରଙ୍କ ପୀଠ, ବାଣପୁରସ୍ଥ ଗୁପ୍ତେଶ୍ୱର ଦେବଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଓସ୍ତପୁର-କୋଟପଲ୍ଲା ବଜାରରେ ପୁଣି ଗୋଷ୍ଠୀସଂଘର୍ଷ

# ଜାଳିଦେଲେ ଦୋକାନ, ଟେକାପଥର ମାଡ଼

ବେଗୁନିଆ, ୫।୧୧(ସମିସ)





ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ବାଘମାରୀ ଥାନା ଅନ୍ତର୍ଗତ ଓସ୍ତପୁର-କୋଟପଲ୍ଲା ବଜାରରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ନାମଫଳକକୁ କେହି ଦୁର୍ବୃତ୍ତ ନେଇଯାଇ ଥିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଯାହାର ପରିଣାମସ୍ୱରୂପ ଦୋକାନଗୁଡ଼ିକ ଭଙ୍ଗାରୁଜା ଓ ପୋଡ଼ାଜଳା ହୋଇଥିବାବେଳେ ଟେକା ପଥର ମାଡ଼ ଓ କାଚ ବୋତଲ ଫୋପାଡ଼ିବା ଦୃଶ୍ୟ ବୁଧବାର ଦେଖିବାକୁ ମିଳିଥିଲା। ଏଥିରେ କେହି ଆହତ ହୋଇ ନ ଥିବାବେଳେ ବାଙ୍କୀ-ସିମୋର ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀବାହୀ ବସ୍, ଭାରୀ ଓ ଲଘୁଯାନ ଏବଂ ପଥଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବେଗୁନିଆ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଯାହାକୁ ନେଇ ମହିଳାମାନେ ଏକତ୍ରିତ ହୋଇ ଘଟଣା ସମାଧାନ ହୋଇପାରି ନ ଥିବାରୁ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଗତ ଅଗଷ୍ଟ ୭ ତାରିଖରେ ବଜାର ନାମକରଣକୁ ନେଇ ଉଭୟ ଗ୍ରାମ ମଧ୍ୟରେ ବିବାଦ ଉପୁଜିବା ସହ ଦୋକାନ ବଜାର ଭଙ୍ଗାରୁଜା ହୋଇଥିଲା। ପ୍ରଶାସନ ପକ୍ଷରୁ ସମାଧାନ କରିବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ବିଫଳ ହୋଇ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଅନିର୍ଦ୍ଦିଷ୍ଟ କାଳ ଜାରି ହୋଇଥିଲା। ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦର ସମାଧାନ ଶାନ୍ତି କମିଟି ମାଧ୍ୟମରେ କରାଯାଇ ଉଭୟ ଗ୍ରାମ ମଧ୍ୟରେ ଭାଇଚାରା ବାର୍ତ୍ତା ରକ୍ଷା କରିବାକୁ ଚେଷ୍ଟା କରାଯାଇଥିଲା। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଗତ ଅକ୍ଟୋବର ୭ ତାରିଖରେ ସାମୟିକ ସମୟ ଧରି ଦୋକାନ ବଜାର ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏହିଭଳି କିଛିଦିନ ଚାଲିବା ପରେ ଶାନ୍ତ ପରିସ୍ଥିତିକୁ ଆସିବାରୁ ଅକ୍ଟୋବର ୩୦ରେ ସମ୍ପୂର୍ଣ୍ଣ କଟକଣାକୁ ଉଚ୍ଛେଦ କରିଥିବାରୁ ବ୍ୟବସାୟୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। ତେବେ ବୁଧବାର ପୂର୍ବାହ୍ଣରେ ଘଟଣାର ପୁନରାବୃତ୍ତି ହୋଇଥିବାରୁ ତୁମୁଳକାଣ୍ଡ ଘଟିଥିଲା ବୋଲି ଉଭୟ ଗ୍ରାମର ଜନସାଧାରଣ କହିଛନ୍ତି। ଏ ନେଇ ଘଟଣାସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ସଦର ରେଞ୍ଜି ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ବେଗୁନିଆ ଅତିରିକ୍ତ ତହସିଲ୍‌ଦାର ମୃତ୍ୟୁଞ୍ଜୟ ବରାଳ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ବୋଲଗଡ଼ ଥାନା ଅଧିକାରୀ ସ୍ନିଗ୍ଧାମୟୀ ବରାଳ, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ, ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଓ ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ ବେହେରାଙ୍କ ସମେତ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ପହଞ୍ଚି ବିବାଦକୁ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଖବର ଲେଖା ହେଲା ବେଳକୁ ପରିସ୍ଥିତି ଶାନ୍ତ ରହିଥିବାବେଳେ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଲାଗୁ କରିବା କରିବା ପାଇଁ ବିଚାରବିମର୍ଶ ଚାଲିବା ସହ ଘଟଣାରେ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି।

## ବ୍ୟାଙ୍କରୁ ୭୭ ଲକ୍ଷ ଟଙ୍କାର ବନ୍ଧକ ଅଳଙ୍କାର ଆତ୍ମସାତ୍

ବାଲୁଗାଁ, ୫।୧୧(ସମିସ): ବ୍ୟାଙ୍କରେ ନିଜର ଟଙ୍କା ଓ ମୂଲ୍ୟବାନ ଅଳଙ୍କାର ରଖିବାକୁ ଲୋକେ ସୁରକ୍ଷିତ ମଣୁଥିବାବେଳେ ବର୍ତ୍ତମାନ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖାରେ। ବ୍ୟାଙ୍କରେ କ୍ୟାସିୟର ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ବନ୍ଧକ ରଖାଯାଇଥିବା ୭୦ ଲକ୍ଷ ଟଙ୍କା ମୂଲ୍ୟର ଅଳଙ୍କାର ଏବଂ ନଗଦ ୭ ଲକ୍ଷ ଟଙ୍କା ବ୍ୟାଙ୍କରୁ ଆତ୍ମସାତ୍ କରି ନେଇ ଫେରାର୍ ହୋଇଯାଇଥିବା ଘଟଣା ଏବେ ପ୍ରଘଟ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ଯଦି ଚୋରି କରେ ତେବେ ଗ୍ରାହକଙ୍କୁ କିଏ ସୁରକ୍ଷା ଦେବ ଓ କେତେ ସୁରକ୍ଷିତ ଗ୍ରାହକଙ୍କ ଟଙ୍କା ଆଉ ଅଳଙ୍କାର ସେ ନେଇ ଗ୍ରାହକ ଏବେ ଚିନ୍ତାରେ ପଡ଼ିଛନ୍ତି। ବ୍ୟାଙ୍କରେ ଗ୍ରାହକମାନେ ବନ୍ଧକ ରଖିଥିବା ପ୍ରାୟ ୬୦୦ ଗ୍ରାମ୍‌ର ୧୨ଟି ସୁନା ଅଳଙ୍କାର ଥିବା ପ୍ୟାକେଟ୍ ଯାହାର ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ଓ ବ୍ୟାଙ୍କର ନଗଦ ୭ ଲକ୍ଷ ୨ ହଜାର ଟଙ୍କା ଆତ୍ମସାତ୍ କରି ନେଇଛନ୍ତି ବାଲୁଗାଁ ଷ୍ଟେଟ୍ ବ୍ୟାଙ୍କରେ କ୍ୟାସ୍ ଦାୟିତ୍ୱରେ ଥିବା କାର୍ଯ୍ୟରତ କର୍ମଚାରୀ। ଏନେଇ ବ୍ୟାଙ୍କର ବାଲୁଗାଁ ଶାଖା ପରିଚାଳକ ସୁଶାନ୍ତ ସେଠୀ ଗତ ଅଗଷ୍ଟ ୫ ତାରିଖରେ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**କର୍ମଚାରୀ ଫେରାର୍; ଗ୍ରାହକ ନିରାଶ**

ଅଭିଯୋଗରୁ ଜଣାଯାଏ ଯେ, ବାଲୁଗାଁ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ୨୦୨୩ ସେପ୍ଟେମ୍ବର ୨୫ ତାରିଖରୁ ବରିଷ୍ଠ ସହାୟକ (ସିନିୟର ଆସୋସିଏଟ କ୍ୟାସ୍ ଇନ୍‌ଚାର୍ଜ) ଭାବେ ଜିତେନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟରତ ଥିଲେ। ତେବେ ଅନ୍‌ଲାଇନ୍‌ରେ ସେୟାର କାରବାର କରି ବ୍ୟାପକ କ୍ଷତି ସହିବା ପରେ କ୍ଷତିଭରଣା ପାଇଁ କିଛି ଦିନ ହେବ ବ୍ୟାଙ୍କକୁ ଲୁଟୁଥିଲେ ଜିତେନ୍ଦ୍ର। ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକୁ ସ୍ଥାନୀୟ ଅଞ୍ଚଳରେ ଥିବା ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କରେ ବନ୍ଧକ ରଖି ଟଙ୍କା ଆତ୍ମସାତ୍ କରିଛନ୍ତି ଜିତେନ୍ଦ୍ର। ପୁଲିସ ତଦନ୍ତ ଚଳାଇଥିବାବେଳେ ୩ ମାସ ବିତିଯାଇଥିଲେ ମଧ୍ୟ ଫେରାର୍ ଅଭିଯୁକ୍ତର ଏ ପର୍ଯ୍ୟନ୍ତ କୌଣସି ଟେର୍ ପାଇପାରିନି ପୁଲିସ। ତେବେ ଆଶ୍ଚର୍ଯ୍ୟର କଥା ଏ ବିଷୟରେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖିଥିବା କୌଣସି ଗ୍ରାହକଙ୍କୁ ବ୍ୟାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏପରିସ୍ଥଳେ ବାଲୁଗାଁ ବଜାରର ଗୋପିନାଥ ପରିଡ଼ାଙ୍କ ପତ୍ନୀ ହରପ୍ରିୟା ପରିଡ଼ା ବାଲୁଗାଁ ଏସ୍‌ବିଆଇ ଶାଖାରେ ୯୧.୬୦ ଓ ୭୨.୧୦ ଗ୍ରାମ୍‌ର ସୁନା ଅଳଙ୍କାର ବନ୍ଧକ ରଖି ଋଣ ଆଣିଥିଲେ। ଝିଅର ବାହାଘର ଠିକ୍ ହୋଇଯିବାରୁ ପୈତୃକ ସମ୍ପତ୍ତି ବିକ୍ରୟ କରି ହରପ୍ରିୟା ଗତ ୨୫ ତାରିଖରେ ନିଜ ସ୍ୱାମୀଙ୍କ ସହ ଋଣ ପରିଶୋଧ କରି ବନ୍ଧକ ଅଳଙ୍କାର ଫେରାଇ ଆଣିବା ପଇଁ ବ୍ୟାଙ୍କକୁ ଯାଇଥିଲେ। ହେଲେ ବ୍ୟାଙ୍କରେ ତାଙ୍କର ଅଳଙ୍କାର ନ ଥିବା ପରିଚାଳକ କହିବାରୁ ଏହାଶୁଣି ଆଶ୍ଚର୍ଯ୍ୟ ଓ ମର୍ମାହତ୍ ହୋଇପଡ଼ିଥିଲେ ଉଭୟ ସ୍ୱାମୀ ଓ ସ୍ତ୍ରୀ। ଅଳଙ୍କାର ଯିଏ ନେଉଛି ନେଉ, ମାତ୍ର ବ୍ୟାଙ୍କରେ ବନ୍ଧା ରଖିଥିବାରୁ ବ୍ୟାଙ୍କ ଏବଂ ପରିଚାଳକ ହିଁ ଦାୟୀ ବୋଲି କହିଛନ୍ତି ହରପ୍ରିୟା। ହତୋତ୍ସାହ ହୋଇ ବ୍ୟାଙ୍କରୁ ଫେରି ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ୍ ଅଭିଯୋଗ ପଞ୍ଜୀକରଣ ହୋଇ ନ ଥିବା କହିଛନ୍ତି ହରପ୍ରିୟା। ସାଧାରଣ ଲୋକଙ୍କର ବ୍ୟାଙ୍କ ଉପରେ ଭରସୀ ରହିଛି ବୋଲି ବ୍ୟାଙ୍କରେ ସୁନା ଅଳଙ୍କାର ରଖୁଛନ୍ତି। ଯଦି ବ୍ୟାଙ୍କ କର୍ମଚାରୀ ଚୋରି କରିବେ ତେବେ କାହା ଉପରେ ଭରସା ରହିବ ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ୩ ମାସ ବିତିଯାଇଥିଲେ ମଧ୍ୟ ଘଟଣାର ତଦନ୍ତ ଚାଲୁଥିବାରୁ ଗୋପନିୟତା ଦୃଷ୍ଟିରୁ କୌଣସି ସୂଚନା ଦେବାକୁ ମନା କରୁଛନ୍ତି ବ୍ୟାଙ୍କର ଉପରିସ୍ଥ ଅଧିକାରୀ କିମ୍ବା ପୁଲିସ ଅଧିକାରୀ। ତେବେ କ୍ଷତିଗ୍ରସ୍ତ ଗ୍ରାହକମାନେ କେବେ ସେମାନଙ୍କ ଅଳଙ୍କାର ଫେରିପାଇବେ ଅଥବା ଅଳଙ୍କାର ବଦଳରେ ଟଙ୍କା ଫେରିପାଇବେ ସେନେଇ କୌଣସି ସଠିକ୍ ସୂଚନା ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି ବନ୍ଧକ ରଖିଥିବା ଦମ୍ପତି। ଏଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ପୁଲିସ ପ୍ରଶାସନ ଦାୟୀ ରହିବା ସହ ଯାହାର ଅଳଙ୍କାର ହଜିଛି ସେମାନେ କେମିତି ସେସବୁ ଫେରିପାଇବେ ସେଥିପ୍ରତି ଉପରିସ୍ଥ ଅଧିକାରୀ, ପ୍ରଶାସନ ଓ ସରକାର ଦୃଷ୍ଟିଦେବାକୁ ଗ୍ରାହକମାନେ ଦୃଢ଼ ଦାବି କରିଛନ୍ତି।

## ଶ୍ରୀମଦ୍ ଭାଗବତ ମହାପୁରାଣ ପଠନ ଉଦ୍‌ଯାପିତ

ନିରାକାରପୁର, ୫।୧୧(ସମିସ): ଧାର୍ମିକ ମନୋଭାବ ରଖୁଥିବା ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ବଡ଼ପାଟଣା ଗ୍ରାମରେ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚାଲିଥିବା ଶ୍ରୀମଦ୍ ଭାଗବତ ମହାପୁରାଣ ପଠନ ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ଟାଙ୍ଗୀ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା। ଅତିଥି ଭାବେ ୧୨ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବିଜୟ କୁମାର ପାଲଟାସିଂହ, ଯୁବ ନେତା ବିଧୁଭୂଷଣ ମହାରଣା, ଅବସରପ୍ରାପ୍ତ ସେନା ଅଧିକାରୀ ଅରକ୍ଷିତ ଦଳେଇ, ସହଯୋଗ ପରିବାର ଆବାହକ ତଥା ସାମ୍ବାଦିକ ହିମାଂଶୁ ଭୂଷଣ ଚମ୍ପତିରାୟ, ଲଛମନ ନାୟକ ଓ ବିକ୍ରମ କେଶରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଏପରି ଆଧ୍ୟାତ୍ମିକ ଚିନ୍ତାଧାରା ରହିଲେ ସମାଜର ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଧାର୍ମିକ ମନୋଭାବାପନ୍ନ ଗ୍ରାମବାସୀଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ନୃସିଂହ ଚରଣ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ନକୁଳ ସାହୁ, ରାକେଶ ପରିଡ଼ା, ନବକିଶୋର ବରାଳ ଓ ଶ୍ରୀକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।



## କଳିଯୁଗେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବାଲୁଗାଁ, ୫।୧୧(ସମିସ): ଶ୍ରୀ କଳିଯୁଗେଶ୍ୱର ଦେବଙ୍କ ପୀଠରେ ପଞ୍ଚ ଦିନାତ୍ମକ ବିଶ୍ୱଶାନ୍ତି ଶୈବ ମହାଯଜ୍ଞ ଏବଂ ଅଷ୍ଟଶମ୍ଭୁ ମିଳନ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ମଙ୍ଗଳ ନିମିତ୍ତ ଅଭିପ୍ରେତ ଏହି ଯଜ୍ଞ ୪୩ ବର୍ଷରେ ପଦାର୍ପଣ କରିଛି। ଦୀର୍ଘ ୫ଦିନ ଧରି ଯଜ୍ଞ କାର୍ଯ୍ୟ ଚାଲିଥିବା ବେଳେ କାର୍ତ୍ତିକ ପୂର୍ଣ୍ଣିମା ଅପରାହ୍ନରେ ପୂର୍ଣ୍ଣାହୂତି ସହ ଅଷ୍ଟଶମ୍ଭୁଙ୍କ ମେଳଣ ଅନୁଷ୍ଠିତ ହୋଇଥିଲା। ସ୍ଥାନାଧିପତି କଳିଯୁଗେଶ୍ୱର ଦେବଙ୍କ ଆମନ୍ତ୍ରଣକ୍ରମେ ଜଳେଶ୍ୱର ଦେବ (ଖଣ୍ଡୁଆଳ କୋଟ), ସୋମନାଥ ଦେବ(ରାହାଣ ବେଲି), ବାଲୁଙ୍କେଶ୍ୱର ଦେବ (ବ୍ରାହ୍ମଣ କୁଶଡ଼ିହ), ବାଙ୍କନିଧି ଦେବ (ଗବପଦର), ଗତିଶ୍ୱର ଦେବ (ମଙ୍ଗରାଜପୁର), ଗଛବାଲୁଙ୍କେଶ୍ୱର ଦେବ (ହାତିମୁଣ୍ଡା), ସୋମନାଥଦେବ(ଏକଡ଼ାଳିଆ) ଏବଂ ମା'କାଳିଯାଇ ଠାକୁରାଣୀ ଏହି ମେଳଣ ଉତ୍ସବରେ ସାମିଲ ହୋଇଥିଲେ। ଦେବାଦେବୀଙ୍କ ମିଳନରେ ହରିବୋଲ ହୁଳହୁଳି ଓ ଘଣ୍ଟକାହାଳୀ ଧ୍ୱନୀରେ ଉତ୍ସବ ସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ମେଳଣ ଶେଷ ପରେ ସମସ୍ତ ଠାକୁର ନିଜନିଜ ଆସ୍ଥାନ ଗ୍ରାମକୁ ବିଜେ କରିଥିଲେ। ଯଜ୍ଞ ପରିଚାଳନା କମିଟି ଏହି ଉତ୍ସବକୁ ସୂଚାରୁ ରୂପେ ସଂପାଦନ କରିଥିବାବେଳେ ଯଜ୍ଞ ପୂର୍ଣ୍ଣାହୂତି ଏବଂ ମେଳନ ଦର୍ଶନ ନିମନ୍ତେ ଆଖପାଖ ଗ୍ରାମାଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ରଙ୍ଗନାଥଦେବଙ୍କ ରାଜରାଜେଶ୍ୱର ବେଶ



ବାଣପୁର, ୫।୧୧(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀ ରଙ୍ଗନାଥ ଦେବଙ୍କ ପବିତ୍ର କାର୍ତ୍ତିକ ତଥା ରାହାସ ପୂର୍ଣ୍ଣିମା ଅବସରରେ ରାଜରାଜେଶ୍ୱର ତଥା ସୁବର୍ଣ୍ଣ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ପଞ୍ଚୁକ ଅବସରରେ ଶ୍ରୀଜିଉମାନେ ବିଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଏହି କ୍ରମରେ ପୂର୍ଣ୍ଣିମୀ ତିଥିରେ ତିନି ଠାକୁର ରାଜରାଜେଶ୍ୱର ତଥା ସୁବର୍ଣ୍ଣ ବେଶରେ ପ୍ରଭୁ ରାଜ ସିଂହାସନରେ ବିରାଜମାନ ହୋଇ ଶୋଭା ପାଇଛନ୍ତି। ଶ୍ରୀଜିଉ ମାନେ ଶ୍ରୀମସ୍ତକରେ ସ୍ୱର୍ଣ୍ଣ କିରୀଟ, କୁଣ୍ଡଳ, ଶ୍ରୀଭୁ. ଶ୍ରୀପୟର, ଆଡ଼କାନି, ଓଡ଼ିଆଣି, ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୁଷଳ ଧାରଣ କରି ବିଭିନ୍ନ ପୁଷ୍ପରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଭୋରୁ ଜଳାଶୟ ମାନଙ୍କରେ ଡ଼ଙ୍ଗା ଭସାଇ ଏହି ମନଲୋଭା ଅପୂର୍ବ ବେଶ ଦର୍ଶନ କରି ପ୍ରଭୁ କୃପା ଲାଭ କରିଛନ୍ତି। ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଚନ୍ଦ୍ରଶେଖର ହୋତା, ଦେବଦତ୍ତ ପାଣି, ଦାସରଥି ସାହୁ, ବାଳମୁକୁନ୍ଦ ଦାସ, ପଦ୍ମଚରଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲକ୍ଷ୍ମୀନାରାୟଣଙ୍କ ପୂଜା ଓ ନାମଯଜ୍ଞ

ବାଲୁଗାଁ, ୫।୧୧(ସମିସ): ପଞ୍ଚୁକ ଉପଲକ୍ଷେ ବାଲୁଗାଁ ଏନ୍‌ଏସି ୯ ନମ୍ବର ୱାର୍ଡ଼ର କୁଲାକୁଣ୍ଡେଇ ନୂଆଗାଁ ଗ୍ରାମରେ ଲକ୍ଷ୍ମୀନାରାୟଣଙ୍କ ପୂଜା ସହ ୨୪ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ଏହି ଉତ୍ସବ ଶୁକ୍ରବାର ଅଧିବାସ ହୋଇ ଶନିବାରଠାରୁ ଦୈନିକ ନାମଯଜ୍ଞ ସହ ୩ଦିନ ଧରି ଅନୁଷ୍ଠିତ ମହୋତ୍ସବ ପରେ ୪ତାରିଖ ମଙ୍ଗଳବାର ପୂର୍ଣ୍ଣାହୂତି ତଥା ଯମୁନାସ୍ନାନ ହୋଇ ସମାପନ ହୋଇଛି। ଆଖପାଖ ଅଞ୍ଚଳରୁ ଦୈନିକ ବହୁ ଶ୍ରଦ୍ଧାଳୁ ଦର୍ଶନ ନିମନ୍ତେ ଆସୁଥିବାବେଳେ ଗ୍ରାମବାସୀଙ୍କ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଆଲୋକ ମାଳାରେ ଗାଁଦାଣ୍ଡ ଝଲସୁଥିôବାରୁ ଗ୍ରାମ ଉତ୍ସବ ମୁଖର ହୋଇ ନାମଯଜ୍ଞରେ ଆଧ୍ୟାମିôକ ପରିବେଶ ସୃଷ୍ଟି ହୋଇଥିଲା।

## 'ଆ-କା-ମା-ବୈ'ରେ କମ୍ପିଲା ପୋଖରୀ ତୁଠ

ଖୋର୍ଦ୍ଧା, ୫।୧୧(ସମିସ): ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ମନେପକାଇ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଭୋରରୁ ଡଙ୍ଗା ଭସା ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ବଡ଼ି ଭୋରରୁ ନିକଟସ୍ଥ ପୁଷ୍କରିଣୀ ବା ଜଳାଶୟ ତୁଠ ଆ-କା-ମା-ବୈ- ପାନଗୁଆ ଖାଇ.... ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା।



**ସବୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼**

ଅତୀତର ଉତ୍କଳର ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରି ସ୍ଥାନୀୟ ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ପୋଖରୀ, ମୁକୁନ୍ଦପ୍ରସାଦସ୍ଥିତ ଅସୁରେଶ୍ୱର ଢିପ ପୋଖରୀ, ଉପରସାହିର ହରିଚନ୍ଦନ ପୋଖରୀ, ଗଡଖୋର୍ଦ୍ଧା ପୋଖରୀ, ପଲ୍ଲା ଲୋକେଶ୍ୱର ପୋଖରୀରେ ସହରବାସୀ ଡଙ୍ଗା ଭସାଇଛନ୍ତି। ଏଥିସହ ଏକ ମାସ ଧରି ପାଳନ କରିଆସୁଥିବା କାର୍ତ୍ତିକ ବ୍ରତ ଉଦଯାପିତ ହୋଇଛି। ଡଙ୍ଗା ଭସାଇବା ପରେ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ରହି ଦେବଦେବୀ ଦର୍ଶନ କରିଥିଲେ। ଏଥିସହିତ ଆଜି ପୁଣି ରାହାସପୂର୍ଣ୍ଣିମା ହେତୁ ସଂକୀର୍ତ୍ତନ ମଣ୍ଡଳୀମାନ ମନ୍ଦିର ପରିସରରେ ନାମ ସଂକୀର୍ତନ କରିଥିଲେ। ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଆଜି ପ୍ରବଳ ଗହଳି ହୋଇଥିବାବେଳେ ଲୋକେଶ୍ୱରଦେବ, ସ୍ୱପ୍ନେଶ୍ୱର, ବରାଡ ବାଲୁଙ୍କେଶ୍ୱର, ଗଡ଼ଖୋର୍ଦ୍ଧାର ସମସ୍ତ ମନ୍ଦିର, ମା ବାସେଳି, ରାଧାବଲ୍ଲଭ, ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରମୁଖ ସମେତ ଖୋର୍ଦ୍ଧା ଉପକଣ୍ଠ ବିଭିନ୍ନ ଶୈବମନ୍ଦିର ସହିତ ଅନ୍ୟ ଦେବାଦେବୀ ମନ୍ଦିରରେ ମଧ୍ୟ ଭୋରରୁ ଗହଳି ହୋଇଥିଲା। ସେହିପରି ବେଗୁନିଆ ବ୍ଲକ୍‌ର ବଡ଼ବେରଣାସ୍ଥିତ ବାବା ଜଳେଶ୍ୱର ଦେବ, ବାବା ହଟକଶ୍ୱେର, ଗୋଡା ଲୋକନାଥ, ଗଁପୁର ସୋମନାଥଦେବ ମନ୍ଦିରରେ ମଧ୍ୟ ପ୍ରବଳ ଭିଡ ହୋଇଥିଲା। ତେବେ ମନ୍ଦିର ପରିଚାଳନା କମିଟି ଗୁଡିକ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଧାଡ଼ି ଦର୍ଶନ ବ୍ୟବସ୍ଥା ହୋଇଥିଲା।

### ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଯାପିତ

# ଚିଲିକାର ଐତିହ୍ୟ, ପରମ୍ପରାର ସ୍ମୃତିଚାରଣ କଲେ ରାଜ୍ୟପାଳ

ବାଲୁଗାଁ, ୫।୧୧(ସମିସ)



ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଜିଲ୍ଲା ପ୍ରଶାସନ ଓ ବୋଇତ ବନ୍ଦାଣ ଉତ୍ସବ କମିଟି ମିଳିତ ଆନୁକୂଲ୍ୟରେ ଆୟୋଜିତ ବାଲୁଗାଁ ଚିଲିକା ତଟରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ମଙ୍ଗଳବାର ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହୋଇଥିବାବେଳେ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଭୋର୍ ୫ଟାରେ ଆତସବାଜି ପ୍ରଦର୍ଶନ କରାଯାଇ ପାରମ୍ପରିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରୁଷ ଓ ମହିଳା ତଥାକଥିତ ସାଧବ ପୁଅ-ବୋହୂ ବେଶ ହୋଇ ଉତ୍ସବସ୍ଥଳ ମଞ୍ଚରେ ଉପସ୍ଥିତ ହୋଇଥିଲେ। ପାରମ୍ପରିକ ରୀତିନୀତିରେ ସାଧବ ବୋହୂଙ୍କ ଦ୍ୱାରା ବନ୍ଦାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ବାଲୁଗାଁ ଚିଲିକା ତଟସ୍ଥ ନୀଳାମ୍ବୁ ଜଳରାଶିରେ ଅପେକ୍ଷାରତ ସୁସଜ୍ଜିତ ବୋଇତରେ ସାଧବ ପୁଅ ବିରାଜମାନ ହୋଇଥିଲେ। ସାଧବ ବୋହୂମାନଙ୍କ ବନ୍ଦାପନା ପରେ ସାଧବ ପୁଅମାନେ ମେଲାଣି ନେଇ ବୋଇତଟି କାଳିଜାଇ ଅଭିମୁଖେ ନୌଯାତ୍ରା ଆରମ୍ଭ କରିଥିଲେ। ହଜାର ହଜାର ସଂଖ୍ୟାରେ ପୁରୁଷ ଓ ମହିଳା ଉପସ୍ଥିତ ରହି ଏହି ପାରମ୍ପରିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମକୁ ଉପଭୋଗ କରିଥିବାବେଳେ ହରିବୋଲ ହୁଳହୁଳି ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବର ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପତି ଯୋଗଦେଇ ଚିଲିକାର ପରମ୍ପରା, ଐତିହ୍ୟ, ବୈଭବ ଓ ସମୃଦ୍ଧିର ସ୍ମୃତିଚାରଣ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବାଚସ୍ପତି ସୁରମା ପାଢ଼ୀ, ବିଶିଷ୍ଟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ବିଜୟାନନ୍ଦ ସିଂହ, ଅଭିନେତ୍ରୀ ପିଙ୍କି ପ୍ରଧାନ, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ ଓ କମିଟି କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ହରିଚନ୍ଦନ ପ୍ରମୁଖ ଯୋଗଦେଇ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ଓ ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ସମୃଦ୍ଧି, ବାଲୁଗାଁ-ବାଣପୁର ଅଞ୍ଚଳର ପୁରାତନ ଐତିହ୍ୟ, ସଂସ୍କୃତି ଏବଂ ସମୃଦ୍ଧଶାଳୀ କଙ୍ଗୋଦ, ଉତ୍କଳର ମହାନ ଗୌରବ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବାଣପୁର ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ପକ୍ସୋ ଆଇନର ଦୁରୁପଯୋଗ ହେଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫ ।୧୧(ଏଜେନ୍ସି): ପକ୍ସୋ ନିୟମର ଦୁରୁପଯୋଗ ହେବା ନେଇ ସୁପ୍ରିମକୋର୍ଟ ସୋମବାର ଚିନ୍ତା ପ୍ରକଟ କରିଛନ୍ତି । ବୈବାହିକ ବିବାଦ ଓ ଝିଅ ଘରୁ ପଳାଇବା ମାମଲାରେ ଏହି ନିୟମର ଦୁରୁପଯୋଗ ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଝିଅର ପରିବାର ଦ୍ୱାରା ଝିଅ ଯେଉଁ ପୁଅ ସହିତ ପଳାଇ ଯାଇଛି ତା ବିରୋଧରେ ଦାଏର ହୋଇଥିବା ମାମଲାରେ ଏହି ନିୟମକୁ ଅନୁଚିତ ଭାବେ ବ୍ୟବହାର କରାଯାଉଛି । ଯୌନ ଅପରାଧୀଙ୍କଠାରୁ ଛୋଟପିଲାଙ୍କୁ ସଂରକ୍ଷଣ ଦେବାର ଅଧିନିୟମକୁ ପକ୍ସୋ ଆକ୍ଟ ବୋଲି କୁହାଯାଇଥାଏ । ଜଷ୍ଟିସ ବିବି ନାଗରତ୍ନା ଓ ଜଷ୍ଟିସ୍ ଆର ମହାଦେବନଙ୍କ ଖଣ୍ଡପୀଠ ଏକ ଆବେଦନର ଶୁଣାଣି କରିବା ଅବସରରେ ଏହି କଥା କହିଛନ୍ତି । ଏଥିସହ ବଳାତ୍କାର ବିରୋଧୀ ଆଇନ୍ ବିଷୟରେ ସଚେତନତାର ଆବଶ୍ୟକତା ଥିବା ସଂକ୍ରାନ୍ତରେ କିଛି ନୂଆ ନିର୍ଦ୍ଦେଶ ଜାରି କରାଯିବ ବୋଲି ଏହି ଖଣ୍ଡପୀଠ ସଂକେତ ଦେଇଛନ୍ତି । ପକ୍ସୋ ନିୟମ ନେଇ ପୁରୁଷ ଓ ପୁଅମାନଙ୍କ ମଧ୍ୟରେ ସଚେତନତା ପ୍ରଚାର କରିବା ଉପରେ ବିଚାରପତି ଜୋର ଦେଇଛନ୍ତି ।

## ଆସାମରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

ଗୌହାଟୀ, ୫ ।୧୧(ଏଜେନ୍ସି): ଆସାମର ତିନସୁକିଆ ଜିଲ୍ଲାରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଗଣ ଦୁଷ୍କର୍ମର ଶିକାର ହୋଇଛନ୍ତି । ସୋମବାର ଅପରାହ୍ଣ ୩ଟାରେ ନାବାଳିକା ଛାତ୍ରୀ ସ୍କୁଲରୁ ଘରକୁ ଫେରୁଥିଲା । ଏହି ସମୟରେ ୩ଜଣ ବ୍ୟକ୍ତି ବାଇକ୍‌ରେ ଆସି ତାଙ୍କୁ ଅପହରଣ କରି ନେଇ ଚା ବଗିଚାରେ ତାଙ୍କୁ ଦୁଷ୍କର୍ମ କରିଥିଲେ । ଏହାପରେ ସେମାନେ ପୀଡିତାଙ୍କୁ ରାସ୍ତା କଡ଼ରେ ଫାପାଡି ଚାଲିଯାଇଥିଲେ । ଘରକୁ ନ ଫେରିବା କରାଣରୁ ଛାତ୍ରୀଙ୍କ ପରିବାର ଲୋକେ ବ୍ୟସ୍ତ ହୋଇପଡିଥିଲେ । ସନ୍ଧ୍ୟା ୫ଟାରେ ଜଣେ ଇ- ରିକ୍ସା ଡ୍ରାଇଭର ପୀଡିତାଙ୍କ ପରିବାରକୁ ସେ ଚା ବଗିଚା ପାଖ ରାସ୍ତାରେ ପଡିଥିବାର ସୂଚନା ଦେଇଥିଲେ । ଏହାପରେ ପରିବାର ଲୋକ ଛାତ୍ରୀଙ୍କୁ ବେହୋଶ ଅବସ୍ଥାରେ ଉଦ୍ଧାର କରିଥିଲେ । ତୁରନ୍ତ ପୁଲିସକୁ ଏ ନେଇ ସୂଚନା ଦିଆଯାଇଥିଲା । ଏହାପରେ ପୀଡିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗମ୍ଭୀର ବୋଲି ଡାକ୍ତର କରିଛନ୍ତି । ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ । ପୁଲିସ ସେମାନଙ୍କୁ ଖୋଜିବା ଜାରି ରଖିଛି । ଗତ ୩୮ ଦିନ ମଧ୍ୟରେ ଆସାମରେ ଏପରି ଦ୍ୱିତୀୟ ଘଟଣା ଘଟିଛି । ଏହାପୂର୍ବରୁ ଦିବ୍ରୁଗଡ଼ ଜିଲ୍ଲାରେ ସେପ୍ଟେମ୍ବର ୨୨ରେ ଦୁଇଜଣ ବ୍ୟକ୍ତି ଜୁଲିୟାଜାନସ୍ଥିତ ଦିରିୟଲ ଚା ବଗିଚାରେ ଜଣେ ୮ ବର୍ଷୀୟ ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିବା ଘଟଣା ସାମ୍ନାକୁ ଆସିଥିଲା ।

## ଅଭିନେତା ବିଜୟ ଟିଭିକେର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

ଚେନ୍ନଇ, ୫ ।୧୧(ଏଜେନ୍ସି): ତାମିଲ ଅଭିନେତା ବିଜୟ ଥଲପତିଙ୍କ ନୂଆ ରାଜନୈତିକ ଦଳର ତାମିଲିଗା ଭେଟ୍ରି କାଝଗମ (ଟିଭିକେ) ବୁଧବାର ତା'ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ତାମିଲନାଡୁରେ ୨୦୨୬ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ମହାବଳିପୁରମର ଏକ ହୋଟେଲରେ ଟିଭିକେର ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ବିଜୟଙ୍କୁ ପାର୍ଟି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇଥିଲା । ଏଥିସହ ତାଙ୍କୁ ନିର୍ବାଚନ ମେଣ୍ଟ ପାଇଁ ବିଜୟଙ୍କୁ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରାଯାଇଥିଲା । ନିର୍ବାଚନରେ ଶାସକ ଡିଏମ୍‌କେ ଓ ଟିଭିକେ ମଧ୍ୟରେ ମୁକାବିଲା ହେବ ଓ ଏଥିରେ ଟିଭିକେ ବାଜି ମାରିବ ବୋଲି ସେ କହିଥିଲେ ।

# ଟ୍ରମ୍ପଙ୍କୁ ଝଟ୍‌କା ଦେଲେ ୩ ଭାରତୀୟ ବଂଶୋଦ୍ଭବ



## ନ୍ୟୁୟର୍କରେ ମମ୍‌ଦାନୀ, ସିନ୍‌ସିନାଟିରେ ଆଫ୍‌ତାବ୍, ଭିର୍ଜିନିଆରେ ଗଜାଲା

ନ୍ୟୁୟର୍କ, ୫ ।୧୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟ୍ ପାର୍ଟି ପ୍ରାର୍ଥୀ ଜୋହରାନ ମମ୍‌ଦାନୀ ଆମେରିକାର ଅନ୍ୟତମ ବୃହତ୍ତମ ସହର ନ୍ୟୁୟର୍କର ମେୟର ନିର୍ବାଚିତ ହୋଇ ଚାଞ୍ଚଲ୍ୟ ଖେଳାଇ ଦେଇଛନ୍ତି । ତାଙ୍କୁ ହରାଇବା ଲାଗି ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସମସ୍ତ ରଣନୀତି ଫେଲ୍ ମାରିଛି । କେବଳ ଏତିକି ନୁହେଁ, ଟ୍ରମ୍ପଙ୍କ ପ୍ରାର୍ଥୀ ତୃତୀୟ ସ୍ଥାନକୁ ଖସିଯାଇଛନ୍ତି । ରାଷ୍ଟ୍ରପତି ନିର୍ବାଚନ ପରେ ଆମେରିକାରେ ପ୍ରଥମ ଥର ଲାଗି ହୋଇଥିବା ଏହି ନିର୍ବାଚନରେ ରିପବ୍ଲିକାନ ପ୍ରାର୍ଥୀଙ୍କ ଶୋଚନୀୟ ପରାଜୟ ଟ୍ରମ୍ପଙ୍କ ପାଇଁ ବଡ଼ ଧରଣର ଝଟକା ହୋଇଛି । କେବଳ ନ୍ୟୁୟର୍କ ନୁହେଁ, ସିନସିନାଟି ଓ ଭିର୍ଜିନିଆରେ ମଧ୍ୟ ଟ୍ରମ୍ପଙ୍କ ପ୍ରାର୍ଥୀଙ୍କୁ ଝଟକା ଦେଇଛନ୍ତି ଆଉ ଦୁଇ ଜଣ ଭାରତୀୟ ବଂଶୋଦ୍ଭବ । ସେମାନେ ହେଲେ ଆଫତାବ ପୁରେୱାଲ ଏବଂ ଗଜାଲା ହାସମୀ

ଗତକାଲି ଅନୁଷ୍ଠିତ ନ୍ୟୁୟର୍କ ମେୟର ନିର୍ବାଚନରେ ବିଜୟୀ ହୋଇ ଇତିହାସ ରଚିଛନ୍ତି ମମଦାନୀ । ୩୪ ବର୍ଷୀୟ ମମ୍‌ଦାନୀ ନ୍ୟୁୟର୍କର ସର୍ବକନିଷ୍ଠ, ପ୍ରଥମ ଭାରତୀୟ ବଂଶୋଦ୍ଭବ ଓ ପ୍ରଥମ ମୁସ୍‌ଲିମ ମେୟର ଭାବେ ନିର୍ବାଚିତ ହୋଇଛନ୍ତି । ଗତ ଗତ ୧୦୦ ବର୍ଷରେ ପ୍ରଥମ ଥର ଲାଗି ନ୍ୟୁୟର୍କରେ ଏଭଳି ବ୍ୟକ୍ତି ମେୟର ନିର୍ବାଚିତ ହୋଇଥିବା କୁହାଯାଉଛି । ଜାନୁଆରୀ ପହିଲାରେ ସେ ନ୍ୟୁୟର୍କର ମେୟର ଭାବେ ଦାୟିତ୍ୱ ଗ୍ରହଣ କରିବେ ।

ଏହା ଡେମୋକ୍ରାଟିକ ଦଳ ପାଇଁ ଏକ ବଡ଼ ବିଜୟ ବିବେଚିତ ହେଉଛି । ୧୯୬୯ ପରେ ନ୍ୟୁୟର୍କରେ ପ୍ରଥମଥର ପାଇଁ କୌଣସି ନେତାଙ୍କୁ ୧୦ ଲକ୍ଷ ଭୋଟ ମିଳିଛି । ମମ୍‌ଦାନୀଙ୍କୁ ୧୦ ଲକ୍ଷରୁ ଅଧିକ ଭୋଟ ମିଳିଛି । ମମ୍‌ଦାନୀ ନିର୍ବାଚନ ଜିତିବା ପରେ ନିଜ ଭାଷଣରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ

### ଆମେରିକାରେ ମେୟର ନିର୍ବାଚନ

ଜବାହରଲାଲ ନେହରୁଙ୍କ ବିଷୟରେ ଉଲ୍ଲେଖ କରିଥିଲେ । ମେୟର ଭାବେ ମମଦାନୀଙ୍କ ଅନେକ କ୍ଷମତା ଓ ଦାୟିତ୍ୱ ରହିଛି । ତାଙ୍କ ଅଧୀନରେ ତିନି ଲକ୍ଷ କର୍ମଚାରୀ କାମ କରିବେ । ସେ ବିଭିନ୍ନ ବିଭାଗ ପାଇଁ ମୁଖ୍ୟ ନିଯୁକ୍ତ କରିବା ସହିତ ଜଜ ନିଯୁକ୍ତ କରିବାର କ୍ଷମତା ମଧ୍ୟ ରହିଛି ।

ମମ୍‌ଦାନୀ ହେଉଛନ୍ତି ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ । ତାଙ୍କ ପିତା ହେଉଛନ୍ତି ବିଶିଷ୍ଟ ଲେଖକ ଉଗାଣ୍ଡାରେ ଜନ୍ମିତ ମହମୁଦ ମମଦାନୀ । ମମଦାନୀଙ୍କ ପୂର୍ବପୁରୁଷ ଗୁଜରାଟରେ ରହୁଥିଲେ । ସେ ୧୯୯୧ ଅକ୍ଟୋବର ୧୮ରେ ଉଗାଣ୍ଡାର କାମ୍ପାଲାରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମେ ସେ ନିଜ ପରିବାର ସହ ଉଗାଣ୍ଡାରୁ ଦକ୍ଷିଣ ଆଫ୍ରିକା ଓ ପରେ ନ୍ୟୁୟର୍କ ସିଟିରେ ଆସି ରହିଥିଲେ ।

ଆଉ ଜଣେ ଭାରତୀୟ ବଂଶୋଦ୍ଭବ ୪୩ ବର୍ଷୀୟ ଆଫତାବ ପୁରେୱାଲ ପୁଣିଥରେ ଇତିହାସ ସୃଷ୍ଟି କରିଛନ୍ତି । ସେ ଆମେରିକା ଓହିଓ ରାଜ୍ୟର ସିନ୍‌ସିନାଟି ସହରର ମେୟର ନିର୍ବାଚିତ ହୋଇଛନ୍ତି । ସେ ଦ୍ୱିତୀୟଥର ପାଇଁ ବିଜୟୀ ହୋଇ ଏହି ହାଇପ୍ରୋଫାଇଲ ପଦକୁ ନିର୍ବାଚିତ ହୋଇଛନ୍ତି । ଡେମୋକ୍ରାଟିକ ଦଳ ତରଫରୁ ନିର୍ବାଚନ ଲଢିଥିବା ଆଫତାବ୍ ରିପବ୍ଲିକାନ ପ୍ରତିଦ୍ୱନ୍ଦ୍ୱୀ ତଥା ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସାବତ୍ ଭାଇ କୋରି ବୋମ୍ୟାନଙ୍କୁ ପରାସ୍ତ କରିଛନ୍ତି । ସେ ଏହାପୂର୍ବରୁ ୨୦୨୧ରେ ପ୍ରଥମ ଏସୀୟ ଆମେରିକୀୟ ଭାବେ ସିନ୍‌ସିନାଟିର ମେୟର ଭାବେ ନିର୍ବାଚିତ ହୋଇଥିଲେ । ସେ ଓହିଓରେ ଜଣେ ପଞ୍ଜାବୀ ପିତା ଓ ତିବ୍ବତୀୟ ମାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ ।

ସେହିଭଳି ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟ ପ୍ରାର୍ଥୀ ଗଜାଲା ହାସ୍‌ମୀ ଆମେରିକାର ଦକ୍ଷିଣପୂର୍ବ ରାଜ୍ୟ ଭିର୍ଜିନିଆର ଉପରାଜ୍ୟପାଳ ଭାବେ ନିର୍ବାଚିତ ହୋଇଛନ୍ତି । ସେ ରିପବ୍ଲିକାନ ପ୍ରାର୍ଥୀ ଜନ୍ ରେଡଙ୍କୁ ପରାସ୍ତ କରି ବାଜି ମାରିଛନ୍ତି । ହାସ୍‌ମୀ ପ୍ରଥମ ମୁସ୍‌ଲିମ ଓ ଦକ୍ଷିଣ ଏସିଆ ଆମେରିକୀୟ ଭାବେ ଭିର୍ଜିନିଆ ସିନେଟ୍‌କୁ ନିର୍ବାଚିତ ହୋଇଛନ୍ତି । ୧୯୬୪ରେ ସେ ଭାରତର ହାଇଦରାବାଦ୍‌ରେ ଜିଆ ହାସମୀ ଓ ତନବୀର ହାସମୀଙ୍କଠାରୁ ଜନ୍ମଗ୍ରହଣ କରିଥିଲେ । ମହଲକପେଟ୍‌ରେ ସେ ନିଜର ଅଜା ଓ ଆଇ ଘରେ ବାଲ୍ୟକାଳ ବିତାଇଥିଲେ । ୪ ବର୍ଷ ବୟସରେ ସେ ନିଜର ମା ଓ ବଡ଼ ଭାଇଙ୍କ ସହ ଆମେରିକା ଚାଲିଆସିଥିଲେ ଓ ଜର୍ଜିଆରେ ନିଜ ପିତାଙ୍କ ସହ ରହିଥିଲେ । ଗଜାଲାଙ୍କ ପିତା ଜିଆ ହାସ୍‌ମୀ ଜଣେ ପ୍ରଫେସର ଥିଲେ ।

# ଭୋଟଚୋରିକୁ ନେଇ ରାହୁଲ-ବିଜେପି ମୁହାଁମୁହିଁ

ନୂଆଦିଲ୍ଲୀ, ୫ ।୧୧(ଏଜେନ୍ସି): ମହାରାଷ୍ଟ୍ର ଓ କର୍ଣ୍ଣାଟକ ପରେ ହରିୟାଣାରେ ମଧ୍ୟ ଭୋଟ ଚୋରି ହୋଇଛି । ୨୦୨୪ରେ ଅନୁଷ୍ଠିତ ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସକୁ ହରାଇବା ଲାଗି ସୁନିୟୋଜିତ ଭାବେ ଷଡଯନ୍ତ୍ର କରାଯାଇଥିଲା । ରାଜ୍ୟରେ ୨୫ ଲକ୍ଷ ଭୋଟ୍ ଜାଲିଆତି କରି କଂଗ୍ରେସକୁ ହରାଯାଇଛି । ନିର୍ବାଚନ କମିସନଙ୍କ ବିରୋଧରେ ଏଭଳି ଗୁରୁତର ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଏହାକୁ ହାଇ ।ଡ୍ରୋଜେନ ବୋମା ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଭୋଟ ଜାଲିଆତି ସଂପର୍କରେ ତାଙ୍କ ପାଖରେ ଶତ ପ୍ରତିଶତ ପ୍ରମାଣ ରହିଛି ।

■ ହରିୟାଣାରେ ୨୫ ଲକ୍ଷ ଭୋଟ ଚୋରି ହୋଇଛି: ରାହୁଲ
■ ରାହୁଲଙ୍କ ବୋମା କେବେ ବିସ୍ଫୋରଣ ହୁଏନି: ବିଜେପି
■ ଭୋଟବେଳେ କଂଗ୍ରେସ ଏଜେଣ୍ଟ କଣ କରୁଥିଲେ : କମିସନ

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟ ଜାଲିଆତି ଅଭିଯୋଗ ଆଣି ଅନେକ ଚାଞ୍ଚଲ୍ୟକର ତଥ୍ୟ ଉପସ୍ଥାପନ କରିଛନ୍ତି ରାହୁଲ ଗାନ୍ଧୀ । ସେ କହିଛନ୍ତି ଯେ ରାଜ୍ୟରେ ଦୁଇ କୋଟି ମତଦାତା ଥିବା ବେଳେ ୨୫ ଲକ୍ଷ ଭୋଟ ଜାଲିଆତି ହୋଇଛି । ଅର୍ଥାତ ୧୨ ପ୍ରତିଶତ ଭୋଟ ଚୋରି ହୋଇଛି । ବିଜେପିକୁ ଜିତାଇବା ପାଇଁ କମିସନ ପୂରା ପ୍ରସ୍ତୁତ ରହିଥିଲେ । ସେ କହିଲେ ଯେ ଲୋକସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଭଲ ଥିଲା । ବିଧାନସଭା ନିର୍ବାଚନରେ ମଧ୍ୟ କଂ ।ଗ୍ରେସ ଜିତିବ ବୋଲି ବିଭିନ୍ନ ଜନମତ ସର୍ଭେ ରିପୋର୍ଟ କହୁଥିଲା । କିନ୍ତୁ ଫଳାଫଳ ଓଲଟିଗଲା କେମିତି? ଏହାପଛରେ ନିର୍ବାଚନ କମିସନଙ୍କର ଜାଲିଆତି ରହିଛି ବୋଲି ସେ ଅଭିଯୋଗ କରିଛନ୍ତି । ଭୋଟ ଜାଲିଆତିର ଉଦାହରଣ ଦେବାକୁ ଯାଇ ରାହୁଲ କହିଛନ୍ତି ଯେ ହରିୟାଣାରେ ୨୨ଟି ଭୋଟର ପରିଚୟପତ୍ରରେ ଜଣେ ମହିଳାଙ୍କ ଫଟୋ ରହିଛି । ସେ ମହିଳା ହେଉଛନ୍ତି ବ୍ରାଜିଲର ଜଣେ ମଡେଲ । ଏହି ଭୋଟର କାର୍ଡ ଜରିଆରେ ୧୦ଟି ବିଭିନ୍ନ ବୁଥରେ ମତଦାନ କରାଯାଇଛି । ତେବେ ୨୨ଟି ପରିଚୟପତ୍ରରେ ସେହି ମଡେଲଙ୍କ ଫଟୋ ଥିଲେ ମଧ୍ୟ ନାମ ଅଲଗା ଅଲଗା ରହିଛି । ଯେମିତି ସ୍ୱିଟି, ସୀମା, ସରସ୍ୱତୀ, ରଶ୍ମି, ବିମଳା.... । ଏହା କେମିତି ସମ୍ଭବ ହେଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି । ସେହିଭଳି ରାଜ୍ୟରେ ଶହେଟି ଭୋଟର ପରିଚୟପତ୍ରରେ ଜଣେ ମହିଳାଙ୍କ ଫଟୋ ବିଭିନ୍ନ ନାମରେ ରହିଛି । ଆଉ ଜଣେ ମହିଳାଙ୍କ ଫଟୋ ଭୋଟର ତାଲିକାର ୨୨୩ଟି ସ୍ଥାନରେ ରହିଛି । ବିଭିନ୍ନ ନାମରେ ସେ ଦୁଇଟି ପୋଲିଂ ବୁଥରେ ମତଦାନ କରିଛନ୍ତି । କଂଗ୍ରେସକୁ ହରାଇ ବିଜେପିକୁ ଜିତାଇବା ଲାଗି ଏହା ଥିଲା କମିସନଙ୍କର ଷଡ଼ଯନ୍ତ୍ର । ଏହି କାରଣରୁ ନିର୍ବାଚନ କମିସନ ମତଦାନ କେନ୍ଦ୍ରର ସିସିଟିଭି ଫୁଟେଜକୁ ନଷ୍ଟ କରିଦେଇଛନ୍ତି ।

ରାହୁଲ ଆହୁରି ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ପ୍ରାର୍ଥୀମାନେ ବହୁତ କମ୍ ଭୋଟ୍ ବ୍ୟବଧାନରେ ହାରିଛନ୍ତି । ସବୁଠାରୁ କମ୍ ଭୋଟ୍ ବ୍ୟବଧାନ ଥିଲା ୩୨ । ଏଭଳି ଭୋଟ ବ୍ୟବଧାନକୁ ମିଶାଇଲେ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ୨୨ ହଜାର ୭୭୯ ଖଣ୍ଡ ଭୋଟରେ ହାରିଛି ।

ତେବେ ଭାରତୀୟ ନିର୍ବାଚନ କମିସନ ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । କମିସନ କହିଛନ୍ତି ଯେ ମତଦାନ କେନ୍ଦ୍ରରେ ଯଦି ଜାଲିଆତି ଚାଲିଥିଲା, ତାହାହେଲେ କଂଗ୍ରେସ ଏଜେଣ୍ଟ ଏହାର ବିରୋଧ କଲେନାହିଁ କାହିଁକି? ଏଭଳି ଭୋଟ ଜାଲିଆତିକୁ ରୋକିବା ଲାଗି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) କରାଯାଉଛି । ଏହାକୁ ରାହୁଲ ବିରୋଧ କରିବେ କି ବୋଲି କମିସନ ପ୍ରଶ୍ନ କରିଛନ୍ତି । କମିସନ ଆହୁରି କହିଛନ୍ତି କିଛି ସ୍ଥାନରେ ମତଦାନରେ ହୋଇଥିବା ଅନିୟମିତତା ନେଇ ଅଭିଯୋଗ ଆସିଥିଲା ଏବଂ ଏହାର ଯାଞ୍ଚ କରାଯାଉଛି ।

ସେପଟେ ରାହୁଲ ଗାନ୍ଧୀଙ୍କ ଏହି ଅଭିଯୋଗର ଜବାବ ଦେଇଛି ବିଜେପି । କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ, ଆମେ ମଧ୍ୟ ନିର୍ବାଚନ ହାରିଛୁ । କିନ୍ତୁ ଏଥିପାଇଁ ବିଜେପି କେବେ ନିର୍ବାଚନ କମିସନଙ୍କୁ ଦୋଷ ଦେଇନାହିଁ । ରାହୁଲ ସାମ୍ବାଦିକ ସମ୍ମିଳନୀରେ ଜଣେ ବିଦେଶୀ ମହିଳାଙ୍କ କଥା କହିଛନ୍ତି । ନିର୍ବାଚନ ବେଳେ ସେ ବିଦେଶ ଚାଲିଯାଇଥାନ୍ତି । ବିଦେଶରୁ ଯେଉଁ ପ୍ରେରଣା ମିଳେ ତାହାକୁ ସେ ଉପସ୍ଥାପନା କରି ସମୟ ନଷ୍ଟ କରିଥାନ୍ତି । ରାହୁଲ ସବୁବେଳେ କୁହନ୍ତି ଯେ, ସେ ପରମାଣୁ ବୋମା ବିସ୍ଫୋରଣ କରିବେ । କିନ୍ତୁ ତାଙ୍କ ବୋମା କେବେବି ବିସ୍ଫୋରଣ ହୁଏନାହିଁ ବୋଲି ରିଜିଜୁ କହିଛନ୍ତି । ବିହାର ନିର୍ବାଚନ ପାଇଁ କିଛି ପ୍ରସଙ୍ଗ ନଥିବାରୁ ଏଥିରୁ ଧ୍ୟାନ ହଟାଇବା ଲାଗି ରାହୁଲ ଏଭଳି ଉଦ୍ୟମ କରୁଥିବା ସେ କହିଛନ୍ତି ।



## ୟୁପିରେ ଟ୍ରେନ୍‌ରେ କଟିଗଲେ ୬ ମହିଳା

ମିର୍ଜାପୁର, ୫ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ମିର୍ଜାପୁରରେ ବୁଧବାର କାଲକା ଏକ୍ସପ୍ରେସ୍ ଟ୍ରେନ୍ ଦ୍ୱାରା କଟି ୬ ଜଣ ମହିଳା ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଦୁଇ ଭଉଣୀ ମଧ୍ୟ ସାମିଲ ରହିଛନ୍ତି । ସକାଳ ୯.୩୦ରେ ଚୁନାର ରେଳ ଷ୍ଟେସନରେ ଏହି ଦୁର୍ଘଟଣା ଘଟିଥିଲା । ଚୋପନରୁ ପାସେଞ୍ଜର ଟ୍ରେନ୍ ୩ ନଂ ପ୍ଲାଟଫର୍ମରେ ଲାଗିଥିଲା । ଭିଡ଼ ଅଧିକ ହେବା କାରଣରୁ କିଛି ଶ୍ରଦ୍ଧାଳୁ ପ୍ଲାଟ୍‌ଫର୍ମ୍‌ରେ ନ ଓହ୍ଲାଇ ଅରପକ୍ଷରେ ଥିବା ଟ୍ରାକ୍‌ରେ ଓହ୍ଲାଇଥିଲେ । ଏତିକି ବେଳେ ବିପରୀତ ପଟୁ କାଲକା ଏକ୍ସପ୍ରେସ ଆସିଥିଲା । ଚୁନାର ଷ୍ଟେସନରେ କାଲକା ଏକ୍ସପ୍ରେସର ଷ୍ଟପେଜ ନଥିଲା । ତେଣୁ ଟ୍ରେନ୍ ଗତି ଅଧିକ ଥିଲା । ଅଚାନକ ଟ୍ରେନ୍ ଆସୁଥିବା ଦେଖି ଯାତ୍ରୀ ଡରିଯାଇଥିଲେ । ପୁରୁଷମାନେ ଦ୍ରୁତ ଗତିରେ ପ୍ଲାଟଫର୍ମ ଉପରେ ଚଢିଯାଇଥିଲେ । କିନ୍ତୁ ମହିଳାମାନେ ଚଢ଼ିପାରି ନଥିଲେ, ଫଳରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲେ । ମୃତଦେହଗୁଡିକର କେତେକ ଖଣ୍ଡ ବିଖଣ୍ଡିତ ଅଂଶ ଟ୍ରାକ୍‌ରେ ୫୦ ମିଟର ପର୍ଯ୍ୟନ୍ତ କ୍ଷତବିକ୍ଷତ ହୋଇ ପଡିଥିଲା । କାର୍ତ୍ତିକ ପୂର୍ଣ୍ଣିମା କାରଣରୁ ଷ୍ଟେସନରେ ପ୍ରବଳ ଭିଡ଼ ଥିଲା ଓ ମହିଳାମାନେ ଗଙ୍ଗା ସ୍ନାନ କରିବାକୁ ଟ୍ରାକ ପାର କରୁଥିବା ବେଳେ ଏହି ଘଟଣା ଘଟିଥିଲା । ଦୁର୍ଘଟଣା ଏତେ ଶୀଘ୍ର ହୋଇଥିଲା ଯେ, କେହି କିଛି ବୁଝିବା ପୂର୍ବରୁ ସବୁ ଶେଷ ହୋଇଯାଇଥିଲା ।



# ପୁଲିସ ବାବୁଙ୍କ ଶହେ କୋଟିର ସାମ୍ରାଜ୍ୟ

କାନପୁର, ୫ ।୧୧(ଏଜେନ୍ସି): ଉତ୍ତରପ୍ରଦେଶ କାନପୁରର ଡେପୁଟି ସୁପରିଟେଣ୍ଡେଣ୍ଟ (ଡିଏସ୍‌ପି) ଋଷିକାନ୍ତ ଶୁକ୍ଲା ଦୁର୍ନୀତିର ସବୁ ସୀମା ପାର କରି ସାରା ଦେଶରେ ଏବେ ଚର୍ଚ୍ଚିତ ହୋଇଛନ୍ତି । ନିଜ କ୍ଷମତାର ଦୂରୁପୋଯୋଗ କରି ସେ ଶହଶହ କୋଟି ଟଙ୍କାର ସମ୍ପତ୍ତି ଏକାଠି କରିବା ସହ ଖାକି ପୋଷାକରେ କଳା ଦାଗ ଲଗାଇଛନ୍ତି । ଦୀର୍ଘବର୍ଷ ଧରି ସେ କାନପୁରରେ ପଦବୀରେ ରହି ବ୍ୟାପକ ଦୁର୍ନୀତି କରି ଶହଶହ କୋଟି ଟଙ୍କାର ସମ୍ପତ୍ତି ଏକାଠି କରିଛନ୍ତି । ଏହା ସମ୍ନାକୁ ଆସିବା ପରେ ପ୍ରଶାସନରେ ହଇଚଇ ସୃଷ୍ଟି ହୋଇଛି । ତରବରରେ ତାଙ୍କୁ ସସ୍‌ପେଣ୍ଡ କରାଯାଇଛି ଓ ତାଙ୍କ ବିରୋଧରେ ଭିଜିଲାନ୍ସ ଯାଞ୍ଚର ଆଦେଶ ଦିଆଯାଇଛି । ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ର ତଦନ୍ତ ପରେ ତାଙ୍କ କଳା ସାମ୍ରାଜ୍ୟର ବହୁ ତଥ୍ୟ ସାମ୍ନାକୁ ଆସିଛି । ଏକଦା ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଋଷିକାନ୍ତ ସାଧାରଣ ପୁଲିସ କର୍ମଚାରୀରୁ ଡିଏସ୍‌ପି ହେବାର ଯାତ୍ରା ବେଶ ରୋଚକ ଥିଲା । ସେ ଜଣାଶୁଣା ବିଲ୍ଡର, ବ୍ୟବସାୟୀ, ପ୍ରପର୍ଟି ଓନରଙ୍କୁ ଯୋଜନାବଦ୍ଧ ଭାବେ

■ କାନପୁର ଡିଏସ୍‌ପିଙ୍କ କଳାକାରନାମା
■ ଏନକାଉଣ୍ଟର ଧମକ ଦେଇ ବଟି ଆଦାୟ
■ ଶହଶହ କୋଟି ଟଙ୍କା ସମ୍ପତ୍ତିର ମାଲିକ

ଧମକ ଦେଇ ନିଜର ଲକ୍ଷ୍ୟ ସାଧନ କରୁଥିଲେ । ସେ ଲୋକଙ୍କ ମିଛ ମାମଲାରେ ଫସାଇ ସେମାନଙ୍କୁ ବ୍ଲାକ୍‌ମେଲ କରିବା ସହ ସେମାନଙ୍କର ସମ୍ପତିକୁ ନିଜ ନାମରେ ଲେଖାଇ ନେଉଥିଲେ ବୋଲି କେତେକ କହିଛନ୍ତି । ତାଙ୍କର ଏହି କୁକର୍ମରେ ଜଣେ ଓକିଲ ଓ ରାଜନେତାମାନେ ତାଙ୍କୁ ସହାୟତା ପ୍ରଦାନ କରୁଥିଲେ । ତାଙ୍କ ୧୦୦ ନୁହେଁ ୨୦୦ରୁ ୩୦୦ କୋଟି ଟଙ୍କା ସମ୍ପତି ରହିଛି ବୋଲି ଏସ୍‌ଆଇଟି ଯାଞ୍ଚରୁ ଜଣାପଡ଼ିଛି । ନୋଏଡା, ପଞ୍ଜାବ, ଚଣ୍ଡିଗଡ଼ ସମେତ ଅନ୍ୟ କେତୋଟି ସହରରେ ତାଙ୍କ ନାମରେ ବେନାମୀ ସମ୍ପତ୍ତି ରହିଛି । କାନପୁରର ଆର୍ଯ୍ୟନଗରରେ ତାଙ୍କର ୧୧ଟି ଦୋକାନ ଓ କେତୋଟି ପ୍ଲଟ୍ ରହିଛି । ଏହାକୁ ବାଦ୍ ଦେଲେ ଉନ୍ନାଓ ଫତେପୁରରେ ବିଲ୍ଡରଙ୍କ ସହ ସାଥି ହୋଇ ଜମି ଉପରେ କବ୍‌ଜା କରିବା ସହ ନିବେଶ କରିଥିବାର ପ୍ରମାଣ ମିଳିଛି । ତାଙ୍କ ପୁଅ ବିଶାଲ ଶୁକ୍ଲା ମଧ୍ୟ ଅଖିଳେଶ ଦୁବେ ନାମକ ଜଣେ ଅପରାଧୀଙ୍କ ସହ ମିଶି ୩୩ଟି କମ୍ପାନୀ ଗଠନ କରିଥିଲେ । ଏହି କମ୍ପାନୀଗୁଡିକ ଦ୍ୱାରା କଳା ଧନକୁ ଧଳା କରାଯାଉଥିଲା ବୋଲି ଅଭିଯୋଗ ହୋଇଛି । ଯାଞ୍ଚ ଆଗକୁ ବଢ଼ିଲେ ତାଙ୍କର ସମ୍ପତ୍ତି ତାଲିକା ଆହୁରି ବୃଦ୍ଧି ପାଇବ । ସେ ଏବେ ମେନପୁରୀ ଡିଏସ୍‌ପି ଭାବେ ଦାୟିତ୍ୱରେ ଥିଲେ ।

## ଭୂକମ୍ପ, ସୁନାମୀର ପ୍ରାକ୍ ସୂଚନା ଦେବ ନିସାର୍ ଉପଗ୍ରହ

ନୂଆଦିଲ୍ଲୀ, ୫ ।୧୧(ଏଜେନ୍ସି): ଇସ୍ରୋ ଓ ନାସାର ମିଳିତ ଉଦ୍ୟମରେ ନିର୍ମାଣ ହୋଇଥିବା ନିସାର (ନାସା-ଇସ୍ରୋ ସିନ୍ଥେଟିକ୍ ଆପେରଚର ରାଡାର) ଉପଗ୍ରହ ନଭେମ୍ବର ୭ରୁ କାର୍ଯ୍ୟ କରିବା ଆରମ୍ଭ କରିବ । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ସତୀଶ ଧାୱନ ସ୍ପେଶ ସେଣ୍ଟରରେ ଏହି ଉପଗ୍ରହକୁ ଜୁଲାଇ ୩୦ରେ ଅନ୍ତରୀକ୍ଷକୁ ଛଡାଯାଇଥିଲା । କାର୍ଯ୍ୟକ୍ଷମ ହେବା ପରେ ଏହି ଉପଗ୍ରହ ଭୂକମ୍ପ, ଆଗ୍ନେୟଗିରି, ଭୂସ୍ଖଳନ, ତୁଷାରପାତ, ଜଙ୍ଗଲ, କୃଷି କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ବୈଜ୍ଞାନିକମାନଙ୍କୁ ଅବଗତ କରାଇବ । ପ୍ରତି ୧୨ ଦିନରେ ଏହା ସମଗ୍ର ପୃଥିବୀ ଚିତ୍ର ଉତ୍ତୋଳନ କରିବ । ଏହି ଉପଗ୍ରହରେ ଦୁଇଟି ସ୍ୱତନ୍ତ୍ର ରାଡାର, ନାସାର ଏଲ୍- ବ୍ୟାଣ୍ଡ ଓ ନାସାର ଏସ୍- ବ୍ୟାଣ୍ଡ ସଂଯୋଗ କରାଯାଇଛି । ଏହା ଦ୍ୱାରା ପୃଥିବୀର ଅତି ସ୍ପଷ୍ଟ ଚିତ୍ର ଓ ସବିଶେଷ ଚିତ୍ର ଉତ୍ତୋଳନ ହୋଇପାରିବ ।

## ରାଷ୍ଟ୍ରପତିଙ୍କୁ ଚୁମ୍ବନ ଦେବାକୁ ନିଶାଡ଼ିର ପ୍ରୟାସ

ମେକ୍ସିକୋ ସିଟି, ୫ ।୧୧(ଏଜେନ୍ସି): ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍‌ଙ୍କୁ ବୁଧବାର ଜଣେ ବ୍ୟକ୍ତି ଚୁମ୍ବନ ଦେବାକୁ ପ୍ରୟାସ କରିଛନ୍ତି । ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଛି । ରାଜଧାନୀ ମେକ୍ସିକୋ ସିଟିର ପୁରୁଣା ଅଞ୍ଚଳରେ ସେ ଲୋକଙ୍କ ସହ କଥା ହେଉଥିବା ବେଳେ ବ୍ୟକ୍ତି ଜଣକ ତାଙ୍କ ପଛପଟୁ ଆସି ତାଙ୍କ ଅଣ୍ଟାରେ ହାତ ରଖି ତାଙ୍କୁ ଛୁଇଁବା ସହ ଅସଦାଚରଣ କରିଥିଲେ । କିନ୍ତୁ ଏଥିରେ ସେନବାଉମ ବେଶ୍ ଶାନ୍ତିର ସହ ବ୍ୟକ୍ତିଙ୍କ ହାତ ହଟାଇଥିଲେ ଓ ତାଙ୍କ ଆଡକୁ ଅନାଇ ଚିନ୍ତା କରନାହିଁ ବୋଲି କହିଥିଲେ । ଏହା ଦେଖିବା ପରେ ଜଣେ ସୁରକ୍ଷାକର୍ମୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେଠାରୁ ହଟାଇ ଦେଇଥିଲେ । ବ୍ୟକ୍ତିଜଣକ ନିଶାରେ ଥିବା ଜଣାଯାଇଛି । ଏ ନେଇ ରାଷ୍ଟ୍ରପତି କାର୍ଯ୍ୟାଳୟ ତରଫରୁ କିଛି କୁହାଯାଇନାହିଁ ।

## ୩୬ ଦିନରେ ଆମେରିକା ସଟ୍‌ଡାଉନ୍

# ୪ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଣ ବନ୍ଦ

ୱାସିଂଟନ, ୫ ।୧୧(ଏଜେନ୍ସି): ଆମେରିକାରେ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ସଟ୍‌ଡାଉନ୍ ବୁଧବାର ୩୬ ଦିନରେ ପହଞ୍ଚିଛି । ଏହା ଆମେରିକା ଇତିହାସରେ ସବୁଠାରୁ ଲମ୍ବା ସଟ୍‌ଡାଉନ୍ ହୋଇଛି । ଏହାପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ୩୫ ଦିନ ପର୍ଯ୍ୟନ୍ତ ସଟ୍‌ଡାଉନ ଦେଖିବାକୁ ମିଳିଥିଲା । ସଟ୍‌ଡାଉନ କାରଣରୁ ୪୨ ମିଲିଅନ୍ ଅର୍ଥାତ ପାଖାପାଖି ୪.୨ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଣ ଠପ୍ ହୋଇଛି । ଆମେରିକାର କୃଷି ବିଭାଗ (ୟୁଏସ୍‌ଡିଏ) ପାଖରେ ଏହି କାର୍ଯ୍ୟକ୍ରମ ପାଇଁ କେବଳ ୫୦୦ କୋଟି ଡଲାରର ରିଜର୍ଭ ଫଣ୍ଡ ରହିଛି । କିନ୍ତୁ ନଭେମ୍ବରରେ ଏହି ଖାଦ୍ୟ ଯୋଗାଣ ଜାରି ରଖିବାକୁ ହେଲେ ୯.୨ ଶହ କୋଟି ଡଲାରର ଆବଶ୍ୟକତା ରହିଛି । ସଟ୍‌ଡାଉନ କାରଣରୁ ୬.୭ ଲକ୍ଷ ସରକାରୀ କର୍ମଚାରୀ ଛୁଟିରେ ଯାଇସାରିଛନ୍ତି । ଏବେ ୭.୩ ଲକ୍ଷ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ଫଳରେ ୧୪ ଲକ୍ଷ ଲୋକ ଋଣ ନେଇ ଘର ଚଳାଉଛନ୍ତି । ଉଲ୍ଲେଖଥାଉ କି, ଟ୍ରମ୍ପ ହେଲଥ କେୟାର ପ୍ରୋଗ୍ରାମ ପାଇଁ ସବ୍‌ସିଡ୍ ବୃଦ୍ଧି କରିବାକୁ ପ୍ରସ୍ତୁତ ନାହାନ୍ତି । ଏହି କାରଣରୁ ଆମେରିକାର ସଂସଦର ଉଚ୍ଚ ସଦନର ସିନେଟ୍‌ରେ ଫଣ୍ଡିଂ ବିଲ୍ ଗୃହିତ ହୋଇପାରୁ ନାହିଁ । ଏହି ବିଲ୍‌କୁ ନେଇ ଏପର୍ଯ୍ୟନ୍ତ ୧୪ଥର ଭୋଟିଂ ହୋଇସାରିଲାଣି । କିନ୍ତୁ ପ୍ରତିଥର ବହୁମତ ପାଇଁ ଜରୁରୀ ୬୦ଟି ଭୋଟ ମିଳିପାରୁ ନାହିଁ । ଟ୍ରମ୍ପଙ୍କ ଜିଦ୍ ଯୋଗୁଁ ଏଭଳିସ୍ଥିତି ସୃଷ୍ଟି ହୋଇଛି । ଏଥିପାଇଁ ୨୫ଟି ରାଜ୍ୟରେ ଟ୍ରମ୍ପଙ୍କ ବିରୋଧରେ କେସ୍ କରାଯାଇଛି । ପ୍ରତିଦିନ ୩୩୦୦ କୋଟି ଡଲାରର ଦରମା କ୍ଷତିଗ୍ରସ୍ତ ହେଉଛି । ଏଥିପାଇଁ ଆମେରିକାରେ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି । ୧୬, ୭୦୦ ବିମାନର ଉଡାଣ ବିଳମ୍ବିତ ହୋଇଛି । ଆଉ କେତେକ ବିମାନଗୁଡିକର ଉଡାଣକୁ ବାତିଲ ମଧ୍ୟ କରାଯାଇଛି । ଏପର୍ଯ୍ୟନ୍ତ ୧୧, ୦୦୦ ଏୟାର ଟ୍ରାଫିକ କଣ୍ଟ୍ରୋଲର ସେମାନଙ୍କ ପାଉଣା ପାଇନାହାନ୍ତି ।

ଏହି ସଟ୍‌ଡାଉନ୍ ଦେଶର ଅର୍ଥନୀତିକୁ ପ୍ରଭୁତ କ୍ଷତି ପହଞ୍ଚାଉଛି । କଂଗ୍ରେସନାଲ ବଜେଟ ଅଫିସ୍ (ସିବିଓ) ଅନୁଯାୟୀ ଏପର୍ଯ୍ୟନ୍ତ ୧୧ ବିଲିଅନ ଡଲାର ଅର୍ଥାତ ଏକ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇସାରିଛି । ଯଦି ଏହି ସଟ୍‌ଡାଉନ୍ ଖୁବ୍‌ଶୀଘ୍ର ଶେଷ ନ ହେବ, ତେବେ ଆମେରିକାର ଜିଡିପି ଚତୁର୍ଥ କ୍ୱାର୍ଟରରେ ୧ରୁ ୨ ପ୍ରତିଶତକୁ ଖସିବ । ସରକାରୀ କର୍ମଚାରୀମାନେ ଛୁଟିରେ ଯାଇଥିବାରୁ ପ୍ରତିଦିନ ପାଉଣା ବାବଦରେ ୪୦୦ ମିଲିଅନ ଡଲାର ବା ୩, ୩୦୦ କୋଟି ଟଙ୍କାର କ୍ଷତି ହେଉଛି ବୋଲି ସିବିଓ ତରଫରୁ କୁହାଯାଇଛି । ସଟ୍‌ଡାଉନ କାରଣରୁ ସରକାର ଖର୍ଚ୍ଚ କରୁ ନଥିବାରୁ ଦେଶର ଅର୍ଥନୀତି କ୍ଷତି ସହୁଛି ।

# ଝୋଟି ଚିତାରେ ଆଧୁନିକତା

ଓଡ଼ିଆ ଘରେ ମାଣବସା ଓ ଝୋଟି ଚିତାର ଏକ ବିଶେଷ ମହତ୍ତ୍ୱ ରହିଛି । ପ୍ରତ୍ୟେକ ଓଡ଼ିଆଣୀ ଏହାକୁ ଶ୍ରଦ୍ଧା, ଭକ୍ତି ସହକାରେ ପାଳନ କରିଥାନ୍ତି । ମାର୍ଗଶୀର ମାସ ପଶିବା କ୍ଷଣି ପ୍ରସ୍ତୁତିରେ ଲାଗିପଡ଼ନ୍ତି ମହିଳା । ପ୍ରତ୍ୟେକ ଗୁରୁବାର ଘର, ଦୁଆର, ଅଗଣା, ଚଉରା ଆଦି ସ୍ଥାନରେ ଶୋଭାପାଏ ଭଳିକି ଭଳି ଚାଉଳବଟା ଝୋଟି ଚିତା ସାଙ୍ଗକୁ ଲକ୍ଷ୍ମୀପାଦ । ଝୋଟି ଚିତା ମହିଳାଙ୍କ ହସ୍ତକଳା ଭାବେ ପରିଚିତ । ମାଣବସା ପୂଜାକୁ ନେଇ ମହିଳାଙ୍କ ମଧ୍ୟରେ ଯେତିକି ଶ୍ରଦ୍ଧା ରହିଛି, ଘରକୁ ସୁନ୍ଦର କରି ସଜାଇବାରେ ମଧ୍ୟ ଅଛି ସେତିକି ଉତ୍କଣ୍ଠା । ପୂଜାଶୈଳୀରେ ଯଦିଓ ଆଧୁନିକତାର ଢ଼ାଞ୍ଚା ପରିଲକ୍ଷିତ ହୁଏ ନାହିଁ; କିନ୍ତୁ ଝୋଟି ଚିତାରେ ଏହି ପରିବର୍ତ୍ତନ ଦେଖିବାକୁ ମିଳିଛି । ଏବେ ଝୋଟି ଚିତାକୁ ଘରେ ଅଧିକ ଦିନ ରଖିବା ପାଇଁ ଅଧିକାଂଶ ମହିଳା ଧଳାରଙ୍ଗରେ ଚିତା କରୁଛନ୍ତି । ସମୟାନୁସାରେ ଝୋଟି ଚିତାରେ ହେଉଥିବା ଆଧୁନିକତାକୁ ନେଇ ଏହି ଉପସ୍ଥାପନା ।







### ଚାଉଳ ପିଠଉ ଚିତା



ମାଣବସା ପୂଜା ସାମାଜିକ ପ୍ରଥା, ସଂସ୍କୃତି ଓ ପରମ୍ପରା ଭାବେ ଜଣାଯାଏ । ଓଡ଼ିଆ ଘରେ ଏହା ବର୍ଷ ବର୍ଷ ଧରି ପାଳିତ ହୋଇଆସୁଛି । ମାଟିଘର ହେଉ ଅବା ଗୋବର ଲିପା ଘର ପିଠଉ ଚିତା ପକାଇଲେ ଖୁବ୍ ସୁନ୍ଦର ଦେଖାଯାଏ । ତେଣୁ ପରମ୍ପରା ଅନୁଯାୟୀ ମାର୍ଗଶୀର ମାସର ପ୍ରତ୍ୟେକ ବୁଧବାର ରାତିରେ ଘରଦ୍ୱାର ଲିପାପୋଛା କରି ଝୋଟିଚିତା ପକାଉ । ପୂଜାସ୍ଥାନଠୁ ନେଇ ଘର ଏରୁଣ୍ଡି, ପିଣ୍ଡା, ଅଗଣା ଆଦିରେ ଏହା ପକାଯାଏ । ଅବଶ୍ୟ ଏବେ ଆଉ ସେ ମାଟି ଘର ନାହିଁ । ସମସ୍ତଙ୍କର ସିମେଣ୍ଟ,ଟାଇଲ ଓ ମାର୍ବଲ ଘର । ଅବଶ୍ୟ ଏବେ ଘରକୁ ସୁନ୍ଦର କରି ସଜାଇବା ପାଇଁ ଅନେକେ ଚାଉଳବଟା ସହ ଧଳାରଙ୍ଗରେ ଚିତା କରୁଛନ୍ତି । ଏହା ସୁନ୍ଦର ଦିଶିବା ସହ ଛ' ସାତମାସ ରହିଥାଏ ।

ଯାଜ୍ଞସିନୀ ସାହୁ, ସୋରଡ଼ା, ଗଞ୍ଜାମ

### ରଙ୍ଗତୂଳୀ ଚିତା



ସାଧାରଣତଃ ମାଣବସା ପୂଜାପାଇଁ ବୁଧବାରଠୁ ଘରଦ୍ୱାର ଲିପାପୋଛା ଆରମ୍ଭ ହୁଏ । ଗାଁ ଗହଳିରେ ଏକବର୍ଣ୍ଣୀ ଗାଈ ଗୋବରରେ ମାଟିଘରକୁ ଚିକ୍କଣ କରି ପୋଛିବା ପରମ୍ପରା ରହିଛି । ପରେ ଚାଉଳ ପିଠଉରେ ଭଳିକି ଭଳି ପଦ୍ମଫୁଲ, ଲକ୍ଷ୍ମୀପାଦ ସମେତ ଧାନ ଛିଟା କରାଯାଇଥାଏ । ଅଧିକାଂଶ ଲୋକ ପୂଜାକୋଠିରେ ଚାଉଳ ବଟାରେ ଝୋଟି ଚିତା କରିଥାନ୍ତି । ହେଲେ ଘର, ଦୁଆର ଆଦିରେ ରଙ୍ଗରେ ଚିତା କରନ୍ତି । ଏହି ଚିତା ଦୀର୍ଘ ଦିନ ରହିଥାଏ । ଘର ପରିବେଶ ସୁନ୍ଦର ଦିଶିବା ସହ ମନକୁ ଶାନ୍ତି ମିଳିଥାଏ ।

ରଶ୍ମିତା ବେହେରା , ପୁରୀ

### ମାଣବସା ଝୋଟିଚିତା ସୁନ୍ଦର



ଓଡ଼ିଆମାନେ ବାରମାସରେ ତେର ପର୍ବ ପାଳନ କରନ୍ତି । ସେଥିରୁ ମାଣବସା ଗୁରୁବାର ଶ୍ରେଷ୍ଠ । ଏହାକୁ ନିତିନିଷ୍ଠାର ସହ ମହିଳାମାନେ ପାଳନ କରିଥାନ୍ତି । ଝିଅ ଥିଲାବେଳେ ଘରେ ମାଆଙ୍କୁ ପୂଜା କରିବାର ଦେଖିଥିଲି । ବାହାଘର ପରେ ଶାଶୁଙ୍କ ଠାରୁ ଦେଖି ଏହି ପୂଜା କଲି । ମାଣବସାରେ ମହିଳାମାନେ ବଡ଼ିଭୋରରୁ ଉଠି ନିତ୍ୟକର୍ମସାରି ଘରଅଗଣା ଆଦିରେ ଗୋବରପାଣି ସିଞ୍ଚନ କରି ପୂଜା ପ୍ରସ୍ତୁତି କରନ୍ତି । ଏହାପରେ ମାଣ ବସାଇ ପିଠାପଣା, ଫଳମୂଳ ଦେଇ ମାଆ ଲକ୍ଷ୍ମୀଙ୍କୁ ଆରାଧନା କରିଥାନ୍ତି । ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ଘରେ ଧନଧାନ୍ୟ ବୃଦ୍ଧି ସହ ସୁଖସମୃଦ୍ଧି ପ୍ରାପ୍ତ ହୁଏ । ସେହିପରି ପୂର୍ବରୁ ପୂଜାବିଧି ପାଇଁ ଲୋକେ ଚିତା ପକାଉଥିଲେ । କିନ୍ତୁ ସମୟ ବଦଳିବା ସହ ଅନେକେ ରଙ୍ଗରେ ଚିତ । କରିବାକୁ ପସନ୍ଦ କରୁଛନ୍ତି ।

ରମା ମହାରଣା , ପୁରୀ

# ନିର୍ବନ୍ଧରେ ହାଲୁକା ମେକ୍ଅପ୍

ନିର୍ବନ୍ଧ ପ୍ରତ୍ୟେକ ଯୁବତୀଙ୍କ ପାଇଁ ଖାସ୍ ହୋଇଥାଏ । ଏହିଦିନ ସମସ୍ତେ ସୁନ୍ଦର ଦିଶିବାକୁ ଚାହାଁନ୍ତି । ହେଲେ, ବ୍ୟସ୍ତତା ଭିତରେ ସଜେଇ ହେବାପାଇଁ ସମୟ ପାଆନ୍ତିନି । ତେଣୁ ଅନେକ ଯୁବତୀ ନିବର୍ନ୍ଧରେ ହାଲୁକା ମେକ୍ଅପ୍ କରିବାକୁ ପସନ୍ଦ କରୁଛନ୍ତି । ଏହି ମେକ୍ଅପ୍‌ରେ କମ୍ ସମୟ ଲାଗିବା ସହ ଏକ ସୁନ୍ଦର୍ ଲୁକ୍ ମିଳିଥାଏ ।



### ପ୍ରାକୃତିକ ଚମକ

ହାଲୁକା ମେକ୍ଅପ୍ ପସନ୍ଦ କରୁଥିବା ମହିଳାଙ୍କୁ ନାଚୁରାଲ୍ ଗ୍ଲୋ ଲୁକ୍ ସୁନ୍ଦର୍ ମାନିଥାଏ । ଏଥିରେ ତ୍ୱଚାର ପ୍ରାକୃତିକ ରଙ୍ଗ ଓ ଚମକ ଆସିଥାଏ । ଏଥିରେ ଆଖିକୁ ହାଲୁକା ଆଇସ୍ୟାଡୋ ଓ ଲାଇନର ଲଗାଇ ସଜା ଯାଇଥାଏ । ସେହିପରି ମସ୍କାରା ଲଗାଇ ଆଖିକୁ ବଡ଼ ଓ ଆକର୍ଷଣୀୟ ଦେଖାଯାଇଥାଏ । ଏଥିସହ ନ୍ୟୁଡ୍ କିମ୍ବା ହାଲୁକା ପିଙ୍କ୍ ଲିପ୍‌ଷ୍ଟିକ୍ ଲଗାଇପାରିବେ ।

### ଫ୍ରେସ୍ ପିଙ୍କ୍ ଲୁକ୍

ପିଙ୍କ୍ ଲୁକ୍ ଚେହେରାକୁ ହାଲୁକା ଦେଖାଇବା ସହ ତ୍ୱଚାରେ ଚମକ ଆଣିଥାଏ । ଏହା ଦେଖିବାକୁ ମଧ୍ୟ ସୁନ୍ଦର ହୋଇଥାଏ । ଏହା ଅନୁଯାୟୀ ମୁହଁରେ ହାଲୁକା ଫାଉଣ୍ଡେସନ୍ ଓ ଟିଣ୍ଟେଡ୍ ପିଙ୍କ୍ ବ୍ଲଶ୍ ଲଗାଯାଇଥାଏ । ଏହାଦ୍ୱାରା ତ୍ୱଚା କୋମଳ ହେବା ସହ ପ୍ରାକୃତିକ ଚମକ ଆସିଥାଏ । । ଏଥିସହ ଗାଲ ଓ ଓଠରେ ହାଲୁକା ପିଙ୍କ୍ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି । ଏହି ଲୁକ୍ ବିଶେଷ କରି ଦିନ ନିର୍ବନ୍ଧରେ ବେଶୀ ସୁନ୍ଦର ଦିଶିଥାଏ ।

### ସଫ୍ଟ ଗ୍ଲାମ୍

ଏହା ତ୍ୱଚାକୁ ଆକର୍ଷଣୀୟ କରିଥାଏ । ଏଥିପାଇଁ ଯୁବତୀମାନେ ମୁହଁର ବେସ୍‌କୁ ହାଲୁକା ରଖିବା ପାଇଁ ଫାଉଣ୍ଡେସନ୍ ଓ କନ୍‌ସିଲର୍ ବ୍ୟବହାର କରିଥାନ୍ତି । ଏହାଦ୍ୱାରା ତ୍ୱଚାରେ ଥିବା ଦାଗ , ବ୍ରଣ ସମସ୍ୟାକୁ ଲୁଚା ଯାଇଥାଏ । ଆଖିରେ ନ୍ୟୁଟ୍ରାଲ୍ ଓ ହାଲୁକା ୱିଙ୍ଗ୍ ଲାଇନର ଲଗାଯାଏ । ଏଥିରୁ ଆଖିକୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।

# ଲ୍ୟାମ୍ପ୍ ଇୟରିଙ୍ଗ୍

ସମୟ ଅନୁସାରେ ଫେଶନ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଆଉଟ୍‌ଫିଟ୍‌ଠୁ ନେଇ ଅଳଙ୍କାର ସବୁଥିରେ ଆଧୁନିକ ଛାପ ଦେଖାଯାଉଛି । ଏହି କ୍ରମରେ ଏବେ ଯୁବତୀଙ୍କ ମଧ୍ୟରେ ଲ୍ୟାମ୍ପ୍ ଇୟରିଙ୍ଗ୍ ଲୋକପ୍ରିୟ ରହିଛି । ଏହା ଏକ ନିଆରା ଡିଜାଇନ । ଏଥିରେ ଏକ ଛୋଟ ଏଲ୍‌ଇଡି ବଲ୍‌ବ ଥାଏ । ଯାହା ବ୍ୟାଟେରୀ ଦ୍ୱାରା ଚାଲେ ।



- ସାମାଜିକ ଗଣମାଧ୍ୟମରେ ଏହି କାନଫୁଲ ଖୁବ୍ ଲୋକପ୍ରିୟ ହୋଇଛି । ଏହାକୁ ବିଶେଷ କରି ଯୁବତୀମାନେ ପୂଜା, ଉତ୍ସବ ଆଦିରେ ପିନ୍ଧିବାକୁ ପସନ୍ଦ କରନ୍ତି ।
- ଏହା ଛୋଟ ବଡ଼ ବିଭିନ୍ନ ଡିଜାଇନ୍‌ରେ ଉପଲବ୍ଧ । ଏହା ଓଜନିଆ ଆଉଟଫିଟ୍ ତଥା ଶାଢ଼ି, ଲେହେଙ୍ଗା ଓ ଗାଉନ ଆଦିରେ ସୁନ୍ଦର ମାନିଥାଏ ।
- ଏହି ଇୟରିଙ୍ଗ୍ ହାଲୁକା ହେବା ସହ ବଜେଟ୍ ଅନୁଯାୟୀ ମିଳିଥାଏ । ଏହାକୁ ରୟାଲ ଲୁକ୍ ଦେବା ପାଇଁ ଏଥିରେ ଷ୍ଟୋନ୍ ମାଳି ଆଦି ଖଚିତ ହୋଇଥାଏ ।

# କେଶ ପାଇଁ କଦଳୀ ଚୋପା

ଅଧିକାଂଶ ଲୋକେ କଦଳୀ ଚୋପାକୁ ଅଦରକାରୀ ଭାବି ଫୋପାଡ଼ି ଦିଅନ୍ତି; କିନ୍ତୁ ଏଥିରେ ଅଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କେଶ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ । ସେହିପରି ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଓ ଖଣିଜ ପଦାର୍ଥ ଆଦି ଥାଏ । ଏହା କେଶକୁ ପୋଷଣ ଦେବା ସହ କେଶ ସମସ୍ୟା ଦୂର କରି କେଶ ବଢ଼ାଇଥାଏ । ତେବେ କଦଳୀ ଚୋପାକୁ କିପରି ଲଗାଇବେ ଜାଣିବା ସେ ବିଷୟରେ ।

### ଫାଇଦା

- ଏହା ଶୁଷ୍କକେଶକୁ ନରମ ରଖିବାରେ ସହାୟକ ହୋଇଥାଏ । ଏଥିସହ ରୂପି ସମସ୍ୟା ମଧ୍ୟ ଦୂର କରିଥାଏ । ଏଥିସହ କେଶକୁ ମଜଭୂତ କରିଥାଏ ।
- କଦଳୀ ଚୋପା କେଶମୂଳରେ ରକ୍ତ ସଞ୍ଚାଳନ ମାତ୍ରା ବୃଦ୍ଧି କରିଥାଏ । ଏହା କେଶ ବଢ଼ିବାରେ ବେଶ୍ ସହାୟକ ହୋଇଥାଏ । ସେହିପରି କଦଳୀ ଚୋପାରେ ଥିବା ନାନା ପୌଷ୍ଟିକ ତତ୍ତ୍ୱ କେଶକୁ ପ୍ରାକୃତିକ ଚମକ ଓ ନରମ କରିଥାଏ । ଏହାଦ୍ୱାରା କେଶଝଡ଼ା ସମସ୍ୟା ମଧ୍ୟ କମିଥାଏ ।


### ନଡ଼ିଆ ତେଲ ଓ ଚୋପା

ପାଚିଲା କଦଳୀ ଚୋପା ଦୁଇଟି, ନଡ଼ିଆ ତେଲ ଦୁଇ ଚାମଚ ଓ ମହୁ ଏକ ଚାମଚ ନିଅନ୍ତୁ । ଏହାକୁ ଏକତ୍ର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ କେଶ ଓ କେଶମୂଳରେ ଭଲ ଭାବେ ଲଗାଇ ୨୦ -୩୦ ମିନିଟ୍ ରଖି ପାଣିରେ ଧୋଇ ଦିଅନ୍ତୁ । ଏହାପରେ ମାଇଲ୍ଡ ସାମ୍ପୁରେ କେଶ ସଫା କରନ୍ତୁ ।



### ଘିକୁଆଁରୀ ଓ କଦଳୀ

କଦଳୀ ଚୋପାରେ ଘିକୁଆଁରୀ ମିଶାଇ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ହାଲୁକା ହାତରେ ଏହାକୁ କେଶରେ ଲଗାଇ କୋଡ଼ିଏ ମିନିଟ୍ ପରେ ଧୋଇ ଦିଅନ୍ତୁ । ଅଧିକ ସୁଫଳ ଚାହୁଁଥିଲେ ଏହାକୁ ସପ୍ତାହରେ ୨ ଥର ଲଗାନ୍ତୁ ।



# ଫେଶନରେ ବାମ୍ବୋ ବ୍ୟାଗ୍

ପୋଷାକ, ମେକ୍ଅପ୍ ଓ ଜୋତା ଭଳି ହ୍ୟାଣ୍ଡବ୍ୟାଗ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅଧିକାଂଶ ମହିଳା ନୂଆ ଡିଜାଇନର ହ୍ୟାଣ୍ଡବ୍ୟାଗ୍ ଧରିବାକୁ ପସନ୍ଦ କରନ୍ତି । ଏହି କ୍ରମରେ ଏବେ ବାମ୍ବୋ ବ୍ୟାଗ୍‌ର ଚାହିଦା ରହିଛି । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।

### ହାପ ମୁନ୍ ବାମ୍ବୋ ବ୍ୟାଗ୍

ଷ୍ଟାଇଲିଶ୍ ଆଉଟ୍‌ଫିଟ୍‌ରେ ହ୍ୟାଣ୍ଡବ୍ୟାଗ୍ କ୍ୟାରି କରିବାକୁ ଚାହୁଁଥିଲେ ହାପ୍ ମୁନ ବାମ୍ବୋ ଟୋଟ୍ ବ୍ୟାଗ୍ ଧରିପାରିବେ । ଏହି ବ୍ୟାଗ୍ ଏବେ ଖୁବ୍ ଲୋକପ୍ରିୟ ରହିଛି । ଅଧିକାଂଶ ମହିଳାଙ୍କର ଏହା ପ୍ରଥମ ପସନ୍ଦ ପାଲଟିଛି । ଏଥିରେ ନିଜ ଆବଶ୍ୟକତା ଅନୁଯାୟୀ ଜିନିଷ ରଖିପାରିବେ ।



### ବଞ୍ଜାରା ଜୁଟ୍

ଆଉଟଫିଟ୍ ଅନୁଯାୟୀ ଅଧିକ ଆକର୍ଷଣୀୟ ଦିଶିବାକୁ ଚାହୁଁଥିଲେ ସାଥିରେ ବଞ୍ଜାରା ଜୁଟ୍ ବ୍ୟାଗ୍ ନେଇପାରିବେ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।

# ସକାରାତ୍ମକ ପରିବେଶ ପାଇଁ ସଜାନ୍ତୁ ଘର

ଘରେ ଶାନ୍ତି ଓ ସକାରତ୍ମକ ପରିବେଶ ଥିଲେ ସମସ୍ତଙ୍କୁ ଭଲ ଲାଗେ । ଏହା ମନ, ଭାବନା ଓ ଜୀବନ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ । କିନ୍ତୁ ଅସଜଡ଼ା ଥିଲେ ମନ ଅଶାନ୍ତ ଓ ଚିଡ଼ଚିଡ଼ା ଲାଗିଥାଏ । ତେଣୁ ଘରେ ସକାରତ୍ମକ ପରିବେଶ ରଖିବାକୁ ଚାହୁଁଥିଲେ ନିମ୍ନ ପ୍ରଦତ୍ତ ଟିପ୍‌ସ ଆପଣାଇପାରିବେ ।



### ସୁଗନ୍ଧ ମହମବତୀ

ସୁଗନ୍ଧ ମନରେ ଏକ ପ୍ରକାର ଆନନ୍ଦ ଉଲ୍ଲାସ ଖେଳିଯାଏ । ତେଣୁ ଘରେ ଲାଭେଣ୍ଡର, ଗୋଲାପ ଓ ସ୍ୟାଣ୍ଡଲ୍‌ଉଡ୍ ସୁଗନ୍ଧଯୁକ୍ତ ମହମବତୀ ଲଗାଇପାରିବେ । । ସେହିପରି ସନ୍ଧ୍ୟା ସମୟରେ ଘରେ ପରଫ୍ୟୁମ୍ କ୍ୟାଣ୍ଡେଲ୍ ଜଳାଇଲେ ଏହା ଘର ପରିବେଶକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥାଏ । ଏଥିସହ ନକାରାତ୍ମକ ଶକ୍ତି ଦୂର କରିଥାଏ ।

### କାନ୍ଥରେ କଳାକୃତି

ସେହିପରି ଘର କାନ୍ଥରେ ଲାଗିଥିବା ଫଟୋ ଓ ଉକ୍ତି ମଣିଷର ଚିନ୍ତାଧାରା ଉପରେ ଗଭୀର ପ୍ରଭାବ ପକାଇଥାଏ । ତେଣୁ ଘରେ ପ୍ରେରଣାଦାୟୀ ଧାଡ଼ି ଲେଖାଥିବା ଫଟୋ ଫ୍ରେମ୍ କିମ୍ବା କଳାକୃତି ମଧ୍ୟ ଲଗାଇପାରିବେ ।

### ଇଣ୍ଡୋର୍ ପ୍ଲାଣ୍ଟ

ଗଛଘରର ସୁନ୍ଦରତା ବୃଦ୍ଧି କରିବା ସହ ଘରେ ସତେଜ ବାତାବରଣ ରଖିଥାଏ । ଏଥିସହ ଅମ୍ଳଜାନ ମଧ୍ୟ ଦେଇଥାଏ । ଏଥିପାଇଁ ମନିପ୍ଲାଣ୍ଟ, ସ୍ନେକ୍‌ପ୍ଲାଣ୍ଟ ଓ ଘିକୁଆଁରୀ ଭଳି ଗଛ ଲଗାଇପାରିବେ ।

ମୋ ହାଣ୍ଡିଶାଳରୁ...

# ସୋୟାବିନ୍ କୋପ୍ତା

### ଆବଶ୍ୟକ ସାମଗ୍ରୀ

ସୋୟାବିନ୍ - ୨୦୦ ଗ୍ରାମ୍, କଟା ପିଆଜ - ଏକ କପ୍, ଅଦା ରସୁଣ ପେଷ୍ଟ - ଏକ ବଡ଼ ଚାମଚ, ଭୃସଙ୍ଗପତ୍ର, ଗୋଟା ଗରମ ମସଲା, ଲଙ୍କାଗୁଣ୍ଡ - ଏକ ଚାମଚ, ଧନିଆଗୁଣ୍ଡ - ଏକ ଚାମଚ, ହଳଦୀଗୁଣ୍ଡ - ଏକ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗରମ ପାଣିରେ ସୋୟବିନ୍‌କୁ ବତୁରାନ୍ତୁ । ଏହାପରେ ସୋୟବିନ୍‌କୁ ଛାଣି ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ହାଲୁକା ଗୁଣ୍ଡ ହୋଇଯିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ସେଥିରେ ବେସନ, ଲଙ୍କାଗୁଣ୍ଡ, ଭୃସଙ୍ଗପତ୍ର, ଅଦା ରସୁଣ ପେଷ୍ଟ ଓ ପାନମଧୁରୀ ଦେଇ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ । ଏହାପରେ କଡ଼େଇରେ ତେଲ ଦେଇ ଗୁଳାକୁ ଛାଣନ୍ତୁ । ଏହା ସୁନେଲି ରଙ୍ଗ ହୋଇଗଲେ ଏକ ପାତ୍ରକୁ କାଢି ଦିଅନ୍ତୁ । ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦେଇ ତେଜପତ୍ର ଗୋଟା ଗରମମସଲା ଦିଅନ୍ତୁ । ପରେ ସେଥିରେ କଟା ପିଆଜ, ଅଦା, ରସୁଣ ଓ ଟମାଟୋ ଦେଇ ଭାଜନ୍ତୁ । ପରେ ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ, ଗରମ ମସଲା ଦେଇ କଷି ଦିଅନ୍ତୁ । ମସଲା କଷି ହୋଇଗଲେ ପ୍ରସ୍ତୁତ କରି ରଖିଥିବା ଛଣାବଡ଼ି ସବୁକୁ ଦିଅନ୍ତୁ । ଏହାପରେ ଅଳ୍ପ ସମୟ ଗ୍ୟାସ୍‌ରେ ବସାଇ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ସୋୟାବିନ୍ କୋପ୍ତା' ।



## ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଟି-୨୦ ଆଜି: ଦଳରେ ନାହାନ୍ତି କୁଲଦୀପ, ହେଡ୍

# ସିରିଜ୍ ଅଗ୍ରଣୀ ଲକ୍ଷ୍ୟରେ ଖେଳିବ ଭାରତ

ଗୋଲ୍ଡ କୋଷ୍ଟ,୫।୧୧(ଏଜେନ୍ସି):

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ବରାବର ସ୍ଥିତିରେ ରହିଛି। ସିରିଜ୍‌ରେ ୩ଟି ମ୍ୟାଚ ପରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ଅବସ୍ଥାରେ ରହିଛନ୍ତି। ଏହା ମଧ୍ୟରେ ଆସନ୍ତାକାଲି ବା ଗୁରୁବାର ଚତୁର୍ଥ ଏବଂ ଶନିବାର ପଞ୍ଚମ ତଥା ଶେଷ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତି ଉଭୟ ଦଳ ଅଗ୍ରଣୀ ନେବା ଲକ୍ଷ୍ୟରେ ରହିଛନ୍ତି। ବିଶେଷ କରି ଘରୋଇ ଦଳର ପ୍ରତିଷ୍ଠିତ ଖେଳାଳି ଜୋଶ ହାଜ୍‌ଲେଉଡ୍, ଟ୍ରାଭିସ ହେଡ ଓ ସିନ ଆବଟ ଦଳରେ ନାହାନ୍ତି। ଏମାନେ ସମସ୍ତେ ପର୍ଥରେ ନଭେମ୍ବର ୨୧ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଆସେସ ସିରିଜ୍‌ର ପ୍ରଥମ ଟେଷ୍ଟ ଲାଗି ଦଳରେ ସାମିଲ ହୋଇଛନ୍ତି। ଏହି ଦଳରେ ସାମିଲ ହୋଇଥିବା କେବଳ ଜଣେମାତ୍ର ଖେଳାଳି ୱିକେଟରକ୍ଷକ ଜୋଶ ଇଂଲିଶ ଏବେ ଟି-୨୦ ଦଳରେ ଖେଳୁଛନ୍ତି। ଅନ୍ୟ ପକ୍ଷରେ ଆସନ୍ତାକାଲିଠାରୁ ଦକ୍ଷିଣ ଆଫ୍ରିକା-ଏ’ ସହ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଖେଳିବାକୁ କୁଲଦୀପ ଯାଦବ ଭାରତରେ ପହଞ୍ଚି ପ୍ରସ୍ତୁତ ହୋଇଛନ୍ତି। ଶୁବମନ ଗିଲ୍ ଟେଷ୍ଟ ଦଳର ନେତୃତ୍ୱ ନେଉଥିଲାବେଳେ ଏଠାରେ ସଂଘର୍ଷ କରୁଛନ୍ତି। ଦୁଇ ସ୍ପିନର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର କିମ୍ବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ନଭେମ୍ବର ୧୪ରୁ ଆରମ୍ଭ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସ୍ଥାନ ପାଇପାରନ୍ତି। କିନ୍ତୁ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତ ଏଠାରେ ଆଉ ଏକ ସିରିଜ୍ ଜିତିବାକୁ ସୁଯୋଗ ପାଇଛି। ଅଷ୍ଟ୍ରେଲିଆ ମାଟିରେ ଭାରତ ୨୦୦୮ ପରଠାରୁ ଟି-୨୦ ଫର୍ମାଟରେ ସିରିଜ୍ ହାରିନାହିଁ।



### ଗିଲ୍‌ଙ୍କ ଉପରେ ନଜର

ଏହି ସିରିଜ୍‌ରେ ଟି-୨୦ ଦଳର ଉପଅଧିନାୟକ ଶୁବମନ ଗିଲ୍ ରନ୍ ଲାଗି ସଂଘର୍ଷ କରୁଛନ୍ତି। ଏହି ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରେ ଇନିଂସ ଓପନ କରି ଯଥାକ୍ରମେ ଅପରାଜିତ ୩୭, ୫ ଓ ୧୫ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏହାକୁ ନେଇ ସମର୍ଥକମାନେ କ୍ଷୁବ୍ଧ ହୋଇଥିଲେ ମଧ୍ୟ ଗିଲ ଦଳରେ ତିଷ୍ଠି ରହିଛନ୍ତି। ଅଷ୍ଟ୍ରେଲିଆ ଭଳି ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଘରୋଇ ମାଟିରେ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଥିଲା। କିନ୍ତୁ ତାହା ସେ ନ କରି ଟି-୨୦ ଫର୍ମାଟରେ ସଘର୍ଷ କରୁଥିଲେ ମଧ୍ୟ ଖେଳୁଛନ୍ତି। ଗିଲ୍‌ଙ୍କୁ ଦଳରେ ସାମିଲ କରାଯାଇଥିବାରୁ ସେ ଆଉ ଜଣେ ପ୍ରତିଭାବାନ ଖେଳାଳିଙ୍କ ରାସ୍ତା ବନ୍ଦ କରିଥିଲାବେଳେ ଆଉ ଜଣେ ଖେଳାଳିଙ୍କ କ୍ୟାରିୟର ଶେଷ କରିଦେଇଛନ୍ତି ବୋଲି ସିଧାସଳଖ ଅଭିଯୋଗ ଆଣିଛନ୍ତି ଭାରତର କିଂବଦନ୍ତୀ କ୍ରିକେଟର କେ. ଶ୍ରୀକାନ୍ତ। ଦଳରେ ଗିଲ ସାମିଲ ହୋଇଥିବାରୁ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ନିଆଯାଉନାହିଁ। ସେହିପରି ଗିଲ ଇନିଂସ ଓପନ କରିବା ଫଳରେ ସଞ୍ଜୁ ସାମସନଙ୍କ କ୍ୟାରିୟର ମଧ୍ୟ ଏକପ୍ରକାର ଶେଷ ହୋଇଯାଇଛି। ଏଭଳି ସ୍ଥିତିରେ ତାଙ୍କ ଉପରେ ନଜର ରହିବା ସ୍ୱାଭାବିକ୍। ଏହା ମଧ୍ୟରେ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଫିଟ୍ ହୋଇଯାଇଛନ୍ତି। ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲଙ୍କ କହିବା ଅନୁଯାୟୀ ବ୍ୟାଟିଂ, ଫିଲ୍ଡିଂ ଓ ବୋଲିଂ କରିବାରେ ରେଡ୍ଡୀ କୌଣସି ଅସୁବିଧାର ସମ୍ମୁଖୀନ ହୋଇନାହାନ୍ତି। କିନ୍ତୁ ସେ କେତେ ପରିମାଣରେ ମ୍ୟାଚ୍ ଫିଟ୍ ଅଛନ୍ତି ତାହାକୁ ଜାଣିବା ପରେ ଦଳରେ ସାମିଲ କରାଯିବ କି ନାହିଁ ସ୍ଥିର ହେବ। ତୃତୀୟ ଟି-୨୦ରେ ଭାରତ ଅଭିଷେକ ଶର୍ମାଙ୍କୁ ଶୀଘ୍ର ହରାଇଥିଲେ ମଧ୍ୟ ଅନ୍ୟମାନଙ୍କ ମିଳିତ ସଫଳତା ଯୋଗୁ ଭାରତ ମ୍ୟାଚ୍ ଜିତିଥିଲା। ବିଶେଷ କରି ପ୍ରଥମ ମ୍ୟାଚ୍ ଖେଳି ୱାଶିଂଟନ ସୁନ୍ଦର ବଡ଼ ବଡ଼ ସଟ୍ ଖେଳି ସର୍ବାଧିକ ସ୍କୋର କରିଥିଲାବେଳେ ସାମସନ୍‌ଙ୍କ ସ୍ଥାନରେ ଖେଳିଥିବା ଜିତେଶ ଶର୍ମାଙ୍କ ଆତ୍ମବିଶ୍ୱାସଭରା ବ୍ୟାଟିଂ ତାଙ୍କୁ ଦଳରେ ରଖିବାକୁ ବାଧ କରିଛି। ବୋଲିଂରେ ଦଳର ସେପରି କିଛି ପରିବର୍ତ୍ତନ ହେବ ବୋଲି ଆଶା କରାଯାଉନାହିଁ। ଅଲରାଉଣ୍ଡର ଶିବମ ଦୁବେଙ୍କ ସ୍ଥାନରେ ଫିଟ୍ ହୋଇଥିଲେ ନୀତୀଶଙ୍କୁ ସାମିଲ କରାଯିବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳରୁ ହାଜ୍‌ଲେଉଡ୍, ହେଡ୍ ଓ ସିନ ଆବଟଙ୍କୁ ପ୍ରତ୍ୟାହାର କରିନିଆଯାଇଛି। ଏମାନଙ୍କ ସ୍ଥାନରେ ବେନ୍ ଡ୍ୱାରଶୁଇସ୍ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ସାମିଲ କରାଯାଇଛି। ଉଭୟ ମ୍ୟାଚ୍ ଫିଟ୍ ନାହାନ୍ତି। ଏଣୁ ସେମାନଙ୍କୁ ଦଳରେ ସାମିଲ କରାଯିବ କି ନାହିଁ ତାହା ଶେଷ ମୁହୂର୍ତ୍ତରେ ସ୍ଥିର ହେବ। ତୃତୀୟ ମୁକାବିଲାରେ ଟିମ୍ ଡେଭିଡ୍‌ଙ୍କ ବିଗ୍ ହିଟିଂ ଓ ମାର୍କସ ଷ୍ଟୋଇନିସ୍‌ଙ୍କ ଚମତ୍କାର ଇନିଂସ ଅଷ୍ଟ୍ରେଲିଆକୁ ଫାଇଦାରେ ରଖିବ। ହେଡ୍‌ଙ୍କ ଅନୁପସ୍ଥିତିରେ ମାଥ୍ୟୁ ସର୍ଟ ଇନିଂସ ଓପନ କରିବେ। ଉପରୋକ୍ତ ଦୁଇ ଖେଳାଳିଙ୍କୁ ନେଇ ଦଳ ପରିବର୍ତ୍ତନ ହୋଇପାରେ।

**ଆରମ୍ଭ : ଅପରାହ୍ଣ ୧ଟା ୪୫**

**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ସମ୍ଭାବ୍ୟ ଦଳ

**ଭାରତ -** ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଜିତେଶ ଶର୍ମା (ୱିକେଟରକ୍ଷକ), ଶିବମ ଦୁବେ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା ଓ ବରୁଣ ଚକ୍ରବର୍ତ୍ତୀ।

**ଅନ୍ୟ ଖେଳାଳି-** ନୀତୀଶ କୁମାର ରେଡ୍ଡୀ, ସଞ୍ଜୁ ସାମସନ, ରିଙ୍କୁ ସିଂ, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ -** ମାଥ୍ୟୁ ସର୍ଟ, ମିଚେଲ ମାର୍ଶ (ଅଧିନାୟକ), ଜୋଶ ଇଂଲିଶ (ୱିକେଟ ରକ୍ଷକ), ଟିମ୍ ଡେଭିଡ୍, ମିଚେଲ ଓଏନ, ମାର୍କସ ଷ୍ଟୋଇନିସ, ଗ୍ଲେନ୍ ମ୍ୟାକ୍ସୱେଲ, ଜାଭିୟର ବାର୍ଟଲେଟ, ବେନ୍ ଡ୍ୱାରଶୁଇସ୍, ନାଥାନ ଏଲିସ, ମାଥ୍ୟୁ କୁନେମାନ୍।

**ଅନ୍ୟ ଖେଳାଳି-** ମାହଲି ବିୟର୍ଡମ୍ୟାନ୍, ତନ୍‌ବୀର ସାଙ୍ଗା, ଜୋଶ ଫିଲିପ୍।

## ■ ଭାରତ- ଦ.ଆଫ୍ରିକା ସିରିଜ୍ ୧୪ରୁ

# ଟେଷ୍ଟ ଦଳକୁ ଫେରିଲେ ଋଷଭ ପନ୍ତ



**ଗୋଲ୍ଡ କୋଷ୍ଟ,୫।୧୧(ଏଜେନ୍ସି):** ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଆହତ ହୋଇଥିବା ୱିକେଟରକ୍ଷକ/ ବ୍ୟାଟର ଋଷଭ ପନ୍ତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ଖେଳାଯିବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳକୁ ଫେରିଛନ୍ତି। କୋଲକାତାରେ ନଭେମ୍ବର ୧୪ରୁ ଓ ଆସାମର ବର୍ସାପଡାରେ ନଭେମ୍ବର ୨୨ରୁ ଖେଳାଯିବାକୁ ଥିବା ମ୍ୟାଚ୍ ଲାଗି ବିସିସିଆଇର ବରିଷ୍ଠ ଚୟନ କମିଟି ଆଜି ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ପନ୍ତଙ୍କ ପ୍ରତ୍ୟାବର୍ତ୍ତନ ହେବା ସହ ପୂର୍ବପରି ଉପଅଧିନାୟକ ରହିଛନ୍ତି। ସୂଚନାଯୋଗ୍ୟ ଗତ ଜୁଲାଇରେ ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଟେଷ୍ଟ ଖେଳୁଥିଲାବେଳେ ବଲ ବାଜି ପନ୍ତଙ୍କ ଗୋଡ ସାମାନ୍ୟ ଫାଟି ଯାଇଥିଲା। ଏହା ଫଳରେ ତାଙ୍କୁ ବିଶ୍ରାମ ନେବାକୁ କୁହାଯାଇଥିଲା। ଦକ୍ଷିଣ ଆଫ୍ରିକା-ଏ’ ବିପକ୍ଷରେ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳି ପନ୍ତ ତାଙ୍କ ଫିଟ୍‌ନେସ ସହ ମ୍ୟାଚ୍ ଫିଟ୍ ବୋଲି ପ୍ରମାଣ ଦେଇଛନ୍ତି। ସେ ମଧ୍ୟ ୯୦ ରନ୍ କରି ଦୀର୍ଘ ସମୟ କ୍ରିଜ୍‌ରେ ରହିପାରିବେ ବୋଲି ଜଣାଇଛନ୍ତି। ସେହିପରି ଇଂଲଣ୍ଡ ସିରିଜ୍‌ରେ ଆହତ ହୋଇଥିବା ଅନ୍ୟତମ ଖେଳାଳି ତଥା ଫାଷ୍ଟ ବୋଲର ଆକାଶ ଦୀପ୍‌ଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ୍ ସହ ଖେଳିଥିବା ଦୁଇ ଖେଳାଳି ତଥା ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ୱିକେଟ ରକ୍ଷକ ଏନ୍ ଜଗଦୀଶନଙ୍କୁ ଦଳରୁ ବାଦ୍ ଦିଆଯାଇଛି।

**ଘୋଷିତ ଦଳ:** ଶୁବମନ ଗିଲ (ଅଧିନାୟକ), ଋଷଭ ପନ୍ତ (ୱିକେଟରକ୍ଷକ/ ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ଆକାଶ ଦୀପ୍।

# ‘ଏ’ ଦିନିକିଆ ସିରିଜ୍‌ରେ ତିଳକ ଅଧିନାୟକ



**ନୂଆଦିଲ୍ଲୀ, ୫।୧୧ (ଏଜେନ୍ସି):** ଦକ୍ଷିଣ ଆଫ୍ରିକା-ଏ’ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ତିଳକ ବର୍ମାଙ୍କୁ ଭାରତ-ଏ’ ଦଳର ଅଧିନାୟକ ମନୋନୀତ କରାଯାଇଛି। ରାଜକୋଟରେ ନଭେମ୍ବର ୧୩ରୁ ଖେଳାଯିବାକୁ ଥିବା ଏହି ସିରିଜ୍ ଲାଗି ଋତୁରାଜ ଗାଏକ୍ୱାଡ୍‌ଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଅଭିଷେକ ଶର୍ମା, ରିୟାନ ପରାଗ, ଇଶାନ କିସାନଙ୍କ ଭଳି ଫ୍ରଣ୍ଟଲାଇନ୍ ବ୍ୟାଟରଙ୍କୁ ଦଳରେ ନିଆଯାଇଛି। ଟେଷ୍ଟ ଦଳରେ ସ୍ଥାନ ପାଇ ନ ଥିବା ଫାଷ୍ଟ ବୋଲର ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣା ମଧ୍ୟ ଏହି ଦଳରେ ମନୋନୀତ ହୋଇଛନ୍ତି। ରାଜକୋଟରେ ସମସ୍ତ ୩ଟି ଯାକ ମ୍ୟାଚ୍ ନଭେମ୍ବର ୧୩, ୧୬ ଓ ୧୯ ରେ ଖେଳାଯିବ।

**ଭାରତ-ଏ’ ଦଳ:** ତିଳକ ବର୍ମା(ଅଧିନାୟକ), ଋତୁରାଜ ଗାଏକ୍ୱାଡ୍ (ଉପଅଧିନାୟକ), ଅଭିଷେକ ଶର୍ମା, ରିୟାନ ପରାଗ, ଇଶାନ କିସାନ ଓ ପ୍ରଭସିମରନ ସିଂହ (ୱିକେଟ ରକ୍ଷକ), ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ବିପରାଜ ନିଗମ, ମାନବ ସୁତାର, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ ରାଣା, ଖଲୀଲ ଅହମ୍ମଦ୍।

## ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍

# ଆଜି ଖେଳାଳି ନିଲାମ

**ଭୁବନେଶ୍ୱର,୫।୧୧(ସମିସ):** ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଥିବା ସମ୍ମାନଜନକ ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍) ଲାଗି ଖେଳାଳି ନିଲାମ ଆସନ୍ତାକାଲି ବା ଗୁରୁବାର ଅନୁଷ୍ଠିତ ହେବ। ଏଥିଲାଗି ରାଜ୍ୟ ଓ ରାଜ୍ୟ ବାହାରର ଖେଳାଳି ନାମ ପଞ୍ଜୀକରଣ କରିଛନ୍ତି। ୧୨ଟି ଦଳକୁ ନେଇ ଏହି ଲିଗ ନଭେମ୍ବର ୧୪ରୁ ୧୬ ଯାଏ ଅନୁଷ୍ଠିତ ହେବ। ଆସନ୍ତାକାଲି ଖେଳାଳି ନିଲାମ ଭୁବନେଶ୍ୱରର ହୋଟେଲ ଲେମନ ଟ୍ରି’ରେ ଓ ନଭେମ୍ବର ୧୪ରୁ ଟୁର୍ଣ୍ଣାମେଣ୍ଟ ହୋଟେଲ ଲାଇଫ୍‌ରେ ଖେଳାଯିବ। ଅଲ୍ ଓଡ଼ିଶା ଚେସ ସଂଘ ଓ ଆଇକନିକ ସ୍ପୋର୍ଟ୍ସ ଫେଡେରେସନର ମିଳିତ ସହଯୋଗରେ ଏହି ପ୍ରିମିୟର ଟୁର୍ଣ୍ଣାମେଣ୍ଟ ଓଡ଼ିଶା ଚେସ୍ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଏହାର ଇଭେଣ୍ଟ ନିର୍ଦ୍ଦେଶକ ତଥା ନିଖିଳ ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ କହିଛନ୍ତି। ଆଇପିଏଲ୍-ଷ୍ଟାଇଲ ଫର୍ମାଟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ଓ ଆସନ୍ତାକାଲିର ନିଲାମିରେ ଖେଳାଳି, ପ୍ରାୟୋଜକ ଓ ଆୟୋଜକମାନେ ଉପସ୍ଥିତ ରହିବେ। ପଦ୍ମଶ୍ରୀ ଇଦା ଆର୍‌ଏସ୍‌ଆଇ ପୁତ୍ର ମାନୁବା ମୁଖ୍ୟ ଅତିଥିଭାବେ ଯୋଗ ଦେବେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଚେସ୍ ସଂଘ ବା ଏଆଇସିଏଫ୍‌ର ଅପରେସନ ହେଡ୍ ଅଜିତ କୁମାର ବର୍ମା, ଯୁଗ୍ମ ସମ୍ପାଦକ ମନୀଷ କୁମାର ଅନ୍ୟତମ ଅତିଥିଭାବେ ଉପସ୍ଥିତ ରହିବେ। ଅଙ୍କିତ କୁମାର ଦଲାଲ ନିଲାମ ପରିଚାଳନା କରିବେ।

## ସିକେ ନାଇଡୁ ଟ୍ରଫି

# ବିଦର୍ଭଠାରୁ ହାରିଲା ଓଡ଼ିଶା


**ଭୁବନେଶ୍ୱର,୫।୧୧(ସମିସ):** ଯାହା ଆଶଙ୍କା କରାଯାଇଥିଲା ତାହା ହୋଇଛି। କଟକର ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ ଗ୍ରାଉଣ୍ଡରେ ଚାଲିଥିବା ସିକେ ନାଇଡୁ ଟ୍ରଫିରେ ଭ୍ରମଣକାରୀ ବିଦର୍ଭଠାରୁ ଆୟୋଜକ ଓଡ଼ିଶା ୮୭ ରନ୍‌ରେ ହାରିଯାଇଛି। ଏହା ଫଳରେ ଦଳ ଗୋଟିଏ ହେଲେ ପଏଣ୍ଟ ହାସଲ କରିପାରି ନାହିଁ। ଏହି ମ୍ୟାଚ୍ ଜିତିବାକ ଓଡ଼ିଶା ଆଗରେ ୩୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଓମ୍‌ଟି ମୁଣ୍ଡେ ସର୍ବାଧିକ ୯୮ ଓ ଶ୍ରେୟାଂଶ ଭରଦ୍ୱାଜ ୭୫ ରନ୍ କରିଥିଲେ ମଧ୍ୟ ଅନ୍ୟ ବ୍ୟାଟରଙ୍କଠାରୁ ଭଲ ସହଯୋଗ ମିଳି ନ ଥିଲା। ଯାହା ଫଳରେ ବିନା ଲଢ଼େଇରେ ଓଡ଼ିଶା ଏହି ମ୍ୟାଚ୍‌କୁ ହାରିଯାଇଥିଲା। ବିଜୟୀ ଦଳର ଗୌରବ ଓ ଜଗଜ୍ୟୋତ ୪ଟି ଲେଖାଏଁ ୱିକେଟ ନେଇ ଓଡ଼ିଶାକୁ ପରାଜିତ କରିଥିଲେ।

ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଦର୍ଭର ୧୬୬ ରନ୍ ଜବାବରେ ଘରୋଇ ମାଟିରେ ଖେଳି ମଧ୍ୟ ଓଡ଼ିଶା ମାତ୍ର ୧୨୮ରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସରେ ଅଭିଷେକ ଅଗରୱାଲଙ୍କ ୧୩୪ ଓ ଜଗଜୋତଙ୍କ ୫୪ ରନ୍ ବଳରେ ବିଦର୍ଭର ଦ୍ୱିତୀୟ ଇନିଂସରେ ୩୧୬ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ଆୟୁଷ ବାରିକ୍ ୩ଟି ଓ ସୌମ୍ୟରଞ୍ଜନ ଲେଙ୍କା ୨ଟି ୱିକେଟ ପାଇଥିଲେ।



ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ଅବସରରେ ଟ୍ରଫି ସହ ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା କ୍ରିକେଟ୍ ଦଳ

# ୩୮ ବର୍ଷରେ ‘କିଙ୍ଗ୍ କୋହଲି’



**ନୂଆଦିଲ୍ଲୀ, ୫।୧୧ (ଏଜେନ୍ସି):** ଭାରତୀୟ କ୍ରିକେଟ୍‌ର ସୁପରଷ୍ଟାର୍ ତଥା ମହାନ ବ୍ୟାଟର୍ ବିରାଟ କୋହଲି ବୁଧବାର ୩୮ ବର୍ଷରେ ପାଦ ଥାପିଛନ୍ତି। ଏହି ଅବସରରେ ସାଥୀ ଖେଳାଳିଙ୍କଠାରୁ ଆରମ୍ଭ କରି ବହୁ ପୂର୍ବତନ କ୍ରିକେଟର୍ ଓ ଆଇପିଏଲ୍‌ରେ ତାଙ୍କ ଦଳ ଆର୍‌ସିବି ପକ୍ଷରୁ ‘କିଙ୍ଗ୍ କୋହଲି’ଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଆର୍‌ସିବି କୋହଲିଙ୍କ କ୍ରିକେଟ୍ କ୍ୟାରିୟରର ଉପଲବ୍ଧିକୁ ଉଲ୍ଲେଖ କରି ଶୁଭେଚ୍ଛା ଜଣାଇଛି। ବିରାଟ ୫ ନଭେମ୍ବର ୧୯୮୮ରେ ଦିଲ୍ଲୀର ଏକ ପଞ୍ଜାବୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୨୦୦୮ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା କୋହଲି ଅଦ୍ୟାବଧି ୧୨୩ ଟେଷ୍ଟ, ୩୦୫ ଦିନିକିଆ ଓ ୧୨୫ ଟି-୨୦ ମ୍ୟାଚ୍ ଖେଳିସାରିଛନ୍ତି। ତିନୋଟି ଯାକ ଫର୍ମାଟ୍‌ରେ ତାଙ୍କ ନାମରେ ୮୨ ଶତକ ଓ ୨୮ ହଜାରରୁ ଊର୍ଦ୍ଧ୍ୱ ରନ ଲିପିବଦ୍ଧ ରହିଛି। ୧୭ ବର୍ଷର କ୍ୟାରିୟରରେ ସେ ଆଇସିସି ଦିନିକିଆ ଓ ଟି-୨୦ ବିଶ୍ୱକପ୍ ସହ ଚାମ୍ପିଅନ୍ସ ଟ୍ରଫି, ଆଇପିଏଲ୍ ଚାମ୍ପିଅନ ଓ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟ୍ରଫି ଜିତିଛନ୍ତି। ଟେଷ୍ଟ ଓ ଟି-୨୦ ଫର୍ମାଟ୍‌ରୁ ଅବସର ନେଇସାରିଥିବା କୋହଲି ଏବେ କେବଳ ଦିନିକିଆ ଫର୍ମାଟ୍‌ରେ ଖେଳ ଜାରି ରଖିଛନ୍ତି।

# ଆର୍‌ସିବିକୁ ମିଳିବ ନୂଆ ମାଲିକ

**ମୁମ୍ବଇ, ୫।୧୧ (ଏଜେନ୍ସି):** ଆଇପିଏଲ୍‌ରେ ଦର୍ଶକଙ୍କ ସବୁଠୁ ପସନ୍ଦଯୋଗ୍ୟ ଫ୍ରାଞ୍ଚାଇଜ୍ ତଥା ସୁପରଷ୍ଟାର ବିରାଟ କୋହଲିଙ୍କ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ବିକିବା ଲାଗି ଆନୁଷ୍ଠାନିକ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ମହିଳା ପ୍ରିମିୟର ଲିଗ୍ ଓ ଆଇପିଏଲ୍‌ରେ ଆର୍‌ସିବିର ମାଲିକ ରହିଥିବା ବ୍ରିଟେନର ମଦ କମ୍ପାନୀ ‘ଡିଆଜିଓ’ ପକ୍ଷରୁ ଫ୍ରାଞ୍ଚାଇଜକୁ ବିକ୍ରି ଲାଗି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ଓ ଆରସିବିକୁ ନୂଆ ମାଲିକ ମିଳିବା ଆଶା କରାଯାଉଛି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୟୁନାଇଟେଡ ସ୍ପିରିଟ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ କମ୍ପାନୀ ରୟାଲ ଚ୍ୟାଲେଞ୍ଜର୍ସ ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍‌ରେ ଏହାର ନିବେଶର ‘ଷ୍ଟ୍ରାଟେଜିକ ରିଭ୍ୟୁ’ କରୁଛି।

## ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫି

# ଓମ୍‌ଙ୍କୁ ଓଡ଼ିଶା ଦଳର ନେତୃତ୍ୱ

**ଭୁବନେଶ୍ୱର, ୫।୧୧ (ସମିସ):** ଆଗାମୀ ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫି ଲାଗି ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରଥମ ୩ଟି ମ୍ୟାଚ୍ ଲାଗି ୧୮ ଜଣିଆ ଦଳ ଘୋଷିତ ହୋଇଥିବାବେଳେ ବ୍ୟାଟର୍ ଓମ୍ ଟି. ମୁଣ୍ଡେଙ୍କୁ ନେତୃତ୍ୱ ଦିଆଯାଇଛି। ଓଡ଼ିଶା ନଭେମ୍ବର ୯ରେ ଗୋଆକୁ ଭେଟିବ। **ଘୋଷିତ ଓଡ଼ିଶା ଦଳ:** ସାଇଦୀପ୍ ମହାପାତ୍ର, ଓମ୍ ଟି. ମୁଣ୍ଡେ (ଅଧିନାୟକ), ପାନକଳ ଶଶାଙ୍କ, ଶ୍ରେୟାଂଶ ଭରଦ୍ୱାଜ, ସୁଜଳ ସିଂ, ଦୀନେଶ ମାଝୀ ଓ ଆଶୀର୍ବାଦ ସ୍ୱାଇଁ, ବିମଳ କୁମାର, ଏମ୍‌ଡି ଦାନିଶ, ସୌମ୍ୟରଞ୍ଜନ ଲେଙ୍କା, ଆୟୁଷ ବାରିକ, ସୟେଦ ଟଫେଲ ଅହମ୍ମଦ, ସମ୍ବିତ ବେଜ, ଆଶୁତୋଷ ଛୁରିଆ, ବିଭାଶ ଶ’, ଜ୍ଞାନରଞ୍ଜନ ନାୟକ, ଅଂଶୁମାନ ବେଜ ଓ ଶୁଭମ ପ୍ରିୟଦର୍ଶୀ।

# ଜୁନିଅର ହକି ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ



**ଚେନ୍ନଇ, ୫।୧୧ (ଏଜେନ୍ସି):** ଚଳିତ ମାସ ଶେଷ ଭାଗରେ ଖେଳାଯିବାକୁ ଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ଟ୍ରଫିକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ବୁଧବାର ଉନ୍ମୋଚିତ କରିଛନ୍ତି। ଏଥିଲାଗି ତାମିଲନାଡୁ ସେକ୍ରେଟାରୀଏଟ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଥୀରୁ ଉଦୟନିଧି ଷ୍ଟାଲିନ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ସମ୍ପାଦକ ଭୋଲାନାଥ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ଦୁଇ ସହର ଚେନ୍ନଇ ଓ ମଦୁରାଇରେ କନିଷ୍ଠ ହକି ବିଶ୍ୱକପ୍ ଖେଳାଯିବ। ଜୁନିଅର ପୁରୁଷ ବିଶ୍ୱକପ୍ ଇତିହାସରେ ଏଥର ପ୍ରଥମଥର ଲାଗି ୨୪ଟି ଦଳ ଅଂଶଗ୍ରହଣ କରିବେ। ଓମାନ, ଚିଲି ଓ ସୁଇଜରଲାଣ୍ଡ ସହ ଆୟୋଜକ ଭାରତ ପୁଲ୍-ବି’ରେ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଚିଲି ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ, ଭାରତ ଦୁଇଥର (୨୦୦୧ ଓ ୨୦୧୬) ଜୁନିଅର ହକି ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛି।

## ପ୍ରଥମ ଟି-୨୦: ସାଣ୍ଟନରଙ୍କ ଲଢୁଆ ଅର୍ଦ୍ଧଶତକ ବିଫଳ

# ୱେଷ୍ଟଇଣ୍ଡିଜ ବିଜୟୀ

**ଅକ୍‌ଲାଣ୍ଡ, ୫।୧୧ (ଏଜେନ୍ସି):** ଅଧିନାୟକ ମିଚେଲ ସାଣ୍ଟନରଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ବୁଧବାର ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଘରୋଇ ନ୍ୟୁଜିଲାଣ୍ଡ ୭ ରନରେ ୱେଷ୍ଟଇଣ୍ଡିଜ ନିକଟରୁ ପରାସ୍ତ ହୋଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍‌ଙ୍କ ୫୩ ରନ ଏବଂ ରୋଭମାନ ପାୱେଲ (୩୩ ରନ) ଓ ରୋଷ୍ଟନ ଚେଜ୍ (୨୮ ରନ)ଙ୍କ ଉପଯୋଗୀ ପାଳି ବଳରେ ୬ ୱିକେଟ୍ ହରାଇ ୧୬୪ ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ନିୟମିତ ବ୍ୟବଧାନରେ ୱିକେଟ ହରାଇବା ଫଳରେ ୧୬.୪ ଓଭରବେଳକୁ ୧୦୭ ରନରେ ଦଳର ୯ଜଣ ବ୍ୟାଟର୍ ପ୍ୟାଭିଲିୟନ ଫେରିଯାଇଥିଲେ। ବିଜୟ ଲାଗି ଶେଷ ୨୦ଟି ବଲରେ ନ୍ୟୁଜିଲାଣ୍ଡକୁ ୫୮ ରନ ଆବଶ୍ୟକ ହେଉଥିଲା। ଅନ୍ତିମ ୱିକେଟରେ ଏହା ଅସମ୍ଭବ ମନେ ହେଉଥିଲେ ମଧ୍ୟ ୧୧ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଜ୍ୟାକବ ଡଫିଙ୍କୁ ସାଥୀ କରି ସାଣ୍ଟନର ୫୦ ରନ ସଂଗ୍ରହ କରିଥିଲେ। ୮ଟି ଚୌକା ଓ ୨ଟି ଛକା ବଳରେ ସାଣ୍ଟନର ଅପରାଜିତ ୫୫ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ୨୮ ରନ ସହ ବୋଲିଂରେ ୩ଟି ୱିକେଟ ନେଇଥିବା ରୋଷ୍ଟନ ଚେଜ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।


PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ

EXECUTIVE EDITOR: SAMARENDU DAS